
ଧରିତ୍ରୀ
DHARITRI
ବ୍ରହ୍ମପୁର, ରବିବାର, ସେପ୍ଟେମ୍ବର ୨୬/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Berhampur, Sunday, September 26/2021 | ★★★
୧୭ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଲୋଭ ଦେଖାଇ ଲୁଟିନେଲା

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର,୨୫।୯**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରିଠାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା କମ୍ପାନୀ ରହିଛି। ଗତ ୧୬ ତାରିଖରେ ଏହି କମ୍ପାନୀର ଉତ୍ପାଦନ କ୍ଷମତା ୧.୫ ନିୟୁତ ଟନ୍‌ରୁ ୨ ନିୟୁତ ଟନ୍‌କୁ ବୃଦ୍ଧି କରାଯାଇଛି। ଆଉ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରି ଓଡ଼ିଶା ବିକାଶରେ ଆଦିତ୍ୟ ବିର୍ଲା ଗ୍ରୁପ୍ ସକାରାତ୍ମକ ଭୂମିକା ଗ୍ରହଣ କରିଥିବା କହିଛନ୍ତି। ଟିକିରିରେ ଅବସ୍ଥିତ ଏହି କମ୍ପାନୀ ଅଞ୍ଚଳର ଚାରିପାଖ ବୁଲି ଲୋକଙ୍କ ମତାମତ ନେବାପରେ ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ଅସତ୍ୟ କୁହାଇ ଉତ୍କଳ ଆଲୁମିନା କମ୍ପାନୀ ନିଜ ଲାଭ ବଢ଼ାଇବାକୁ ଯେଉଁ ମସୁଧା କରିଥିଲା ସେଥିରେ ସଫଳ ହୋଇଥିବା ସ୍ପଷ୍ଟ ହୋଇଛି। ବିର୍ଲା କମ୍ପାନୀର ଏହି ଷଡ଼ଯନ୍ତ୍ରକୁ ସଫଳ କରିବା ଲାଗି ରାୟଗଡ଼ା ଜିଲାର ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀମାନେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ଉତ୍କଳ ଆଲୁମିନା କମ୍ପାନୀ ପ୍ରତିଷ୍ଠା ପାଇଁ ସର୍ବସ୍ୱ ହରାଇଥିବା ସ୍ଥାନୀୟ ଲୋକଙ୍କୁ ଦୁଃଖ, ଦାରିଦ୍ର୍ୟ ଭିତରକୁ ଠେଲିଦେଇ ସେମାନଙ୍କ ସମସ୍ୟା ସମାଧାନ ପରିବର୍ତ୍ତେ ବିର୍ଲାର ଉତ୍ପାଦନ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ସଫଳ କରିବାକୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ତତ୍ପରତା ହିଁ ଏ କଥାକୁ ପ୍ରମାଣ କରୁଛି। ଏ ସମ୍ପର୍କରେ ଧରିତ୍ରୀ ପକ୍ଷରୁ ଏକ ବିଶେଷ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ସ୍ଥାନୀୟ ସାମ୍ବାଦିକମାନେ ସାହସ ଜୁଟାଇ ବିର୍ଲା କମ୍ପାନୀ ସମ୍ପର୍କରେ କୌଣସି ତଥ୍ୟ ଦେଇପାରୁ ନାହାନ୍ତି।


ADITYA BIRLA UTKAL

Ref : UAIL/HR/93/2009 — 9 May, 2009

Mr. Suresh Naik
S/o. Mr. Lalamani Naik
Village : Dwimundi
Dist. Rayagada – Orissa.

Sub : Letter of Appointment

The company is pleased to engage your services as a probationary worker with effect from 13 May 2009.

On joining, you will be put on probation initially for a period of six months. During the period of probation you shall be assigned work as deemed suitable and appropriate by the Management.

On successful completion of the period of probation you shall be put on training considered appropriate for you, taking into consideration your age, qualification and other attributes and performance during the probation period, for a period of one year.

Other terms & conditions of your engagement shall be as follows :

1. During the period of probation you shall be paid a consolidated wage of Rs.1820 (Rupees One Thousand Eight Hundred Twenty Only) per month, which shall be reviewed for enhancement on successful completion of probation.
2. You will be present for duty throughout the eight (08) hrs per day at your assigned place of work.
3. You will carry out the work as assigned to you from time to time to the satisfaction of your Supervisors.
4. Wages will not be paid for the days of any unauthorized absence from the place of work.
5. Your engagement is liable for termination in case
   a) Your performance is found unsatisfactory.
   b) You or any member of your family are found involved directly or indirectly in activities which are detrimental to the interest of the company in any manner.
   c) You are found to be unauthorized absent for more than even days.

1 of 2

UTKAL ALUMINA INTERNATIONAL LIMITED
Raniguda Farm Lane, Rayagada - 765 001, Orissa, INDIA

ଡିମିଣ୍ଡି ଗାଁର ସୁରେଶ ନାଏକଙ୍କୁ ଉତ୍କଳ ଆଲୁମିନା ପକ୍ଷରୁ ଦିଆଯାଇଥିବା ନିଯୁକ୍ତିପତ୍ର।

ସେଥିପାଇଁ ସ୍ଥାନୀୟ ଲୋକଙ୍କ ମନରେ ଗଣମାଧ୍ୟମ ପାଇଁ ଖୋଲାଖୋଲି କ୍ରୋଧ ପ୍ରକାଶ ପାଇଛି। ଏତେବଡ଼ ଏକ ପ୍ରକଳ୍ପ, ପ୍ରବଳ ମାତ୍ରାରେ ଜମି ଅଧିଗ୍ରହଣ ହେବାରେ ଲାଗିଛି, ଭୂତଳ ଜଳ ବ୍ୟବହାର କରାଯାଉଥିବା ଯୋଗୁ ପାନୀୟ ଜଳର ଅଭାବ ଭଳି ଅନେକ ବିଷୟକୁ ଜିଲା ପ୍ରଶାସନର ଉଚ୍ଚପଦସ୍ଥ ଅଫିସରମାନେ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରୁଥିବାର ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳେ। ସ୍ଥାନୀୟ ଲୋକେ ବିରକ୍ତି ପ୍ରକାଶ କରିବା ସହ କହୁଛନ୍ତି ନ୍ୟୁଜ ବାଲା ବିକ୍ରି ହୋଇଗଲେଣି।

ରାୟଗଡ଼ା ସହରଠାରୁ ଟିକିରି ୫୦ କି.ମି. ଦୂର ହେବ। ଟିକିରି ବଜାରଠାରୁ ନୂଆପଡ଼ା ଗଲେ ସେଠାରେ ହାଡିଗୁଡ଼ା ପଞ୍ଚାୟତର ଡିମିଣ୍ଡି ଗ୍ରାମ ପଡ଼ିବ। ଏହି ଗାଁରେ ପହଞ୍ଚିବା ପରେ ସୁରେଶ ନାଏକଙ୍କ ଘରକୁ ଯାଇଥିଲୁ। ସୁରେଶଙ୍କ ସହିତ ରୂପେନ ନାଏକ ବସି କଥା ହେଉଥିଲେ। ତାଙ୍କ ପାଖରେ ବସିପଡ଼ି ଭୁବନେଶ୍ୱରରୁ ଗଣମାଧ୍ୟମ ପ୍ରତିନିଧି ଆସିଛୁ, ଗାଁର କ'ଣ ସବୁ ସମସ୍ୟା ରହିଛି ବୋଲି ପଚାରିଥିଲୁ। ଏତିକିରେ ସୁରେଶ ତାଙ୍କ ଘର ଭିତରକୁ ଚାଲିଯାଇ ଏକ ନିଯୁକ୍ତିପତ୍ର ଧରି ବାହାରକୁ ଆସିଲେ। ସେ କହିଲେ, ଦେଖନ୍ତୁ ୨୦୦୯ ମସିହାରେ ଆଦିତ୍ୟ ବିର୍ଲା କମ୍ପାନୀ ଏହା ଦେଇଥିଲା। ☞ପୃଷ୍ଠା–୪




ଦେଖନ୍ତୁ ଭିଡିଓ ▼
YouTube /dharitrilive

# ଜାତିସଂଘରେ ମୋଦି: ପାକିସ୍ତାନକୁ କଡ଼ା ବାର୍ତ୍ତା

**ଜାତିସଂଘ, ୨୫।୯**

ବିକାଶ ବିରୋଧୀ ଚିନ୍ତାଧାରାର କେତେକ ଦେଶ ଆତଙ୍କବାଦକୁ ରାଜନୈତିକ ଅସ୍ତ୍ର କରିଛନ୍ତି। ଏହା ସେମାନଙ୍କ ପାଇଁ ସମାନ ବିପଦ, ଏକଥାକୁ ଉକ୍ତ ରାଷ୍ଟ୍ରଗୁଡ଼ିକ ହୃଦୟଙ୍ଗମ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାତିସଂଘ ସାଧାରଣ ସଭାର ୭୬ତମ ଅଧିବେଶନକୁ ସମ୍ବୋଧନ କରି କହିଛନ୍ତି। ଆତଙ୍କବାଦୀଙ୍କ ଭୂସ୍ୱର୍ଗ ଭାବେ ପରିଚିତ ପାକିସ୍ତାନର ନାଁ ନ ନେଇ ମୋଦି ଏହି ବାର୍ତ୍ତା ଦେଇଛନ୍ତି। ନିୟମାବଳୀ ଆଧାରିତ ଅନ୍ତର୍ଜାତୀୟ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେଲେ ଅନ୍ତର୍ଜାତୀୟ ସମୁଦାୟଙ୍କୁ ମିଳିତ ସ୍ୱର ଉଠାଇବାକୁ ହେବ ବୋଲି ପରୋକ୍ଷରେ ଚାଇନାକୁ ଇଙ୍ଗିତ କରି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**
## ବିତର୍କର ଅଭାବ

# କମ୍ ବହିବ, ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ଉତ୍ତର-ପଶ୍ଚିମ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟା ରୂପ ନେଇଛି। ଏହା ପଶ୍ଚିମ ଦିଗ ଦେଇ ଘଣ୍ଟା ପ୍ରତି ୧୭ କିଲୋମିଟର ବେଗରେ ଉପକୂଳକୁ ମାଡ଼ିଆସୁଛି। ବାତ୍ୟା 'ଗୁଲାବ' ଗୋପାଳପୁରଠାରୁ ପୂର୍ବ ଦକ୍ଷିଣ ପୂର୍ବ ଦିଗରେ ୩୫୦ କି.ମି. ଏବଂ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍‌ଠାରୁ ପୂର୍ବ ଉତ୍ତର ପୂର୍ବ ଦିଗର ୪୦୦ କି.ମି ଦୂରରେ କେନ୍ଦ୍ରୀଭୂତ ହୋଇଛି। ୨୬ ତାରିଖ ସନ୍ଧ୍ୟାରେ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ କଳିଙ୍ଗପଟନମ୍ ଏବଂ ଗୋପାଳପୁର ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଘଣ୍ଟା ପ୍ରତି ୬୫ରୁ ୭୫ କି.ମି. ବେଗରେ ପବନ ବହିବ। ସ୍ଥଳଭାଗ ଅତିକ୍ରମ କରିବା ବେଳେ ଏହାର ବେଗ ଆହୁରି ବଢ଼ିଯିବ। ଘଣ୍ଟା ପ୍ରତି ୭୦ରୁ ୯୦ କିଲୋମିଟର ଏବଂ ବେଳେ ବେଳେ ଏହା ୧୦୦ କିଲୋମିଟର ବେଗରେ ବହିପାରେ। ବାତ୍ୟାରେ ପବନର ବେଗ

### ବାତ୍ୟା 'ଗୁଲାବ' ପ୍ରଭାବରେ ବଂଶଧାରା, ନାଗାବଳୀରେ ବନ୍ୟା ଆଶଙ୍କା

କମ୍ ରହିଲେ ମଧ୍ୟ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ପ୍ରଭାବରେ ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, ଗଜପତି, କୋରାପୁଟ ଏବଂ ମାଲକାନଗିରି ଜିଲାରେ ପ୍ରବଳରୁ ଅତିପ୍ରବଳ (୨୦ ସେଣ୍ଟିମିଟରରୁ ଅଧିକ) ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ବୌଦ୍ଧ, ସୋନପୁର, ☞ପୃଷ୍ଠା–୪

# ପୋଲିସ ମାଡ଼ରେ ଯୁବକ ମୃତ



ବରଗଡ଼ ଏସ୍‌ପି ଅଫିସ ଆଗରେ ବିକ୍ଷୋଭକାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଛି ପୋଲିସ।

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ଜିଲା ଟାଉନ ଥାନା ପୋଲିସ ହେପାଜତରେ ଥିବାବେଳେ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ସହର ଉପକଣ୍ଠ ତୋରା ପଞ୍ଚାୟତ ୱାର୍ଡ ନଂ–୨୧ ବାସିନ୍ଦା ଗୋବିନ୍ଦ କୁମ୍ଭାର(୨୫)। ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗୋବିନ୍ଦଙ୍କୁ ଘରୁ ଉଠାଇ ଆଣିଥିଲା ଏବଂ ତାଙ୍କୁ ପିଟିପିଟି ମାରି ଦେଇଥିବା ମୃତକଙ୍କ ପରିବାର ଲୋକେ ଏବଂ ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ଲୋକଙ୍କ ଉପରକୁ ଲାଠିମାଡ଼ କରିଥିଲା। ପୋଲିସ ଲାଠିମାଡ଼ରେ ଜଣେ ଯୁବକ ଆହତ ହୋଇଥିବା ସୂଚନା ମିଳିଛି। ଏ ନେଇ ଅତିରିକ୍ତ ଏସପି ଦିଲୀପ କୁମାର ବାଗ କହିଛନ୍ତି, ମୃତ ଯୁବକ ଗୋବିନ୍ଦ ଟାଉନ ଥାନାର ଏକ ମାରପିଟ୍ ମାମଲା (ନଂ.୩୧୭/୨୧)ର ଅଭିଯୁକ୍ତ ଥିଲେ। ସେ ଗ୍ରାମରୁ ଅନ୍ୟତ୍ର ଫେରାର ହୋଇଯିବା

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଆଶଙ୍କା ରହିଥିଲା। ଫଳରେ ଶୁକ୍ରବାର ରାତ୍ରିରେ ପୋଲିସ ଗୋବିନ୍ଦଙ୍କୁ ତାଙ୍କ ଘରୁ ଥାନାକୁ ଆଣି ଅଟକ ରଖିଥିଲା। ଶନିବାର ସକାଳେ ଗୋବିନ୍ଦଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଏବଂ ପରେ ଖେଦାପାଲିସ୍ଥିତ ନୂଆ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ☞ପୃଷ୍ଠା–୪







KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୨୧,୧୦,୪୦୭ | ୪୭,୫୪,୩୮୨ | ୨୦,୮୭,୩୨,୩୫୬ |
| ଭାରତ | ୩,୩୬,୫୦,୭୭୮ | ୪,୪୬,୯୪୩ | ୩,୨୮,୯୩,୫୨୧ |
| ଓଡ଼ିଶା | ୧୦,୨୩,୭୩୫ | ୮୧୭୦(+୫୩) | ୧୦,୦୯,୫୮୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# 'ବିଚାର ବ୍ୟବସ୍ଥା ଲୋକାଭିମୁଖୀ ହେଉ'

**କଟକ ଅଫିସ, ୨୫।୯**

ବିଚାର ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ଉପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଗୁରୁତ୍ୱାରୋପ କରିଛନ୍ତି। କଟକରେ ଶନିବାର ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ନୂତନ ବିଲ୍ଡିଂ ଉଦ୍‌ଘାଟନ କରିବା ଅବସରରେ ଜାତୀୟ ଆଇନ ସେବା ପ୍ରାଧିକରଣର ଚିଫ୍ ପାଟ୍ରନ ରମନା କହିଥିଲେ ଯେ, ଅଦାଲତଗୁଡ଼ିକରେ ଜଟିଳ ବିଚାର ବ୍ୟବସ୍ଥା ଏବଂ ବ୍ୟବହାର ହେଉଥିବା ଭାଷା ଆମ ସାମାଜିକ ପରମ୍ପରା ସହିତ ଅପରିଚିତ। ଏପରି କି ସ୍ୱାଧୀନତାର ୭୪ବର୍ଷ ପରେ ମଧ୍ୟ ଏବେ ବି ଦେଶର ଅନେକ ସ୍ଥାନରେ ପରମ୍ପରା ଓ କୃଷିଭିତ୍ତିକ ସମାଜ ଯାହାକି ପାରମ୍ପରିକ ଚଳଣିକୁ ଗୁରୁତ୍ୱ ଦେଉଛି। ସେହି ବ୍ୟବସ୍ଥା ମଧ୍ୟରେ ଚଳି ଆସୁଥିବା ଲୋକମାନେ ଅଦାଲତଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଅଦାଲତର ବ୍ୟବସ୍ଥା, ବିଧି, ଭାଷା ଏବଂ ବିଚାର ପ୍ରକ୍ରିୟା ସେମାନଙ୍କ ପାଇଁ ଅପରିଚିତ ଭଳି ମନେ ହେଉଛି। ସଂକ୍ଷିପ୍ତ ଆଇନ(ବେୟାର ଆକ୍ଟ) ଗୁଡ଼ିକର ଜଟିଳ ଭାଷା ଏବଂ ବିଚାର ପ୍ରଦାନ ବ୍ୟବସ୍ଥା ମଧ୍ୟରେ ସାଧାରଣ ଲୋକ ତା'ର ଅଭିଯୋଗର ଭାଗ୍ୟକୁ ନେଇ ଭରସା ହରାଇ ବସିଥାଏ। ପ୍ରାୟତଃ ଏହି ପଥରେ, ଜଣେ ନ୍ୟାୟ ଖୋଜୁଥିବା ବ୍ୟକ୍ତି ବିଚାର ବ୍ୟବସ୍ଥା ପରିଧି ବାହାରର ବୋଲି ଅନୁଭବ କରିଥାଏ। କଠୋର ବାସ୍ତବତା ହେଉଛି ଯେ ସାମାଜିକ ବାସ୍ତବତା ଏବଂ ଏହାର କାର୍ଯ୍ୟକାରିତାକୁ ଧ୍ୟାନ ଦେବାରେ ଆଇନ ବ୍ୟବସ୍ଥା ବିଫଳ ହୋଇଛି ବୋଲି ସିଜେଆଇ ରମନା କହିଛନ୍ତି। ସମାଜର ସାଧାରଣ ମଣିଷଟିଏ ତାର ଅଧିକାର ନ ପାଇବା ପର୍ଯ୍ୟନ୍ତ ସାମ୍ବିଧାନିକ ନ୍ୟାୟ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉଥିବା ଭାବିବା ଉଚିତ ହେବନାହିଁ। କଟକ ଆଇନ ସେବା ଭବନ ଆଇନଗତ ସେବା ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସିଜେଆଇ କହିଥିଲେ। ଗତ ସପ୍ତାହରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନ୍ୟାୟପାଳିକା ଭାରତୀୟକରଣ ହେଉ ବୋଲି କହିଥିଲେ। ବିଧାନସଭା ଆଇନଗୁଡ଼ିକର ପୁନର୍ବିଚାର କରିବା ଏବଂ ସମୟର ଆବଶ୍ୟକତା ଅନୁଯାୟୀ ସେଗୁଡ଼ିକରେ ସଂସ୍କାର ଆଣିବା ଆବଶ୍ୟକ। କାରଣ ଆମର ନିୟମ ବ୍ୟବହାରିକ ଓ ବାସ୍ତବତା ସହିତ ମେଳ ଖାଇବା ଜରୁରୀ। ସେହିପରି କାର୍ଯ୍ୟନିର୍ବାହୀ ସଂପୃକ୍ତ ନିୟମକୁ ସରଳ କରି ଏହି ପ୍ରୟାସଗୁଡ଼ିକୁ ମେଳାଇବାକୁ ପଡିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ଯ୍ୟନିର୍ବାହୀ ଏବଂ ବିଧାନସଭା ଏକତ୍ର କାର୍ଯ୍ୟ କରିବା ଉଚିତ ବୋଲି ସିଜେଆଇ ରମନା କହିଛନ୍ତି।

ସ୍ଥାନୀୟ ସିଡିଏ ସେକ୍ଟର-୧ରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣର ନୂତନ କୋଠା(ଆଇନ ସେବା ଭବନ) ଉଦ୍‌ଘାଟନକୁ ସିଜେଆଇ ରମନା ଓଡ଼ିଶାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଆଇନ ସେବା ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନିଃସ୍ୱାର୍ଥପର ସେବାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମ ନେଇଥିଲେ। ଏଥିସହ ସିଜେଆଇ ଦିନ ନୁହେଁ, କର୍ମ ଜୀବନର ମାନଦଣ୍ଡ ବୋଲି ମନେପକାଇ ଦେଇଥିଲେ। ସେ ଆହୁରି କହିଥିଲେ, ସମସ୍ତଙ୍କୁ ସମାନ ନ୍ୟାୟ ମିଳିବାପାଇଁ ଭାରତୀୟ ସମ୍ବିଧାନରେ ଉଲ୍ଲେଖ ରହିଛି। ଜୁଡିସିଆଲ ଭିତ୍ତିଭୂମିର ଅଗ୍ରଗତି ନିମନ୍ତେ ଉଦ୍ୟମ ପାଇଁ ଜଷ୍ଟିସ ରମନା ରାଜ୍ୟ ସରକାର ଓ ଆଡ୍‌ଭୋକେଟ ଜେନେରାଲଙ୍କୁ ଧନ୍ୟବାଦ ଦେଇଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଲୋକଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେଇଆସୁଛି। ଆଗାମୀ ଦିନରେ ଓଡିଶାର କୌଣସି ବ୍ୟକ୍ତି ଯେପରି ଆଇନ ସେବାରୁ ବଞ୍ଚିତ ହେବେ ନାହିଁ, ସେଥିପ୍ରତି ପ୍ରାଧିକରଣ ଓ ହାଇକୋର୍ଟ ଆଇନ ସେବା କମିଟି ଅଧିକ ଯତ୍ନବାନ ହେବେ। ସେହିପରି ଜୁଡିସିଆରିରେ ଦିନକୁ ଦିନ ଅଧିକ ସଂଖ୍ୟାରେ ମହିଳାମାନଙ୍କର ଭାଗୀଦାରିତା ଦେଖାଦେଉଛି, ଯାହାକି ଏକ ଭଲ ଲକ୍ଷଣ ବୋଲି ଜଷ୍ଟିସ ମୁରଲୀଧର ମତପ୍ରକାଶ କରିଥିଲେ। ସୁପ୍ରିମକୋର୍ଟ ବିଚାରପତି ଭିନୀତ ଶରଣ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଥିବାବେଳେ ପ୍ରାଧୀକରଣର ଜମି ଅଧିକୃତ ହୋଇଥିଲା। ଆଜି ଏହି କୋଠାର ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ୟୁ.ୟୁ. ଲଳିତ, ଜଷ୍ଟିସ ଭୀନିତ ଶରଣ ଓ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲୀଧର, ହାଇକୋର୍ଟର ସମସ୍ତ ବିଚାରପତି, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ଗୃହ ବିଭାଗ ସଚିବ ସଞ୍ଜୀବ ଚୋପ୍ରା, ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ଜେ.କେ. ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ସେବା ଭବନରେ ସିଜେଆଇଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

## ରାଜ୍ୟ ଆଇନ ସେବା ପ୍ରାଧିକରଣ ବିଲ୍ଡିଂ ଉଦ୍‌ଘାଟନ

## ଗୋପବନ୍ଧୁଙ୍କ ସେବା କଥା ମନେ ପକାଇଲେ




କଟକ ସିଡିଏ-୧ରେ ନବନିର୍ମିତ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ନୂତନ ବିଲ୍ଡିଂକୁ ପ୍ରଧାନ ବିଚାରପତି ଏନ୍.ଭି. ରମନା ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ସୁପ୍ରିମ୍‌କୋର୍ଟ ବିଚାରପତି ୟୁ.ୟୁ. ଲଳିତ, ଜଷ୍ଟିସ ଭୀନିତ ଶରଣ, ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା।

**'କଠୋର ବାସ୍ତବତା ହେଉଛି, ସାମାଜିକ ବ୍ୟବସ୍ଥା ଏବଂ ଏହାର କାର୍ଯ୍ୟକାରିତାକୁ ଧ୍ୟାନ ଦେବାରେ ଆଇନ ବ୍ୟବସ୍ଥା ବିଫଳ'**
**- ଏନ୍.ଭି.ରମନା, ସିଜେଆଇ**

# ମହାପ୍ରଭୁଙ୍କୁ ଦର୍ଶନ କଲେ ପ୍ରଧାନ ବିଚାରପତି

**ପୁରୀ ଅଫିସ,୨୫।୯**

ଓଡ଼ିଶା ଗସ୍ତରେ ଆସିଥିବା ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଏନ୍.ଭି. ରମନା ଶନିବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳ ପ୍ରାୟ ୭ଟା ୪୫ ମିନିଟ୍‌ରେ ସେ ଶ୍ରୀମନ୍ଦିରରେ ପ୍ରବେଶ କରିଥିବାବେଳେ ପାଖପାଖି ୪୫ ମିନିଟ୍ ସମୟ ଅତିବାହିତ କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର, ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି କନ୍‌ୱର ବିଶାଲ ସିଂ ସ୍ୱାଗତ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସମ୍ମୁଖରେ ଉପସ୍ଥିତ ଥିଲେ। ପ୍ରଧାନ ବିଚାରପତି ବାଇଶ ପାହାଚ ଦେଇ ଶ୍ରୀମନ୍ଦିର ପ୍ରବେଶ କରି ଗର୍ଭଗୃହ ମଧ୍ୟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ମହାଲକ୍ଷ୍ମୀ, ମା' ବିମଳା ଓ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଛନ୍ତି। ପ୍ରଧାନ ବିଚାରପତିଙ୍କ କୌଳିକ ପଣ୍ଡା ରଜତ ପ୍ରତିହାରୀ ଉପସ୍ଥିତ ରହି ତାଙ୍କୁ ଶ୍ରୀମନ୍ଦିର ପରିସରରେ ବିଭିନ୍ନ ସ୍ଥାନ ବୁଲାଇଥିଲେ। ପ୍ରଧାନ ବିଚାରପତି ରମନା ନୂତନ ଭାବେ ଲାଗିଥିବା ରୁପା ଛାଉଣି କବଟାର କାର୍ଯ୍ୟ ଦେଖି ଆନନ୍ଦିତ ହୋଇଥିବା ବେଳେ ଶ୍ରୀମନ୍ଦିର ପରିକ୍ରମା ଯୋଜନାର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶୁକ୍ରବାର ରାତ୍ରିରେ ପ୍ରଧାନ ବିଚାରପତି ଶ୍ରୀମନ୍ଦିର ସୁରକ୍ଷା କରିଡର ଯୋଜନା ବୁଲି ଦେଖିଥିଲେ। ଶ୍ରୀମନ୍ଦିର ଭିତରକୁ ଯିବା ବେଳେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ପୁରୀ ଜିଲା ଜଜ୍, ଏଏସ୍‌ଆଇ ଅଧିକାରୀ ଅରୁଣ ମଲ୍ଲିକ ଓ ଅନ୍ୟ ଅଧିକାରୀମାନେ ସାଙ୍ଗରେ ଶ୍ରୀମନ୍ଦିର ଯାଇଥିଲେ। କୌଳିକ ପଣ୍ଡା ରଜତ ପ୍ରତିହାରୀ କହିଛନ୍ତି ଯେ, ଶ୍ରୀମନ୍ଦିର ମଧ୍ୟରେ ପ୍ରଧାନ ବିଚାରପତି ଆନନ୍ଦିତ ମନରେ ସମସ୍ତ ସ୍ଥାନ ବୁଲି ଦେଖିଛନ୍ତି। ମହାପ୍ରଭୁଙ୍କ ନିକଟରେ କରୋନାରୁ ବିଶ୍ୱକୁ ମୁକ୍ତ କରିବା ପାଇଁ ସେ ପ୍ରାର୍ଥନା କରିଥିବା କୌଳିକ ପଣ୍ଡା କହିଛନ୍ତି।

## ୨୪ ଘଣ୍ଟାରେ ୭୯ ଶିଶୁ ସଂକ୍ରମିତ

**ଭୁବନେଶ୍ୱର, ୨୫।୯(ବ୍ୟୁରୋ):** ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୦୨ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୭୯ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ ଓ କିଶୋର ଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୬୬ଜଣ ଆକ୍ରାନ୍ତ ଥିବାବେଳେ କଟକରୁ ୭୪, ଜଗତ୍‌ସିଂହପୁରରୁ ୩୪, ବାଲେଶ୍ୱର ୨୪, ସମ୍ବଲପୁର ୨୩, ମୟୂରଭଞ୍ଜ ୧୯, ଯାଜପୁର ୧୬, ପୁରୀରୁ ୧୩ଜଣ ଓ ଷ୍ଟେଟ୍‌ପୁଲରୁ ୬୩ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୨୩,୭୩୫କୁ ବୃଦ୍ଧି ପାଇଛି।






**ଆଜିର ମନ୍ତବ୍ୟ**

"ଭାରତ ଗଣତନ୍ତ୍ରର ଜନନୀ। ବିବିଧତା ହିଁ ଭାରତର ଗଣତନ୍ତ୍ରକୁ ସ୍ୱତନ୍ତ୍ର ପରିଚୟ ଦେଇଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଶ୍ୱେତା
ପରିବାରବର୍ଗ


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ପୋଲିସ ମାଡ଼ରେ ...

ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ଅତିରିକ୍ତ ଏସ୍‌ପି ବାଗ କହିଛନ୍ତି । ଗୋବିନ୍ଦଙ୍କ ମୃତ୍ୟୁ ସୂଚନା ପାଇ ତାଙ୍କ ପରିବାର ଲୋକେ ଏବଂ ପଡ଼ାବାସୀ ଖେଦାପାଲିସ୍ଥିତ ନୂଆ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ଏହାପୂର୍ବରୁ ୧ପ୍ଲାଟୁନ ପୋଲିସ ଫୋର୍ସ ସେଠାରେ ନିୟୋଜିତ ଥିଲେ। ସେଠାରେ ପୋଲିସ ବିରୋଧୀ ସ୍ଲୋଗାନ ଦେବାରୁ ଉତ୍ତେଜନା ପ୍ରକାଶ ପାଇ ସ୍ଥିତି ଅଣାୟତ୍ତ ହୋଇପଡିଥିଲା। ଉତ୍ତେଜିତ ଲୋକେ ଡାକ୍ତରଖାନାରେ ଭଙ୍ଗାରୁଜା କରିଥିଲେ। ସେହିପରି ଗୋବିନ୍ଦଙ୍କୁ ପୋଲିସ ପିଟିପିଟି ମାରିଛି ଏବଂ ତାଙ୍କୁ ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ମୃତକଙ୍କ ଭାଇ ଜିତେନ ୭ ମହଲା ବିଶିଷ୍ଟ ଡାକ୍ତରଖାନା ଉପରକୁ ଚଢ଼ିଯାଇ ଚେତାବନୀ ଦେଇଥିଲେ। ଲୋକେ ତାଙ୍କୁ ବୁଝାଶୁଝା କରିବାରୁ ସେ ତଳକୁ ଓହ୍ଲାଇଥିଲେ ଏବଂ ପରିବାର ଲୋକେ ମୃତଦେହ ଗାନ୍ଧୀଛକକୁ ନେଇ ରାସ୍ତା ଉପରେ ବସିଥିଲେ। ସେଠାରେ ପୋଲିସ ସହିତ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ଅତିରିକ୍ତ ଏସ୍‌ପି ବାଗଙ୍କ ସମେତ ଏସ୍‌ଡିପିଓ ଦୀପକ କୁମାର ଗୋଛାୟତ, ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ କିଛି ନିର୍ଯ୍ୟାସ ବାହାରି ନ ଥିଲା। ଫଳରେ ଅପରାହ୍ଣରେ ଲୋକେ ଏସ୍‌ପି ଅଫିସ ସମ୍ମୁଖକୁ ମୃତଦେହ ନେଇ ଆନ୍ଦୋଳନ କରିଥିଲେ। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ଲାଠିମାଡ଼ କରିଥିଲା। ଡିଆଇଜି ଜୟନାରାୟଣ ପଙ୍କଜ ବରଗଡ଼ରେ ପହଞ୍ଚି ଏସ୍‌ପି ରାହୁଲ ଜୈନଙ୍କ ସହିତ ଆଲୋଚନା କରିବା ସହିତ ସ୍ଥିତି ସମୀକ୍ଷା କରିଛନ୍ତି। ଏନେଇ ଏସ୍‌ପିଙ୍କ ମୋବାଇଲ ନମ୍ବର ୯୩୪୮୪୬୪୩୫୨କୁ ଯୋଗାଯୋଗ କରାଯାଇଥିଲେ ସେ ଫୋନ୍ ଉଠାଇ ନ ଥିଲେ।


## ଲୋଭ ଦେଖାଇ ...

ଆଉ ତା'ପରଠାରୁ ଏତେଦିନ ହେଲା ଚାକିରି କେବେ ଦେବ ବୋଲି କମ୍ପାନୀ ପାଖକୁ ଦଉଡୁଛି। ଜମି ନେବାବେଳେ କମ୍ପାନୀ ଦୁଇଟି କିସ୍ତିରେ ଟଙ୍କା ଦେଇଛି। ପ୍ରଥମ କିସ୍ତିରେ ୨୧ ହଜାର ଏବଂ ଦ୍ୱିତୀୟ କିସ୍ତିରେ ଲକ୍ଷେ ଟଙ୍କା ଦେଇଛି। ବର୍ତ୍ତମାନ ସେହି ଟଙ୍କାରେ କ'ଣ ଏଠି ଆଉ ଏକରେ ଜମି କିଣି ହେବ କି ବୋଲି ସେ କହିଥିଲେ। କମ୍ପାନୀକୁ ଜମି ଦେବାକୁ ଆମେ ରାଜି ନ ଥିଲୁ। ସର୍ବଦଳୀୟ ବୈଠକ ବସିଥିଲା। କମ୍ପାନୀ ହେଲେ ଏଠାରେ ସବୁକିଛି ସୁନା ହୋଇଯିବ ବୋଲି ସବୁ ଦଳର ନେତାମାନେ ଏକାଠି ହୋଇ ପ୍ରତିଶ୍ରୁତି ଦେଲେ। ଆମକୁ ପ୍ରତିଶ୍ରୁତି ଦେଲାବେଳେ ଜିଲାପାଳ, ତହସିଲଦାର ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବୈଠକ ବସିବା ପୂର୍ବରୁ କମ୍ପାନୀ ଏଠାକୁ ପଶିପାରୁ ନ ଥିଲା। ଏହାପରେ କମ୍ପାନୀକୁ ସେ କେବଳ ୩ ଏକର ଜମି ବିକ୍ରି କରିଛନ୍ତି ବୋଲି ସୁରେଶ କହିଛନ୍ତି।

ସେଇଠୁ ବ୍ୟାକୁଳ ହୋଇ ରୂପେନ ନାଏକ କହିଲେ, ଆଜ୍ଞା କେବଳ ଏହି ଗାଁରୁ ପ୍ରାୟ ୪୦୦-୫୦୦ ଏକରରୁ ଅଧିକ ଜମି କମ୍ପାନୀ ନେଇଛି। ନେବା ବେଳକୁ ଭଲ ସ୍କୁଲ କରିବୁ, ଗାଁର ଚାରିଆଡେ ଲାଇଟ୍ ଲଗେଇବୁ, ଭଲ ପିଇବା ପାଣିର ବ୍ୟବସ୍ଥା କରିବୁ। ଏମିତି ହାତୀ ଦେବୁ, ଘୋଡ଼ା ଦେବୁ ବୋଲି କମ୍ପାନୀ କହିଥିଲା। ୱେଲ୍ଡିଂ କାମ, ଗ୍ୟାସ୍ କଟର କାମ ମୁଁ ଜାଣିଛି। ଏଠି ଏତେବଡ଼ କମ୍ପାନୀ ହୋଇଛି, କିଛି କାମଧନ୍ଦା ମିଳୁନାହିଁ। କାମଧନ୍ଦା କଥା କହିବାକୁ ଗଲେ ନେତା, ମନ୍ତ୍ରୀଙ୍କ ପାଖକୁ ଯାଅ ବୋଲି ଓଲଟି କହୁଛନ୍ତି। କମ୍ପାନୀ ଭିତରକୁ ପ୍ରବେଶ କରିହେଉ ନାହିଁ। ଏମିତି ବହୁତ ଅସୁବିଧାରେ ରହୁଛୁ। ଗାଁ ବାଲା ମିଟିଂ କଲୁଣି। ଗାଁ ସମାଜ ଭୁବନେଶ୍ୱର ଯାଇ ସେଠାରେ ବର୍ଷକ ତଳେ ଅନଶନରେ ବସିଥିଲୁ। ତା'ପରେ ରାୟଗଡ଼ା ଜିଲାପାଳ ଡାକିଲେ ଏବଂ ସବୁ ଦିଆଯିବ ବୋଲି ମିଛ କଥା କହି ନେଇଆସିଲେ। ଗାଁରେ ପାଠପଢ଼ା ପିଲା ଅଛନ୍ତି ତାଙ୍କୁ କାମ ମିଳୁନି। ଗାଁ ଲୋକମାନଙ୍କ ପାଖରେ କିଛି କାମ ନାହିଁ। ଯେତେବେଳେ ବି କାମ ପାଇଁ ଯାଉଛୁ କେସ୍ କରିଦେବୁ, ମାଡ଼ ମାରିବୁ, ପୋଲିସକୁ କହିଦେବୁ ବୋଲି କମ୍ପାନୀର ସିଇଓ(ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଏବଂ କମ୍ପାନୀ ବାଲା କହୁଛନ୍ତି। ଆମ ଗାଁର ଜମି ନେଇ ଉତ୍କଳ ଆଲୁମିନା ଫ୍ୟାକ୍ଟ୍ରି କରିଛି। ଜମି ନେଲା ବେଳେ ସବୁକିଛି ଦେବ ବୋଲି କହିଥିଲା, ହେଲେ କମ୍ପାନୀ ଏବେ କିଛି ଦେଉନି। ଗାଁକୁ ଅନ୍ୟତ୍ର ଉଠାଇ ନେବୁ ବୋଲି କହିଲା ତାକୁ ମଧ କରୁନାହିଁ। ଆମ ଗାଁ ସହ କମ୍ପାନୀ ବାଉଣ୍ଡାରୀ ୱାଲ୍ ଲାଗିକି ଅଛି। ତଥାପି ଅନ୍ୟତ୍ର ସ୍ଥାନାନ୍ତର କରୁନାହାନ୍ତି। ନେତା, ମନ୍ତ୍ରୀ କେହି ଆମ କଥା ଶୁଣୁନାହାନ୍ତି ବୋଲି ରୂପେନ କ୍ଷୋଭର ସହ କହିଥିଲେ। ସୁରେଶଙ୍କ ଘରଠାରୁ ଉଠି ରାସ୍ତାରୁ ଚାହିଁଲା ବେଳକୁ ଦେଖିଲୁ ଗାଁଠାରୁ କମ୍ପାନୀ ମାତ୍ର ୧୫ ମିଟର ଦୂରରେ ରହିଛି।

ସେଇଠୁ ଚାଲିକି ଯାଇ ସେହି ଗାଁର ସରୋଜିନୀ ନାଏକଙ୍କ ଘରେ ପହଞ୍ଚିଲୁ। ସେମାନେ ତାଙ୍କ ଦାଣ୍ଡଦୁଆରେ ବସି କାକୁଡ଼ିରେ ଲୁଣ ଲଗାଇ ଖାଉଥିଲେ। ନିଜର ପରିଚୟ ରଖି ଗାଁର ସମସ୍ୟା କ'ଣ ବୋଲି ପଚାରିବା ମାତ୍ରେ ୫ରୁ ୬ଜଣ ମହିଳା ରୁଣ୍ଡହୋଇ ଉତ୍କଳ ଆଲୁମିନା ବିରୋଧରେ ଗର୍ଜିବା ଆରମ୍ଭ କରିଦେଲେ। ସେମାନଙ୍କୁ ପଚାରିଥିଲୁ କି ଆପଣଙ୍କ ଗାଁରୁ କମ୍ପାନୀ କିଛି ଜମି ନେଇଛି, ଆଉ ଯେତିକି ପଇସା ମିଳିବା କଥା ମିଳିଛି ନା ନାହିଁ। ସେଇଠୁ ସରୋଜିନୀ କହିଥିଲେ, ଆମ ନିଜ ଜମିରେ ତ ଫ୍ୟାକ୍ଟ୍ରି ହୋଇଛି। ଏକର ଏକର ଜମି ଉତ୍କଳ ଆଲୁମିନା ନେଇଛି। ଆମକୁ ଯାହା ଜମି ବଦଳରେ ଟଙ୍କା ମିଳିଥିଲା ସବୁ ଖାଇପିଇ ସରିଗଲା। ମାଟି ସିନା ଥିବ, ଟଙ୍କା ରହିବ କି। ଏବେ ଖାଉମରା, ପୋଛାମରା କଲେ ପିଲାମାନଙ୍କୁ ପାଠ ପଢ଼ାଇବୁ କି ପରିବାର ଚଳାଇବୁ, ଏବେ କେମିତି ଆଉ ଆମେ ବଞ୍ଚିବୁ? ଏନେଇ କାହାରିକୁ ଅଭିଯୋଗ କରିଥିଲେ କି ବୋଲି ପଚାରିବାରୁ ସେ କହିଛନ୍ତି, ଏ ନେଇ ବହୁ ଗଣମାଧ୍ୟମବାଲାଙ୍କୁ ବି କହିଛୁ। ୧୦-୨୦ଟା ନ୍ୟୁଜବାଲା ଆମକୁ ସବୁ ପଚାରିକି ଯାଇଛନ୍ତି। ନ୍ୟୁଜବାଲା ଆମଠୁ ସବୁ କଥା ବୁଝି ଯାଉଛନ୍ତି ଆଉ ଉତ୍କଳ ଆଲୁମିନା ପାଖରେ ବିକ୍ରି ହୋଇଯାଉଛନ୍ତି। ନ୍ୟୁଜ ବାହାରୁନି କି କିଛି ସେମାନେ କରୁନାହାନ୍ତି। ଆମ ଗାଁ ଲୋକମାନେ ଧୂଳିମାଟି ଖାଇକି ଅଛନ୍ତି। ଆମ ଗାଁକୁ ଏଠାରୁ ସ୍ଥାନାନ୍ତର ବି କରୁନାହାନ୍ତି। ଆମେ ଜମି ଦେଲୁ ହେଲେ ବାହାରୁ ଲୋକ ଆସି କେତେ ଭଲରେ ଚଳି ପଇସା କମାଇକି ଅଛନ୍ତି। କମ୍ପାନୀ ଆମ ଜମିବାଡ଼ି ନେଲା ପୁଣି ଫ୍ୟାକ୍ଟ୍ରିର ଧୂଳିମଳି ଆସି ଘରେ ପଶି ଖାଇବା ପିଇବାରେ ପଡୁଛି। ଆମ ଗାଁକୁ ସାଇଡ୍ କରି ଉତ୍କଳ ରୋକିଦେଇଛି। ଗାଁ ସ୍ଥାନାନ୍ତର କରିବା ଲାଗି କେତେ ଲଢ଼ାଇ ଲାଗିଲାଣି ହେଲେ କିଛି ହେଉନି। ସରକାର ମଧ ଆମ କଥା ଶୁଣୁନାହାନ୍ତି। ଗାଁ ସ୍ଥାନାନ୍ତର କଥା କହିବାକୁ ଯାଇଥିଲୁ ଯେ, ସଙ୍ଗେସଙ୍ଗେ ପୋଲିସ୍ କୁ କହି କମ୍ପାନୀ ଲାଠିଚାର୍ଜ କରାଇଦେଲା। ଆମେ ସେ କମ୍ପାନୀର ଚୋରି କରି ନ ଥିଲୁ, ବରଂ ତା' ପ୍ରତିଶ୍ରୁତି କେବେ ପୂରଣ କରିବ ପଚାରିବା ଲାଗି ଯାଇଥିଲୁ। ଗାଁରେ ଗେଟ୍ କରି ବନ୍ଦ କରିଦେଲା, ଶତାଧିକ ପୋଲିସ ଡାକିକି ଆଣି ମହିଳା, ପୁରୁଷ ସମସ୍ତଙ୍କୁ ମାଡ଼ ଖୁଆଇଲା। ଡିମିଣ୍ଡି ଗାଁରେ ଫ୍ୟାକ୍ଟ୍ରି ହୋଇଛି ବୋଲି ସମସ୍ତେ ଜାଣିଛନ୍ତି।


# classifieds Everyday
0674-2580101, 2549302




**BRIDE WANTED**

Muslim boy (Divorcee issueless), 1965, established Businessman. Caste/ religion no bar. 9040868217, 8917236183. D-71006

Fresh, Divorcee, Widow Bride Wanted for Groom Company Manager 37 caste no bar- 7008468672. D-21761

ପାତରା ପୁଅ Dob- 1994, 5'5" M.Tech Service T.C.S., Bhubaneswar. Mob: 9937577677. D-21757

Brahmin Govt. High School Teacher Age-55/ H-5'8". SUHAG- 7978399083, 9090486408. D-21760

**GROOM WANTED**

45 ବର୍ଷ ମହିଳା "NIOS"ରେ କାର୍ଯ୍ୟରତ, ଘର-ବାରିପଦା, ଜାତି-ବାରିକ ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-71712

50 ବୟସ୍କା ସରକାରୀ ଚାକିରିଆ କରଣ ଜାତିର ବିଧବାଙ୍କ ପାଇଁ ଉପଯୁକ୍ତ ବରପାତ୍ର ଦରକାର। Caste no bar. 7326057574. D-21762

Suitable Partner for our daughter, Age 36, Height 5'4". Profession: Lawyer, State: Cuttack. Contact: 9937326785, 9776939712. D-21756




**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canalroad, Cuttack. Call- 8093080009/10. D-21768




**SALE**

**Gharabari plot for sale between Twincity just 11k.m. from Vanivihar Square, 5.k.m. from Hanspal Chhak, immediate registration and possession with boundarywall. Contact: 7789912004.** D-71171

ଭୁବନେଶ୍ୱର ଉପକଣ୍ଠ ମେଣ୍ଟାଶାଳ bypass ଠାରୁ 500ମି ଦୂରତାରେ 2BHK apartment ready to move ଅଛି। Price 17 lakhs. Contact: 7008384659. D-70959

**2400sft. GA East Facing plot immediate sale at Bharatpur (near Sum Hospital), Bhubaneswar. Please contact- DEEPAK- 9937329999.** D-69995

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ। **9437005434.** D-70898

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ **1,2,3BHK, Simplex, Duplex** ଅଛି। **8327785834, 9658122456.** D-71701

**"2 Nos of Plots are for Sale. 2700sqft. at Godia Pokhri and 4600 sqft. near Jatni Gate 500mtr from NH. Contact 7077735599".** D-21736

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-21745

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21531

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: **9861814701,** Dist.- **Khordha.** D-21646

ଭୁବନେଶ୍ୱର **Khordha NH side** ପିତାପଲ୍ଲୀ ଏବଂ **Sum Hospital 4 k.m. Ri Training Centre** ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। **Owner: 9090963952.** D-71703

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

**Demarcated gharabari plot near Mangaraj Point Puri bypass road Bankual for sale. Per sqft. @1650/-. Contact No.- 9827339640.** D-21710

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

**2 storied new Building Sale at Puri near Atharnala, Land area 1425Sqft. & Construction Area 2700Sqft. Only buyer contact : 9827453152/ 6372897984.** D-21744

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Supervision of residential and other building constructions by experienced civil engineer also construction on contact. Mob: 8144815298. D-21750




**RCC Godown 4500Sqft. average available near Rasulgarh, Bhubaneswar. Contact - 9692790387.** D-21699

Girls Hostel BED system Behera Sahi, Nayapali, Bhubaneswar. 8480204021, 9348726113. D-21707

A 3 roomed house with drawing cum dinning, Kitchen , Puja & 2 toilet at prime location 45, Jagannath Vihar, Lane-2, Road-2, Baramunda, Bhubaneswar Minimum rent 13000/-, Contact no- 9437113907, 8249812210. D-21771




Ashirvaad Salon and SPA get good massage for your health tha best therapy. 7077181074. D-70487


Take wellness relax massage trained ladies/ gents therapist 800/-, 7008773793. D-71417

Newly Open Saikrupa Panchakarma Spa positively health benefits with Expert. 8984068077. D-21717

Newly open full body massage ladies and gents. 8327740003. D-70486

**Refreshing your mind, your body with tha best therapy at Lotus Spa. 8018891951.** D-70488

Swarna SPA newly open positively health benefits with expert therapist. 9556978408. D-71162




Medical registration BAMS, BHMS, BUMS, BDS, BPT, ANM, GNM, DPharma, Dental, Hygiene, DHMS, DAMS, DUMS only SMS/ Whatsapp. 9893869473 (only practitioners). D-71167

**AFFIDAVIT**

ଏତଦ୍ୱାରା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅନୁଗୋଳ ମାଧ୍ୟମରେ ଘୋଷଣା କରେ କି ଅଭିମନ୍ୟୁ ନାୟକ, ପିତା- ସ୍ୱର୍ଗତ କୁଶ ନାୟକ, ଗ୍ରାମ- ମିରିପୁର, ପୋଷ୍ଟ- ତଳଗୋପବିନ୍ଧା, ଥାନା- ତିହିଡ଼ି, ଜିଲ୍ଲା- ଭଦ୍ରକ ଓ ଚିତ୍ତରଞ୍ଜନ ନାୟକ ଜଣେ ବ୍ୟକ୍ତି ଅଟନ୍ତି। ଏହା ଭବିଷ୍ୟତରେ କାମରେ ଆସିବ। ୪-୨୧୭୬୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**


## କମ୍ ବହିବ, ...

ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୭ ତାରିଖରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, ବୌଦ୍ଧ, ସୋନପୁର, ଗଞ୍ଜାମ, ଗଜପତି ଏବଂ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ୨୭ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଏଥିସହିତ ଗୋପାଳପୁର ବନ୍ଦରରେ ୪ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ରାଜ୍ୟର ଅନ୍ୟ ବନ୍ଦରଗୁଡ଼ିକ ପାଇଁ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ବାତ୍ୟା ସ୍ଥଳଭାଗ ଛୁଇଁବା ବେଳେ ସମୁଦ୍ର ଢେଉ ୫ ମିଟର ଉଚ୍ଚରେ ଉଠିବା ସହିତ କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ, ଗଛ ଭାଙ୍ଗିବା ସମ୍ଭାବନା ରହିଛି। ଏପରି କି ଖାଲୁଆ ଅଞ୍ଚଳରେ ବର୍ଷାପାଣି ବୁଡ଼ି ରହିବା ସହ ରାସ୍ତାଘାଟ ବିଚ୍ଛିନ୍ନ ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ଓ ଏଥିଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନ(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏନ୍‌ଡିଆରଏଫ୍, ଓଡ୍ରାଫ୍ ବାହିନୀ ଏବଂ ଅଗ୍ନିଶମ ବାହିନୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ତଟରକ୍ଷୀ ବାହିନୀ ପକ୍ଷରୁ ଜରୁରିକାଳୀନ ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୧୫୫୪ ଜାରି କରାଯାଇଛି। ଓଡ୍ରାଫ୍‌ର ୪୨ ଓ ଏନ୍‌ଡିଆରଏଫ୍‌ର ୨୪ଟି ଟିମ୍‌କୁ ମୁତୟନ ପାଇଁ ପ୍ରସ୍ତୁତ ରଖାଯାଇଛି। ରାୟଗଡ଼ାରେ ୬ ଓଡ୍ରାଫ୍ ଟିମ୍, ୨ ଏନ୍‌ଡିଆରଏଫ୍, ନବରଙ୍ଗପୁରରେ ୩ ଓଡ୍ରାଫ୍ ଟିମ୍ ଏବଂ ମାଲକାନଗିରିରେ ୬ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ପାଟ୍ରୋଲିଂ ଜାହାଜ ଓ ଡୋର୍ନିୟର ବିମାନ ସାହାଯ୍ୟରେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଥିବା ମତ୍ସ୍ୟଜୀବୀଙ୍କ ଉପରେ ନଜର ରଖାଯିବ। ଗଜପତି, ଗଞ୍ଜାମ, କୋରାପୁଟ, ମାଲକାନଗିରି ଜିଲା ବେଶି ପ୍ରଭାବିତ ହେବା ଆଶଙ୍କା ରହିଥିବାରୁ ପାହାଡ଼ିଆ ଅଞ୍ଚଳର ଲୋକମାନଙ୍କୁ ସତର୍କକରି ଦିଆଯାଇଛି। ଗଞ୍ଜାମ ବେଳାଭୂମିକୁ ଦୁଇଦିନ ପାଇଁ ବନ୍ଦ ରଖାଯିବା ସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାର ବ୍ୟବସ୍ଥା କରାଯାଇଛି। ପ୍ରବଳ ବର୍ଷା ହେଉଥିବା ସମୟରେ ସମସ୍ତେ ଘରେ ରହିବାକୁ ଅନୁରୋଧ କରାଯାଇଛି ବୋଲି ଏସ୍‌ଆରସି ପ୍ରଦୀପ ଜେନା କହିଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ଗଜପତି, ରାୟଗଡ଼ା, କୋରାପୁଟ ଏବଂ ନବରଙ୍ଗପୁର ଜିଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ୨୬ ତାରିଖରେ କେହି ଛୁଟିରେ ରହିପାରିବେନି। ଜରୁରୀ ପରିସ୍ଥିତିରେ ମୁକାବିଲା ପାଇଁ ଅଫିସରମାନେ ହେଡ୍‌କ୍ୱାର୍ଟର୍ସରେ ରହିବେ। ବିନା ଅନୁମତିରେ କେହି ହେଡ୍‌କ୍ୱାର୍ଟର୍ସ ଛାଡ଼ିପାରିବେ ନାହିଁ। ୨୫ରୁ ୨୭ ତାରିଖ ମଧ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ପ୍ରବଳ ବର୍ଷା ଯୋଗୁ ବଂଶଧାରା, ନାଗାବଳୀ, ଋଷିକୁଲ୍ୟା ନଦୀରେ ବନ୍ୟା ଆସିବା ସମ୍ଭାବନା ରହିଛି। ବାତ୍ୟା ଅତିକ୍ରମ କରିବା ପରେ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ୨୮ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ବାଲେଶ୍ୱର ଏବଂ ପଶ୍ଚିମବଙ୍ଗ ଉପକୂଳ ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମହାନଦୀରେ ମଧ୍ୟ ବନ୍ୟା ଆଶଙ୍କା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ସକାଳୁ ସକାଳୁ ଅର୍ଥ ସମ୍ପର୍କୀୟ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିବ। ସୁଧାରି ନେବାର ଚେଷ୍ଟା କରିବେ। ସରକାରୀ କାମରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ**

ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ପୁରାତନ ରୋଗରୁ ସାମୟିକ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ**

ପରିବାର ସଦସ୍ୟଙ୍କ ସହମତିରେ କୌଣସି କର୍ମାରମ୍ଭ କରିବେ। ଜମିଜମା ସମ୍ପର୍କୀୟ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**

ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ଖୁସି ହୋଇଯିବ। ପରିବାର ସଦସ୍ୟମାନଙ୍କ ଉଦାରତା ମାନସିକ ଶାନ୍ତି ଫେରାଇ ଆଣିବାରେ ସାହାଯ୍ୟ କରିବ।

**ସିଂହ**

ଆଜି ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ମିଳିବାର ଆଶା ରହିଛି। ଆତ୍ମୀୟମାନଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ।

**କନ୍ୟା**

ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମନ ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ତରବର ନ ହୋଇ ଧୀରେସ୍ଥିରେ କାମକଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା**

ସ୍ୱାସ୍ଥ୍ୟ ଭଲ ରହୁନଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜି ଶେଷ କରିବାକୁ ଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡ଼ା ଲାଗିବାର ସମ୍ଭାବନା ରହିଛି।

**ବିଛା**

ଆଜି କୌଣସି ବନ୍ଧୁଙ୍କ କଥା ଚିନ୍ତାକରି ମନଟା ଭଲ ଲାଗିବ ନାହିଁ। କୌଣସି ନୂଆ କାମଟିଏ କରିବା ପୂର୍ବରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ସମସ୍ୟା ବୃଦ୍ଧି ପାଇବା ବ୍ୟତୀତ କିଛି ଲାଭ ହେବନି। ମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି।

**ଧନୁ**

କର୍ମକ୍ଷେତ୍ରରେ ଈର୍ଷାନ୍ୱିତ ବନ୍ଧୁଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସାମାନ୍ୟ ଅଗ୍ରଗତି ଘଟିବ।

**ମକର**

ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଆଜିର ସନ୍ଧ୍ୟା ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ।

**କୁମ୍ଭ**

ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସ୍ଥିତି ଦୃଢ଼ କରିନେବେ। ନିଜ ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କିନ୍ତୁ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ**

ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁଁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ପରିଶ୍ରମ ଓ ବିଶେଷ ଭ୍ରମଣ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ସନ୍ତାନଙ୍କ ଗୌରବରେ ଗର୍ବ ଅନୁଭବ କରିବେ।

## ସଂକ୍ଷେପରେ

### ଅଭାବନୀୟ ଘଟଣା
## ବାପାଙ୍କ ଗାଡ଼ି ଚକା ତଳେ ଶିଶୁ ପୁତ୍ରର ଜୀବନ ଗଲା

**ସୁନ୍ଦରଗଡ଼/ଲହୁଣୀପଡ଼ା, ୨୫।୯ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଗାଡ଼ି ଚକା ତଳେ ପଡ଼ିଯାଇ ଜଣେ ଦେଢ଼ବର୍ଷର ଶିଶୁପୁତ୍ରର ଜୀବନ ଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଲହୁଣୀପଡ଼ା ଲଟେଇମୁଣ୍ଡି ସାହିରେ ରହୁଥିବା ଯାଦବ କୁମାର କିସପଟ୍ଟା ଶୁକ୍ରବାର ରାତି ପ୍ରାୟ ୮ଟା ବେଳେ ନିଜର ପିକ୍ ଅପ୍ ଭ୍ୟାନ (ନଂ ଓଡି ୧୪ଏକ୍ସ -୫୨୫୦)କୁ ଘର ସମ୍ମୁଖରେ ପଛକୁ କରୁଥିଲେ। ଏହି ସମୟରେ ହଠାତ୍ ତାଙ୍କର ଦେଢ଼ବର୍ଷର ପୁଅ ଅଭିଷେକ ଦୌଡ଼ି ଆସିବାରୁ ଭ୍ୟାନରେ ବାଡ଼େଇ ହୋଇ ଚକା ତଳେ ପଡ଼ି ଯାଇଥିଲା। ଗାଡ଼ିର ଚକା ଶିଶୁ ଉପରେ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଅଭିଷେକକୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲାର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁପୁତ୍ର ଅଭିଷେକର ମୃତ୍ୟୁ ଘଟିଛି। ଖବର ପାଇ ଲହୁଣୀପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ପିକ୍ ଅପ୍ ଭ୍ୟାନକୁ ଜବତ କରି ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଭଡ଼ା କରି ଅଧା ବାଟରେ କାର୍ ନେଇ ଚମ୍ପଟ

**ଖୁଣ୍ଟୁଣୀ, ୨୫।୯ (ଡି.ଏନ୍.ଏ.):** ଢେଙ୍କାନାଳରୁ ଏକ ଟ୍ରାଭେଲ୍ସ ସଂସ୍ଥାର ମାଲିକଙ୍କୁ ଭୁବନେଶ୍ୱର ଯିବା ପାଇଁ କାର୍ ଭଡ଼ା କରି ୨ ଯୁବକ ଆସୁଥିଲେ। ହେଲେ ଗୁରୁଡ଼ଝାଟିଆ ଥାନା ବାଲି ବଜାରରେ କାର୍ ମାଲିକ ପରିଶ୍ରା ଯାଇଥିବାବେଳେ ଯୁବକଦ୍ୱୟ କାର୍ ନେଇ ଚମ୍ପଟ ହୋଇଥିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୦୫/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟା ୬ଟାରେ ଢେଙ୍କାନାଳରେ ୨ ଯୁବକ ଟାଉନ ଥାନା ଅଧୀନ ଏକ ଟ୍ରାଭେଲ୍ସ ସଂସ୍ଥାର ମାଲିକଙ୍କୁ ଭୁବନେଶ୍ୱର ଆପୋଲ ହସ୍ପିଟାଲ ଯିବାକୁ କହି କାର୍ ଭଡ଼ା ପଚାରିଥିଲେ। ରାତି ହୋଇଥିବାରୁ କାର୍ ମାଲିକ ୩ ହଜାର ଟଙ୍କା କହିବାରୁ ଯୁବକଦ୍ୱୟ ୨୮ଶହ ଟଙ୍କା କହି ରାଜି କରାଇଥିଲେ। ହେଲେ କାର୍ ଡ୍ରାଇଭର ନ ଥିବାରୁ ମାଲିକ ନଂ. ବିଶିଷ୍ଟ ଓଡି ୦୫ ଏଭି ୦୩୩୦ ଗାଡ଼ି ନେଇ ସେମାନେ ଭୁବନେଶ୍ୱର ବାହାରିଥିଲେ। ବାଟରେ ଖୁଣ୍ଟୁଣୀ ପାର ହେବା ପରେ ବାଲି ବଜାରରେ ରାସ୍ତାକଡ଼ରେ ଜଣେ ଯୁବକ ଖାଦ୍ୟ ପାଇଁ କହିବାରୁ ଗାଡ଼ି ରଖିଥିଲେ। ନିକଟସ୍ଥ ଦୋକାନରୁ ଖାଦ୍ୟ ନେଇ ଆସୁଥିବାବେଳେ ମାଲିକ କାର୍ ଚାବି ଛାଡ଼ି ପରିଶ୍ରା ପାଇଁ ଯାଇଥିଲେ। ଏହି ସମୟରେ ଯୁବକଦ୍ୱୟ କାର୍‌କୁ ନେଇ ଫେରାର ହୋଇଯାଇଥିଲେ। ମାଲିକ ନିରୁପାୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିବା ତଦନ୍ତକାରୀ ଅଧିକାରୀ ଗଦ୍ୟାଧର ବେହେରା କହିଛନ୍ତି।

## ପୋଖରୀକୁ ଖସିପଡ଼ିଲା କାର୍, ଚାଳକ ମୃତ



ପୋଖରୀକୁ ଖସି ପଡ଼ିଥିବା କାର୍।

**ରସୁଲପୁର, ୨୫।୯ (ଡି.ଏନ.ଏ.):** ରାସ୍ତାରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ପୋଖରୀକୁ ଖସିପଡ଼ିଛି। ଫଳରେ କାର୍‌ରେ ଥିବା ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଯାଜପୁର ଜିଲା କୁଆଖିଆ ଥାନା ଅଧୀନ କୁଆଖିଆ-ଯାଜପୁର ୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମୁଗୁପାଳ ପଞ୍ଚାୟତ ଗଣାବାଗ ଗ୍ରାମ ନିକଟରେ ଏହି ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ତ୍ରିଲୋଚନ ସାହୁଙ୍କ ପୁଅ ଗଦାଧର(୨୭)। ଘଟଣାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ଗଦାଧର ତାଙ୍କ ଭଣଜାଙ୍କୁ ଘର ପାଖ ଛକରେ ଛାଡ଼ି ଫେରୁଥିଲେ। ତେବେ ଘର ନିକଟତର ହେଉଥିବାବେଳେ କୌଣସି କାରଣରୁ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ଗ୍ରାମ ପୋଖରୀକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ପୋଖରୀରେ ପଶି ତାଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଯାଜପୁର ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୫୩/୨୧ ରୁଜୁ ହୋଇଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଗଦାଧରଙ୍କ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୁଳିମାଡ଼ରେ ସମିତିସଭ୍ୟ ମୃତ

- କାମାକ୍ଷାନଗର ବ୍ଲକରେ ଆଲୋଡ଼ନ
- କାର୍ ନିକଟରୁ ମିଳିଲା ଗୁଳିବିଦ୍ଧ ମୃତଦେହ
- ବ୍ୟବସାୟିକ ଶତ୍ରୁତା ସନ୍ଦେହ, ୬ ଅଟକ



ଘଟଣାସ୍ଥଳରେ ପୋଲିସର ତଦନ୍ତ।



ଦୀପକ ମାହୁନ୍ତ (ଫାଇଲ ଫଟୋ)

**କାମାକ୍ଷାନଗର, ୨୫।୯ (ଡି.ଏନ୍.ଏ.)**

ଆତତାୟୀଙ୍କ ଗୁଳିମାଡ଼ରେ ଟଳିପଡ଼ିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଡୁମୁସିଙ୍ଗା ବାରୁଆଁ (କା) ପଞ୍ଚାୟତର ସମିତିସଭ୍ୟ ଦୀପକ ମାହୁନ୍ତ (୪୮)। ଦୁର୍ବୃତ୍ତମାନେ ତାଙ୍କୁ ଅତି ନିକଟରୁ ଆଖିବୁଜା ଗୁଳିମାଡ଼ କରି ହତ୍ୟା କରିଛନ୍ତି। କାର୍ ନିକଟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କର ଗୁଳିବିଦ୍ଧ ମରଶରୀର ମିଳିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହା ପଛରେ ବ୍ୟବସାୟିକ ଶତ୍ରୁତା ଥିବା ଅନୁମାନ କରାଯାଉଛି। ପୋଲିସ ସନ୍ଦେହରେ ୬ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଦୀର୍ଘ ୧୫ ବର୍ଷ ଧରି ପଞ୍ଚାୟତ ରାଜନୀତିରେ ସକ୍ରିୟ ଥିବା ଦୀପକଙ୍କ ଏଭଳି ମୃତ୍ୟୁ ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

ଦୀପକ ରାଜନୀତି ସହ ବାଲିଘାଟ, ପଥର ଖାଦାନ ଏବଂ ଠିକାଦାରି କାର୍ଯ୍ୟ ମଧ୍ୟ କରୁଥିଲେ। ସେ ଅଧିକାଂଶ ସମୟରେ ଅଞ୍ଚଳବାସୀଙ୍କ ସହ ମିଳାମିଶା କରି ବିଳମ୍ବିତ ରାତିରେ ଘରକୁ ଫେରିଥାଆନ୍ତି। ଶୁକ୍ରବାର ରାତିରେ ସେ ଘରକୁ ଫେରି ନ ଥିଲେ। ରାତି ୧୦ଟାରେ ଶେଷ ଥର ପାଇଁ ଘର ଲୋକଙ୍କ ସହ ଯୋଗାଯୋଗ ହୋଇଥିଲା। ଶନିବାର ମର୍ନିଂ ୱାକ୍ କରିବାକୁ ଯାଇଥିବା କେତେଜଣ ଯୁବକ ଜାମୁଝରା ଛକରେ ଦୀପକଙ୍କ କାର୍ (ନଂ. ଓଡ଼ି ୦୨ ଏଏନ୍ ୦୧୨୨) ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ଦେଖିଥିଲେ। ନିକଟକୁ ଯାଇ ଦେଖିବା ବେଳେ କାର୍ ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦୀପକଙ୍କ ମୃତଦେହ ପଡ଼ିଥିଲା। ସୂଚନା ପାଇ ଦୀପକଙ୍କ ପୁଅ ଦିବ୍ୟଦର୍ଶନ ମାହୁନ୍ତ ଘଟଣାସ୍ଥଳରେ ପହଞ୍ଚି ବାପାଙ୍କୁ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଦୀପକଙ୍କ ଉପରକୁ ପାଖାପାଖି ୧୨ ରାଉଣ୍ଡ ଗୁଳି ଚାଳନା କରାଯାଇଥିବାବେଳେ ଶରୀରରେ ୬ ଗୁଳି ବାଜିଛି। ଅଭିଯୁକ୍ତମାନେ ଅତି ନିକଟରୁ ତାଙ୍କୁ ଗୁଳିମାଡ଼ କରିଛନ୍ତି। ଛାତିରେ ୫ ରାଉଣ୍ଡ ଏବଂ ମୁହଁକୁ ଗୋଟିଏ ରାଉଣ୍ଡ ଗୁଳି ବାଜିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୁଳିମାଡ଼ରେ କାର୍ ପଛ ପଟ କାଚ ଭାଙ୍ଗିଯାଇଛି। ଘଟଣାସ୍ଥଳରୁ କାମାକ୍ଷାନଗର ତହସିଲଦାରଙ୍କ ଦସ୍ତଖତ ସମ୍ବଳିତ ୭୫୩୦ ନମ୍ବର ବିଶିଷ୍ଟ ଏକ ଟ୍ରାଞ୍ଜିଟ୍ ପରମିଟ୍ ରସିଦ ବହି ପଡ଼ିଛି। ଫଳରେ ବାଲି ଘାଟ କିମ୍ବା ପଥର ଖଣି ବିବାଦକୁ ନେଇ ଦୀପକଙ୍କୁ ହତ୍ୟା କରିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅଞ୍ଚଳବାସୀଙ୍କ କହିବା କଥା, ବ୍ରାହ୍ମଣୀ ନଦୀର ସୋଗର, କମଗରା ସମେତ ଅନ୍ୟ ଘାଟରୁ ଦୀପକ ସରକାରୀ ଭାବେ ବାଲି ଉଠାଣ କରୁଥିଲେ। ବେଆଇନ ଭାବେ ବାଲି ଚାଲାଣ କରୁଥିବା ଲୋକଙ୍କୁ ସେ ତୀବ୍ର ବିରୋଧ କରିଥିଲେ। ନିକଟରେ କନ୍ତିଓପୁଟସାହି ବାଲିଘାଟ ନିଲାମ ହୋଇଥିବାବେଳେ ଦୀପକ ବିଡର ରହିଥିଲେ। ହେଲେ ଅନ୍ୟ ଜଣେ ଏହାର ନିଲାମ ନେଇଥିଲେ। ଏହି ବାଲିଘାଟକୁ ନେଇ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା। ତେଣୁ ହତ୍ୟାକାଣ୍ଡ ପଛରେ ଏହି ବିବାଦକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଦୀପକଙ୍କ ସ୍ତ୍ରୀ ତଥା ସରପଞ୍ଚ ମମତା ମାହୁନ୍ତ କୁହନ୍ତି, କିଛିବର୍ଷ ହେଲା ସ୍ୱାମୀ ରାଜନୀତିର ସଫଳତାର ସିଡ଼ି ଚଢ଼ି ଚାଲିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ସେ ପ୍ରବଳ ଦାବିଦାର ଥିଲେ। କେତେଜଣ ବିରୋଧୀ ଗୋଷ୍ଠୀ ଏହାକୁ ସହ୍ୟ କରି ପାରୁ ନ ଥିଲେ। ହତ୍ୟା ପଛରେ ସମ୍ପୃକ୍ତ ଗୋଷ୍ଠୀ ସଦସ୍ୟଙ୍କ ହାତ ଥିବା ସେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ, ଡୁମୁସିଙ୍ଗା ଥାନାଧିକାରୀ ଆଶିଷ ଜେନା, ପଣ୍ଡୁଆ ଫାଣ୍ଡି ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ, କାମାକ୍ଷାନଗର ଥାନାଧିକାରୀ ସୁନୀଲ କୁମାର କର ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ କେସ୍ ନଂ. ୧୩୧/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସନ୍ଦେହରେ ୬ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

ଅପରପକ୍ଷେ ମାହାଙ୍ଗା ଅଞ୍ଚଳକୁ ଯାଇଥିବା ଢେଙ୍କାନାଳର ସାଇଣ୍ଟିଫିକ୍ ଟିମ୍ ସନ୍ଧ୍ୟା ୫ଟା ୪୫ରେ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଢେଙ୍କାନାଳ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ରାତିରେ ଦୀପକଙ୍କ ଶେଷକୃତ୍ୟ କରାଯାଇଛି।

# ଅକ୍ଟୋବର ୨ରୁ ବିଜେଡିର ସମାଜ ସେବା କାର୍ଯ୍ୟକ୍ରମ

## ଦଳୀୟ କର୍ମୀଙ୍କୁ ଚିଠି ଲେଖିଲେ ନବୀନ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ବିଜୁ ଜନତା ଦଳ କୋଭିଡ ମହାମାରୀର ସଂକ୍ରମଣକୁ ଦୃଷ୍ଟିରେ ରଖି ଜନସଚେତନତା ଅଭିଯାନ ପରିବର୍ତ୍ତେ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀମାନଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସାଢେ ୪ କୋଟି ଓଡିଶା ବାସୀ ଆମ ପରିବାର। ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆମେ ସେମାନଙ୍କର ସେବାରେ ନିଜକୁ ନିୟୋଜିତ କରିବା ସହିତ ପରିବାର ସଦସ୍ୟ ଭଳି ତାଙ୍କ ସୁଖଦୁଃଖର ସାଥି ହୋଇ ଆସିଛେ। କୋଭିଡ ମହାମାରୀର ଭୟାବହତା ସମୟରେ ଅସୀମ ଦୃଢତା ପ୍ରଦାର୍ଶନ କରି ପ୍ରତ୍ୟେକ ଘରର ସଦସ୍ୟମାନଙ୍କ ନିକଟରେ ଛିଡା ହୋଇ କର୍ମୀମାନେ ଯେଭଳି ଧୈର୍ଯ୍ୟ ଓ ତ୍ୟାଗର ନିଦର୍ଶନ ଦେଖାଇଛନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏବେ ସେହି ସାମାଜିକ ପ୍ରତିବଦ୍ଧତାକୁ ଆଉ ପାଦେ ଆଗକୁ ନେବାକୁ ନବୀନ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପରିସର, ଶିକ୍ଷାନୁଷ୍ଠାନର ରାସ୍ତାଘାଟ ତଥା ସାଧାରଣ ସୁବିଧା କେନ୍ଦ୍ର ପ୍ରଭୃତି ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟରେ ଅଂଶ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ଆହ୍ୱାନ କରିଛନ୍ତି।

ଏଥିସହିତ ଗାନ୍ଧୀ ଜୟନ୍ତୀ ଓ ୧୧ ତାରିଖରେ ଲୋକନାୟକ ଜୟ ପ୍ରକାଶଙ୍କ ଜୟନ୍ତୀ ନିରାଡମ୍ବର ଭାବରେ ପାଳନ କରିବା ସହିତ ଗାନ୍ଧୀ ଜୟନ୍ତୀରୁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଦଳର କର୍ମୀ, ବିଭିନ୍ନ ପ୍ରମୁଖ ଦଳୀୟ ସଂଗଠନର କର୍ମକର୍ତ୍ତାମାନଙ୍କର ସହଯୋଗରେ କୋଭିଡ ନିୟମ ପାଳନ କରି ଏହି ଗୁରୁତ୍ୱପୂର୍ଣ୍ଣ ସମାଜ ସେବା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ପୁଣି ରିମାଣ୍ଡରେ ଅଭିଯୁକ୍ତଙ୍କୁ ଅଣାଯାଇପାରେ: ଏଡିଜି


## ଡିଆରଡିଓ ତଥ୍ୟ ଲିକ୍ ମାମଲା

**କଟକ ଅଫିସ, ୨୫।୯**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ତଥ୍ୟ ଲିକ୍ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ୫ ଅଭିଯୁକ୍ତଙ୍କୁ ୭ଦିନିଆ ରିମାଣ୍ଡରେ ଆଣି ଜେରା କରିସାରିଛି। ମିଳିଥିବା ତଥ୍ୟକୁ ଅଧିକ ତର୍ଜମା କରିବା ପରେ ଦରକାର ପଡ଼ିଲେ ସେମାନଙ୍କୁ ପୁଣି ରିମାଣ୍ଡରେ ଅଣାଯାଇପାରେ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସନ୍ଦିଗ୍ଧ ମହିଳାଜଣକ ୟୁକେର ମୋବାଇଲ ଫୋନ ନମ୍ବର ବ୍ୟବହାର କରୁଥିବା ତଦନ୍ତରୁ ଜଣାପଡ଼ିଛି। ବିଭିନ୍ନ ସୋସିଆଲ ମିଡିଆ ତଥା ଫେସବୁକ, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପରେ ଚାଟିଂ କରିବା ସହ କଥା ହେଉଥିଲେ। ସେ ହିନ୍ଦୀରେ କଥା ହେଉଥିଲେ। ଏହି ସମୟରେ ସେ ୨ ଅଭିଯୁକ୍ତଙ୍କ ସହ ଭିଡିଓ କଲ୍ ମଧ୍ୟ କରିଥିଲେ। ସେ ବିଭିନ୍ନ ନାମରେ ୭ଟି ଫେସ୍‌ବୁକ ଆକାଉଣ୍ଟରୁ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିଥିଲେ। ଆକାଉଣ୍ଟରେ ବିଭିନ୍ନ ଫଟୋ ଓ ପରିଚୟ ଦେଇଥିଲେ। ସମ୍ପୃକ୍ତ ମହିଳା ୨ଜଣ ଅଭିଯୁକ୍ତଙ୍କୁ ବିବାହ ପ୍ରସ୍ତାବ ଦେଇଥିବାବେଳେ ଅନ୍ୟଜଣଙ୍କ ଚାନ୍ଦିପୁର ଘରକୁ ଆସିବାକୁ କହିଥିଲେ। ଦୁବାଇରୁ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯେଉଁ ଟଙ୍କା ଆସିଥିଲା, ସେହି ତଥ୍ୟ ଜାଣିବା ସହ ଅଭିଯୁକ୍ତମାନେ ଆଉ କେଉଁ ଉପାୟରେ ଟଙ୍କା ପାଇଛନ୍ତି କି ନାହିଁ, ସେନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି। ସମ୍ପୃକ୍ତ ମହିଳାଙ୍କ ୟୁକେ ମୋବାଇଲ ନମ୍ବରର ତଥ୍ୟ, ତାଙ୍କ ପରିଚୟ ଏବଂ ଅବସ୍ଥାନ ନେଇ ତଦନ୍ତ ଜାରି ରହିଛି ବୋଲି ଏଡିଜି ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ଡିଆର୍‌ଡିଓ ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଓଡ଼ିଶା ପୋଲିସ ଡିଆର୍‌ଡିଓର ୫ କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ବସନ୍ତ ବେହେରା, ଏସ୍.କେ. ମୁସାଫିର, ହେମନ୍ତ କୁମାର ମିସ୍ତ୍ରି, ତାପସ ରଞ୍ଜନ ନାୟକ ଏବଂ ସ୍ଥାୟୀ କର୍ମଚାରୀ ଉତ୍ତରପ୍ରଦେଶର ସଚିନ କୁମାର ଛତା। ଗତ ୧୮ତାରିଖରେ ସମସ୍ତ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୭ଦିନିଆ ରିମାଣ୍ଡରେ ଆଣି କୋର୍ଟରେ ହାଜର କରାଇଥିଲା।



ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଶନିବାର ଗୋପାଳପୁର ବେଳାଭୂମିରେ ସମୁଦ୍ର ଅଶାନ୍ତ ରହିଛି।

# ଘରୋଇ ବସ୍‌କୁ ୧୧.୨୨ ଲକ୍ଷ ଜରିମାନା

### ୨୦୧୯ରୁ ଜମା ହୋଇନାହିଁ ଟିକସ

**ନବରଙ୍ଗପୁର, ୨୫।୯ (ବି.ପ୍ର.)**

ନବରଙ୍ଗପୁର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାନବାହନ ଯାଞ୍ଚବେଳେ ଶନିବାର ଏକ ଘରୋଇ ବସ୍‌କୁ ୧୧ଲକ୍ଷ ୨୨ ହଜାର ଟଙ୍କା ଜରିମାନା କରାଯାଇଛି। ୨୦୧୯ ମେ ୧ରୁ ରୋଡ୍ ଟ୍ୟାକ୍ସ ଜମା କରାଯାଇ ନ ଥିବାରୁ ଏହି ଜରିମାନା ଧାର୍ଯ୍ୟ ହୋଇଛି। ସୂଚନା ଅନୁଯାୟୀ, ପାପଡ଼ାହାଣ୍ଡି ନିକଟ ହରିଣ ପାର୍କ ନିକଟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବିଭୁରଞ୍ଜନ ନାୟକ, ଟ୍ରାଫିକ ଏସ୍‌ଆଇ ମିଥୁନ ପ୍ରଧାନ, ବିଜୟ ସେଠୀ ଓ ସୂର୍ଯ୍ୟନାରାୟଣ ପ୍ରଧାନ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ କଳାହାଣ୍ଡି ଜିଲା ଭବାନିପାଟଣାରୁ ସୁଶ୍ରୀ(ଓଡି୩୩ବି-୧୧୧୧) ନାମକ ଘରୋଇ ବସ୍ ଓୟୁଏଟିର ୬୨ ଛାତ୍ରଙ୍କୁ ନେଇ କୋରାପୁଟ ଜିଲା ସେମିଳିଗୁଡ଼ାକୁ ଷ୍ଟଡି ଟୁର୍‌ରେ ଯାଉଥିଲା। ପାପଡ଼ାହାଣ୍ଡି ନିକଟରେ କାଗଜପତ୍ର ଯାଞ୍ଚବେଳେ ଟିକସ ଜମା କରି ନ ଥିବା ଜଣାପଡ଼ିଥିଲା। ମାସିକ ୧୬ ହଜାର ୨୬୩ ଟଙ୍କା ହିସାବରେ(କୋଭିଡ୍ ସମୟରେ ସରକାର ଛାଡ଼ କରିଥିବା ଟିକସ ବ୍ୟତୀତ)୧ ଲକ୍ଷ ୨୧ ହଜାର ୯୨୩ ଟଙ୍କା ଜମା ହୋଇନାହିଁ। ଫଳରେ ବସ୍ ମାଲିକ ସଞ୍ଜୁକ୍ତା ମିଶ୍ରଙ୍କୁ ୧୦ ଲକ୍ଷ ୨୨୪ ଟଙ୍କା ଜରିମାନା ଏବଂ ଜମା ହୋଇ ନ ଥିବା ୧ ଲକ୍ଷ ୨୧ ହଜାର ୯୨୩ ଟଙ୍କା ଟିକସକୁ ମିଶାଇ ମୋଟ ୧୧ ଲକ୍ଷ ୨୨ ହଜାର ୧୪୭ ଟଙ୍କା ଜରିମନା କରାଯାଇଛି। ଏ ନେଇ ବସ୍ ମାଲିକଙ୍କୁ ଅବଗତ କରାଯାଇଛି। ଏଥିସହ ବସ୍‌ଗୁଡ଼ିକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ପରିସରରେ ଅଟକ ରଖାଯାଇଛି। ଛାତ୍ରମାନଙ୍କୁ ବିଭାଗ ପକ୍ଷରୁ ଅନ୍ୟ ଏକ ବସ୍‌ର ବ୍ୟବସ୍ଥା କରାଯାଇ ସେମିଳିଗୁଡ଼ା ପଠାଯାଇଥିବା ସୂଚନା ମିଳିଛି। ଏକ ବସ୍‌କୁ ଏତେ ପରିମାଣରେ ଜରିମାନା କରିବା ନବରଙ୍ଗପୁର ଜିଲାରେ ପ୍ରଥମ ବୋଲି ଜଣାପଡ଼ିଛି।



ଜରିମାନା କରାଯାଇଥିବା ବସ୍।

## ଆହତ ହରିଣ ଉଦ୍ଧାର

**ଗଞ୍ଜାମ, ୨୫।୯ (ଡି.ଏନ୍.ଏ.)**

ଗଞ୍ଜାମ ସହରସ୍ଥିତ ୧୬ନଂ. ଜାତୀୟ ରାଜପଥ ଶନି ମନ୍ଦିର ନିକଟରେ ଏକ କାର ଧକ୍କାରେ ଆହତ ହରିଣକୁ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଗଞ୍ଜାମ ସହର ତ୍ରିବେଣୀ ମଠ ଛକପଟୁ ଏକ ହରିଣ ବଡ଼ବଜାର ଓ ଡାମଣା ସାହି ରାସ୍ତାଦେଇ ଦୌଡ଼ି ଯାଇ ରାଜପଥ ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ କାର ସହ ଧକ୍କା ଖାଇ ୫୦ ଫୁଟ ଦୂରକୁ ଛିଟିକି ପଡି ଆହତ ହୋଇଥିଲା। ସ୍ୱେଚ୍ଛାସେବୀ ଜଗଦୀଶ ରାଓ, ବିଶ୍ୱନାଥ ମହାକୁଡ, ଖବରଦାତା ଉମାକାନ୍ତ ବେହେରା ହରିଣଟିକୁ ଉଦ୍ଧାର କରିଥିଲେ। ଭେଟେରିନାରି ଅଫିସର ବିକାଶ ଚନ୍ଦ୍ର ବେହେରା ସେଠାରେ ପହଞ୍ଚି ହରିଣଟିର ପ୍ରାଥମିକ ଚିକିତ୍ସା କରିଥିଲେ।

# ବାତ୍ୟା ଲାଗି ଏନ୍‌ଡିଆର୍‌ଏଫ୍‌ର ୧୬ ଟିମ୍ ଗଠିତ

### ବିଭିନ୍ନ ଜିଲାକୁ ଗଲେ ୧୨ ଦଳ

**ବାରଙ୍ଗ, ୨୫।୯ (ଡି.ଏନ୍.ଏ.)**

ରାଜ୍ୟକୁ ପୁଣି ଏକ ବାତ୍ୟା ଆସୁଛି। ଏହି ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସତନ୍ତ୍ର ରିଲିଫ କମିଶନରଙ୍କ ଅନୁରୋଧକ୍ରମେ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇ ମୁଣ୍ଡଳିସ୍ଥିତ ୩ୟ ବାହିନୀ ଏନ୍‌ଡିଆର୍‌ଏଫ ପକ୍ଷରୁ ଗୁରୁବାର ୧୬ଟି ଟିମକୁ ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ଟିମ ମାଲକାନଗିରି, ୨ଟି ଟିମ କୋରାପୁଟ, ୨ଟି ଟିମ ଗଜପତି, ୨ଟି ଟିମ ରାୟଗଡ଼ା, ୩ଟି ଟିମ ଗଞ୍ଜାମ, ୨ଟି ଟିମ ନୟାଗଡ଼ ଜିଲାକୁ ନିୟୋଜିତ କରାଯାଇଛି। ଏହିପରି ମୋଟ ୧୨ ଗୋଟି ଦଳରେ ୨୪୮ ଜଣ ଯବାନ ଶନିବାର ବିଭିନ୍ନ ଜିଲାକୁ ଗସ୍ତ କରିଛନ୍ତି। ଏନ୍‌ଡିଆର୍‌ଏଫ୍ ସିନିୟର କମାଣ୍ଡାଣ୍ଟ ଜାକବ କିସ୍‌ପୋଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅରୁଣ ଦେଓଗାମ ଓ ଡେପୁଟି କମାଣ୍ଡାଣ୍ଟ ଧନଞ୍ଜୟ କୁମାରଙ୍କ ନେତୃତ୍ୱରେ ଏହି ଟିମ୍ ବିଭିନ୍ନ ଜିଲାକୁ ଯାତ୍ରା କରିଛନ୍ତି। ୩ୟ ବାହିନୀ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଆଉ ୪ଟି ଦଳ ପ୍ରସ୍ତୁତ ହୋଇ ରହିଛନ୍ତି। ଆବଶ୍ୟକସ୍ଥଳେ ସେମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜଣାପଡିଛି।



**ବ୍ରେଡ୍ ଫ୍ୟାକ୍ଟ୍ରି**
**ବିକ୍ରୟ/ଦୀର୍ଘମିଆଦୀ ଲିଜ୍ ପାଇଁ**
ଜଗତପୁର ଶିଳ୍ପାଞ୍ଚଳ, କଟକଠାରେ ଅବସ୍ଥିତ ଏକ ଯନ୍ତ୍ରଚାଳିତ ପାଉଁରୁଟି ଓ ବିସ୍କୁଟ୍ ତିଆରି କାରଖାନା ବିକ୍ରୟ/ଦୀର୍ଘମିଆଦୀ ଲିଜ୍ ପାଇଁ ଉପଲବ୍ଧ।
ଗମ୍ଭୀର ପାର୍ଟି ଦୟାକରି ଯୋଗାଯୋଗ କରନ୍ତୁ
**9830890760/64**

**ଭଡ଼ା ପାଇଁ**
ନିଓଗୀ କଲୋନୀ, ମଙ୍ଗଳାବାଗ କଟକରେ ସମ୍ପୂର୍ଣ୍ଣ ୨ୟ ମହଲା, ୩ ବିଏଚ୍‌କେ, ୧୮୦୦ ବର୍ଗ ଫୁଟ ଆବାସିକ ଫ୍ଲାଟ୍
ଦୟାକରି ଯୋଗାଯୋଗ କରନ୍ତୁ
**9830890760/64**

**UTKAL UNIVERSITY**
RURAL CAMPUS, SIHA, CHANDIKHOLE, JAJPUR, ODISHA
**INDICATIVE ADVERTISEMENT**
No.NC-24/19/2021 Dated: 25.09.2021
**Walk in Interview for Empanelment of Faculty (Contractual /Consolidated)**

Applications are invited for empanelment of Faculty (Contractual / Consolidated) in the grade of Assistant Professor Stage I (APSI) for the courses MSW, MPH and MBA (Rural Management) in the Rural Campus of the Utkal University situated at Siha, Chandikhole, Jajpur, Odisha. The University reserves the right to withdraw partial or full notification without assigning any reason. The empanelment of Faculty (Contractual / Consolidated) in the grade of APSI is purely temporary and for a period of one semester, likely to be extended for another semester on satisfactory performance. The candidates are requested to read the General Instructions and Qualifications carefully before filling up the application form. Minimum eligibility (Qualifications) shall be as per UGC Regulations on Minimum Qualifications for Appointment of Teachers 2018 dated 18 July 2018. The honorarium for Faculty (Contractual / Consolidated) in the grade of APSI is pegged at ₹40,000/- (Rupees forty thousand) only per month. The Faculty (Contractual / Consolidated) in the grade of APSI will **NOT** be given the benefit of any types of scale of pay, allowances, pension, gratuity and leave etc. as admissible to the regular teachers.

The candidates seeking empanelment as Faculty (Contractual / Consolidated) in the grade of APSI are required to send the filled in prescribed application form to **osd.newcampus@utkaluniversity.ac.in** on or before **3 October 2021** and come for walk in interview with the hard copy of the application alongwith the self-attested photocopies of the mark-sheets, certificates / degrees and other relevant documents and Original certificates and marksheet. The date of walk in interview, prescribed application form and other details can be downloaded from the website of the Utkal University **www.utkaluniversity.nic.in.**

**Sd/- Chairperson, PG Council**

ଭଲ କ'ଣ ମନ୍ଦ କ'ଣ ? ଯାହା ମୋତେ ଅନ୍ତରଙ୍ଗ ଭାବରେ ଓ ମହତ୍ତ୍ୱପୂର୍ଣ୍ଣ ଭାବେ ଆତ୍ମଜ୍ଞାନ ଲାଭ କରିବାରେ ସାହାଯ୍ୟ କରେ– ଯେଉଁଥିରେ ମୋର ଆତ୍ମପ୍ରକାଶ ପାଇଁ ସୃଜନୀଶକ୍ତିର ବୃହତ୍ତର ଓ ବିଶୁଦ୍ଧତର ସମ୍ଭାବନା ଅଛି– ତାହା ହିଁ ମୋ ଲାଗି ଭଲ ଏବଂ ଯାହା କିଛି ମୋର ସ୍ୱାଭାବିକ ଅବସ୍ଥାରୁ ମୋତେ ବିଚ୍ୟୁତ କରେ– ଯାହା କିଛି ମୋର ଶକ୍ତି । ଐଶ୍ୱର୍ଯ୍ୟ, ଆତ୍ମାର ବିସ୍ତାର ଓ ଉନ୍ନତିକୁ ହୀନତର ଓ ନ୍ୟୂନତର କରେ– ତାହା ହିଁ ମୋ ପକ୍ଷରେ ମନ୍ଦ । –ଶ୍ରୀଅରବିନ୍ଦ

# ବିତର୍କର ଅଭାବ



**ଆକାର ପଟେଲ**

ଇଂରେଜଙ୍କ ଦ୍ୱାରା ପ୍ରଣୀତ ସାଧାରଣ ଆଇନ ପଦ୍ଧତିକୁ ଏବେ ସୁଦ୍ଧା ଭାରତ ଅନୁସରଣ କରୁଛି । ତେବେ ଏକ ସ୍ୱାଧୀନ ଦେଶ ଭାବେ ଭାରତ ଏଥିରେ କିଛି ନବୀକରଣ କରିଛି ଓ ତା' ମଧ୍ୟରୁ ଗୋଟିଏ ହେଉଛି ରିଭର୍ସ ବର୍ଡନ ଅଫ୍ ପ୍ରୁଫ୍ (ଆପରାଧିକ ମାମଲାରେ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଆଇନଗତ ଚାପ) । ଭାରତରେ ବହୁ ଅପରାଧ ଆଇନରେ, ବିଶେଷକରି ଯେଉଁଗୁଡ଼ିକ ୨୦୧୪ ପରେ ଅଣାଯାଇଛି ସେଥିରେ ଅଭିଯୁକ୍ତଙ୍କୁ ନିଜଆଡ଼ୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ପଡୁଛି । ତୁମେ କିଛି ଭୁଲ୍ କରିଛ ବୋଲି ସରକାର ଅନୁମାନ ବା ସନ୍ଦେହ କରି ଦଣ୍ଡ ବ୍ୟବସ୍ଥା କରିଛନ୍ତି ଏବଂ ତୁମକୁ ନିର୍ଦ୍ଦୋଷ ପ୍ରମାଣ କରିବାକୁ ହେଉଛି । ଏହା ସାଧାରଣ ଅପରାଧ ଆଇନର ସମ୍ପୂର୍ଣ୍ଣ ବିପରୀତ । ଉଦାହରଣ ସ୍ୱରୂପ, ଯଦି କେହି ଗୋଟିଏ ମୃତଦେହ କଡ଼ରେ ଛୁରି ଧରି ଠିଆ ହୋଇଥିବାର ଦେଖିବାକୁ ମିଳେ, ତେବେ ସେହି ବ୍ୟକ୍ତି ହତ୍ୟା କରିଛି ବୋଲି ସରକାର ପ୍ରମାଣ କରିବାକୁ ଚାହୁଁଛନ୍ତି । ଆସାମରେ ଜାତୀୟ ନାଗରିକତ୍ୱ ପଞ୍ଜୀକରଣ କଥା ଦେଖାଯାଉ । ଏହା ଅନୁଯାୟୀ ୧୯୭୧ ପୂର୍ବରୁ ପ୍ରତ୍ୟେକ ଆସାମବାସୀ ସେମାନଙ୍କ ପୂର୍ବପୁରୁଷ ସେଠାରେ ରହିଥିବାର କାଗଜପତ୍ର ସରକାରଙ୍କୁ ଦେବାକୁ ପଡ଼ିଲା । ଯେଉଁମାନେ ନାଗରିକତ୍ୱକୁ ନ୍ୟାୟସଙ୍ଗତ କରିପାରିଲେ ନାହିଁ, ସେମାନଙ୍କୁ ଗିରଫ କରାଗଲା । ଏହି କାରଣରୁ ଏବେ ବି ଶହ ଶହ ଲୋକ ଜେଲରେ ରହିଛନ୍ତି । ଭାରତରେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମଧ ଫ୍ରିଡମ୍ ଅଫ୍ ରିଲିଜିଅନ ଲ' ଲାଗୁ କରାଯାଇଛି । ଏଥିରେ ଧର୍ମାନ୍ତରୀକରଣ ପାଇଁ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ ଦେବାକୁ ହେଉଛି । ପ୍ରଥମେ ଏହି ଆଇନ ୨୦୧୮ରେ ଉତ୍ତରାଖଣ୍ଡରେ ପାସ୍ ହୋଇଥିଲା । ପରେ ହିମାଚଳ ପ୍ରଦେଶ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ,୨୦୧୯ ; ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ସମ୍ପରିବର୍ତ୍ତନ ପ୍ରତିଷେଧ ଅଧ୍ୟାଦେଶ,୨୦୨୦ ; ମଧ୍ୟପ୍ରଦେଶ ଧର୍ମସ୍ୱାତନ୍ତ୍ର୍ୟ ଅଧ୍ୟାଦେଶ,୨୦୨୦ ଏବଂ ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ(ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୧ ପ୍ରଣୟନ କରାଯାଇଛି । ଏହି ଆଇନଗୁଡ଼ିକ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିବାହକୁ ଅପରାଧୀକରଣ କରିଛି । ଆଇନଗୁଡ଼ିକ ଅନୁସାରେ, ଯଦି କେହି ବିବାହ ପରେ କିମ୍ବା ପୂର୍ବରୁ ଧର୍ମ ପରିବର୍ତ୍ତନ କରନ୍ତି, ତେବେ ସରକାର ସେହି ବିବାହକୁ ରଦ୍ଦ ଏବଂ ଅବୈଧ ଘୋଷଣା କରିବେ । ଏହି ଆଇନରେ ବିବାହ ନକଲି ବା ଛଳନା ନ ଥିଲା ବୋଲି ଅଭିଯୁକ୍ତଙ୍କୁ ଦର୍ଶାଇବାକୁ ପଡ଼ିବ । ଏଥିରେ ଦମ୍ପତି ଏବଂ ସେମାନଙ୍କ ପରିବାର ଉପରେ କୌଣସି ପ୍ରଭାବ କିମ୍ବା ଚାପ ନ ଥିବା ଦର୍ଶାଇବା ସହ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ହେବ । ଯେଉଁମାନେ ସରକାରଙ୍କୁ ଦରଖାସ୍ତ ନ ଦେଇ ସେମାନଙ୍କ ଧର୍ମ ପରିବର୍ତ୍ତନ କରୁଛନ୍ତି ସେମାନଙ୍କୁ ଜେଲକୁ ପଠାଇ ଦିଆଯାଉଛି । ହିମାଚଳପ୍ରଦେଶର ମୂଳ ଆଇନ କହେ, ଯଦି କୌଣସି ବ୍ୟକ୍ତି ତାଙ୍କ ପୂର୍ବପୁରୁଷଙ୍କ ଧର୍ମକୁ ଫେରନ୍ତି ତେବେ ତାହାକୁ ଧର୍ମାନ୍ତରୀକରଣ କୁହାଯିବ ନାହିଁ । କିନ୍ତୁ ଆଇନ ପୂର୍ବପୁରୁଷଙ୍କ ଧର୍ମର ସଂଜ୍ଞା ଦର୍ଶାଇ ନାହିଁ । ଏଥିରୁ ବୁଝାପଡ଼େ, ଯେଉଁମାନେ ଧର୍ମ ପରିବର୍ତ୍ତନ କରି ହିନ୍ଦୁ ହୋଇଛନ୍ତି ସେମାନେ ଦଣ୍ଡିତ ହେବେ ନାହିଁ । ଗତବର୍ଷ ସିଟିଜେନ୍ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ) ଆନ୍ଦୋଳନ ସମୟରେ ୟୁପି ପୋଲିସ ଗୁଳିରେ ୨୧ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ଘଟିଲା ପରେ ଉତ୍ତରପ୍ରଦେଶ ରିକଭରୀ ଅଫ୍ ଡ୍ୟାମେଜ୍ ଟୁ ପବ୍ଲିକ୍ ଆଣ୍ଡ ପ୍ରାଇଭେଟ ପ୍ରପର୍ଟି ଆକ୍ଟ, ୨୦୨୦ ପ୍ରଣୟନ କରାଯାଇଥିଲା । ଏହି ଆଇନରେ ଯେଉଁମାନେ ସରକାରୀ ସମ୍ପତ୍ତି କ୍ଷତି କରୁଛନ୍ତି ବୋଲି ସରକାର ସନ୍ଦେହ କରିବେ ସେମାନଙ୍କ ଉପରେ ଜରିମାନା ଲଗାଇପାରିବେ । ସେମାନଙ୍କ ଘର ଓ ସମ୍ପତ୍ତି ମଧ ଜବତ କରିପାରିବେ । ୨୦୧୪ ପରେ ଗୋ-ହତ୍ୟା ଉପରେ ମଧ କିଛି ଆଇନ ପାସ୍ କରାଯାଇଛି । ଏହିସବୁ ଆଇନ ମଧ ଭାଜପା ଶାସିତ ରାଜ୍ୟଗୁଡ଼ିକରେ କରାଯାଇଛି । ଆଇନଗୁଡ଼ିକ ମଧ୍ୟରେ ରହିଛି, ମହାରାଷ୍ଟ୍ର ଆନିମଲ ପ୍ରିଜର୍ଭେସନ(ଆମେଣ୍ଡମେଣ୍ଟ)ଆକ୍ଟ, ୨୦୧୫ ; ହରିୟାଣା ଗୋବଂଶ ସଂରକ୍ଷଣ ଆଣ୍ଡ ଗୋ ସମ୍ବର୍ଦ୍ଧନ ଆକ୍ଟ, ୨୦୧୫ ; ଗୁଜରାଟ ଆନିମଲ ପ୍ରିଜର୍ଭେସନ(ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୭ ଏବଂ କର୍ଣାଟକ ପ୍ରିଭେନସନ ଅଫ୍ ସ୍ଲାଟର ଆଣ୍ଡ ପ୍ରିଜରଭେସନ ଅଫ୍ କ୍ୟାଟେଲ ଆକ୍ଟ,୨୦୨୦ । ଯଦି ଗୋ ହତ୍ୟା କିମ୍ବା ଗୋ ମାଂସ ରଖିବାରେ କେହି ଅଭିଯୁକ୍ତ ହୁଅନ୍ତି ତେବେ ସେ ଗୋ ହତ୍ୟା କରିନାହାନ୍ତି କି ଫ୍ରିଜରେ ଥିବା ମାଂସ ଗୋ ମାଂସ ନୁହେଁ ବୋଲି ପ୍ରମାଣ ଦେବାକୁ ହେବ ।

ଗୁଜରାଟ ଆନିମଲ ପ୍ରିଜର୍ଭେସନ(ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୭ରେ ଗୋ ହତ୍ୟାକୁ ଆର୍ଥିକ ଅପରାଧ ଭାବେ ଗଣାଯାଉଛି ଓ ଏଥିରେ ଦୋଷୀକୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରଖାଯାଇଛି । ଦେଖିବାକୁ ଗଲେ ଅନ୍ୟ କୌଣସି ଆର୍ଥିକ ଅପରାଧରେ ଏଭଳି ଉଲ୍ଲେଖ ନାହିଁ । ନୂଆ ଆଇନ ଅନୁସାରେ ୨୦୧୯ରେ ଜଣେ ମୁସଲମାନ ତାଙ୍କ ଝିଅ ବାହାଘରରେ ଗୋମାଂସ ପରଷିବା ଅଭିଯୋଗରେ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ହୋଇଥିଲେ । ଏହି ଘଟଣାରେ ଲୋକଟି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ପଡ଼ିଥିଲା ବୋଲି ବିଚାରପତି କହିଥିଲେ । ଲୋକମାନେ ଖାଇ ସାରିଥିବା ଖାଦ୍ୟକୁ ପରୀକ୍ଷା କରିବା ସମ୍ଭବ ନ ଥିଲା, ଯାହାଫଳରେ ଲୋକଟିକୁ ଜେଲ ପଠାଇ ଦିଆଗଲା । ୟୁଏପିଏ ଆଇନରେ ବି ଅଭିଯୁକ୍ତଙ୍କୁ ନିଜ ପକ୍ଷରୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ହେବ । ଏହି ଆଇନରେ ଥରେ ଅଭିଯୁକ୍ତ ହେବା ମାନେ ଜାମିନ ମିଳିବା କଷ୍ଟକର । ସବୁ ରାଜ୍ୟରେ ପ୍ରିଭେଣ୍ଟିଭ ଡିଟେନ୍‌ସନ ଲ'ମାନ ରହିଛି । ଭବିଷ୍ୟତରେ ଜଣେ ଯଦି ଅପରାଧ କରିବାର ସମ୍ଭାବନା ରହିଛି ବୋଲି ସରକାର ହୃଦବୋଧ କରନ୍ତି, ତେବେ ତାଙ୍କୁ ବିନା ଅପରାଧରେ ଜେଲରେ ରଖିପାରିବେ । କୌତୂହଳର କଥା ହେଉଛି, ଜନସଂଘ ପ୍ରିଭେଣ୍ଟିଭ ଡିଟେନ୍‌ସନ ଲ'କୁ ବିରୋଧ କରିଥିଲା । ଭାଜପା ଜନସଂଘରୁ ସୃଷ୍ଟି ହୋଇଛି । ହେଲେ ଏବେ ଭାଜପା ଏହି ଆଇନଗୁଡ଼ିକ ଗଢ଼ିବାରେ ଆଗରେ ରହିଛି । ୨୦୧୪ରୁ ସମ୍ଭାବନାକୁ ଆଧାର କରି ଦୋଷୀ ବା ଅଭିଯୁକ୍ତ କରିବା ଧାରା ଚାଲିଆସୁଛି । ହେଲେ ଏହାକୁ ବିରୋଧ କରାଯାଉନାହିଁ । ଏ ନେଇ ବିତର୍କର ଅଭାବ ରହିଛି । ସମ୍ଭବତଃ ଅଧିକାଂଶ ଭାରତୀୟ ଏହି ଆଇନ ବ୍ୟବସ୍ଥାରେ ବିଶ୍ୱାସ କରୁଛନ୍ତି ଏବଂ ଏହା ସମ୍ପୂର୍ଣ୍ଣ ଠିକ୍ ବୋଲି ଭାବୁଛନ୍ତି ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 2 | | | | | |
| | | | | 7 | 9 | | 5 | |
| | 5 | | | | | | 4 | 3 |
| | | | | | | | 8 | |
| | 4 | | | 9 | 2 | | | |
| 3 | | 1 | | | 6 | | | |
| | 9 | 3 | | 5 | | 7 | 6 | |
| | | | | | 7 | | | |
| | 2 | | 9 | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 3 | 2 | 4 | 8 | 1 | 6 |
| 2 | 1 | 6 | 8 | 7 | 5 | 3 | 9 | 4 |
| 8 | 3 | 4 | 9 | 1 | 6 | 5 | 7 | 2 |
| 4 | 2 | 8 | 1 | 3 | 9 | 7 | 6 | 5 |
| 5 | 6 | 9 | 7 | 4 | 8 | 1 | 2 | 3 |
| 3 | 7 | 1 | 5 | 6 | 2 | 9 | 4 | 8 |
| 7 | 9 | 2 | 6 | 5 | 3 | 4 | 8 | 1 |
| 6 | 8 | 3 | 4 | 9 | 1 | 2 | 5 | 7 |
| 1 | 4 | 5 | 2 | 8 | 7 | 6 | 3 | 9 |

ଗତକାଲିର ଉତ୍ତର

# ନିଷ୍ପତ୍ତି କ୍ଳାନ୍ତି



**ରଞ୍ଜନ କୁମାର ଦାସ**

ବାରାକ୍ ଓବାମା ଆମେରିକାର ରାଷ୍ଟ୍ରପତି ଥିଲାବେଳେ ଯେତେବେଳେ ପଦାକୁ ବାହାରନ୍ତି ପ୍ରାୟ କଳା ଓ ନୀଳ ରଙ୍ଗର ପୋଷାକ ପିନ୍ଧନ୍ତି, ସେଇଭଳି ଫେସବୁକ୍‌ର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ପ୍ରାୟତଃ ପାଉଁଶିଆ ରଙ୍ଗର ଟି-ଶାର୍ଟ ପିନ୍ଧିବାର ଦେଖିବାକୁ ମିଳିଥାଏ । ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଉଦ୍ୟୋଗୀ ଷ୍ଟିଭ ଜବ୍‌ସ ମଧ ପ୍ରାୟତଃ କଳା ରଙ୍ଗର ଟି-ଶାର୍ଟ ବା ସ୍ୱେଟର ପିନ୍ଧିବାର ଦେଖିବାକୁ ମିଳିଥାଏ । ଏମାନଙ୍କୁ ସବୁବେଳେ ଏକାରଙ୍ଗର ପୋଷାକରେ ଦେଖି ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ଉଠେ ତାଙ୍କର ସେହି ହଳକ ପୋଷାକ ଅଛି କି ଆଉ । ବାସ୍ତବରେ ତାଙ୍କର ଯେତେ ହଳ ପୋଷାକ ସବୁ ଏଇ ଗୋଟେ ରଙ୍ଗର । କାରଣ କ'ଣ ? କାହିଁକି ସେମାନେ ଭିନ୍ନ ଭିନ୍ନ ରଙ୍ଗର ପୋଷାକ ପିନ୍ଧନ୍ତି ନାହିଁ ? ଆମର ଏଠି ଅନେକ ଲୋକ ବାସ୍ତୁ ବିଚାର କରି ସବୁ ବାର ଅନୁଯାୟୀ ଅଲଗା ଅଲଗା ରଙ୍ଗର ପୋଷାକ ପିନ୍ଧନ୍ତି । ସୋମବାର, ଶୁକ୍ରବାରରେ ଧଳା, ମଙ୍ଗଳବାର, ରବିବାରରେ ନାଲି, ବୁଧବାର ସବୁଜ, ଗୁରୁବାର ହଳଦିଆ ଏମିତି ରଙ୍ଗସବୁ ବାସ୍ତୁବିତ୍‌ମାନେ ବରାଦ କରନ୍ତି । ତା'ଛଡ଼ା ରାଶି ଅନୁଯାୟୀ କାହାର କ'ଣ ଲକି କଲର । ଓବାମା, ଜୁକରବର୍ଗ ବା ଷ୍ଟିଭଙ୍କ ପାଖରେ କ'ଣ ସେ ବାସ୍ତୁଜ୍ଞାନ ଉପଲବ୍ଧ ନ ଥିଲା, ନା ତାଙ୍କର ସେ ରଙ୍ଗରସିକତା ନାହିଁ ?

ଏ ସଂକ୍ରାନ୍ତରେ ଥରେ ଜୁକରବର୍ଗଙ୍କୁ କେହି ଜଣେ ସାମ୍ବାଦିକ ପଚାରିଥିଲେ ଯେ କାହିଁକି ଆପଣ ସବୁବେଳେ ସେଇ ଗୋଟେ ରଙ୍ଗର ପୋଷାକ ପିନ୍ଧନ୍ତି ? ସେ କହିଥିଲେ, ମୋତେ ଦିନରେ ଅନେକ ନିର୍ଣ୍ଣୟ ନେବାର ଥାଏ । ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସବୁ ନେବାକୁ ହେଲେ ମୋତେ ମୁଣ୍ଡକୁ ଥଣ୍ଡା ରଖିବାକୁ ପଡ଼ିବ । ସକାଳୁ ସକାଳୁ ଯଦି ପୋଷାକ ଚୟନ ଭଳି ଏକ ସାଧାରଣ କଥାରେ ମୁଁ ମୋ ମୁଣ୍ଡ ଖରାପ କରେ ତେବେ ଦିନସାରା କେମିତି ଚାଲିବ ? କଥା ହେଲା ପୋଷାକ ଚୟନରେ ମୁଣ୍ଡ କାହିଁକି ଖରାପ ହେବ ? ପିନ୍ଧିଲା ବାଲା ଜାଣେ ସେକଥା । କେଉଁ ପ୍ୟାଣ୍ଟ କୋଟ୍ ସାଙ୍ଗରେ କୋଉ ଶାର୍ଟ ମ୍ୟାଚିଂ ହବ କୋଉ ଶାର୍ଟରେ ପୁଣି କୋଉ ଟାଇ ଏସବୁ ଖୋଜୁ ଖୋଜୁ ମ୍ୟାଚ କରୁ କରୁ ବେଳେବେଳେ ଅଧଘଣ୍ଟା ଲାଗିଯାଏ । ସମୟ ତ ଯାଏ, ତା' ସାଙ୍ଗକୁ ପୁଣି କୋଉ ପେୟାରଟା ଭଲ ଲାଗିବ କାଳେ ଆଉ କୋଉ ପେୟାର ଅଧିକ ଭଲ ଲାଗିଥାନ୍ତା ଏଇ ନିର୍ଣ୍ଣୟରେ ମସ୍ତିଷ୍କ ଭାରାକ୍ରାନ୍ତ ହୁଏ । ପୁଣି ଘରୁ ବାହାରୁ ବାହାରୁ ଯଦି କେହି ମନ୍ତବ୍ୟ ଦେଇଦେଲା ଯେ ମ୍ୟାଚିଂ ଟା ଠିକ୍ ହେଲାନି ତେବେ ତ କଥା ସରିଲା । ଲକ୍ଷ୍ୟ କରିଥିବେ ମହିଳାମାନେ କୁଆଡ଼େ ବାହାରିଲେ କୋଉ ଶାଢ଼ିରେ କୋଉ ଶାୟା କୋଉ ବ୍ଲାଉଜ ମ୍ୟାଚ କରିବ, ତା' ସାଙ୍ଗରେ ପୁଣି କୋଉ ନେଲପଲିସ ଓ ଲିପ୍‌ଷ୍ଟିକ ମ୍ୟାଚ କରିବ ତାକୁ ନେଇ ପୂରା ଅଧାଓଳି ଚାଲିଯାଏ । ଏ ନିର୍ଣ୍ଣୟରେ ସାହାଯ୍ୟ କରିବା ପାଇଁ ବେଳେବେଳେ ସ୍ୱାମୀ ବା ପରିବାରର ଅନ୍ୟ କାହାକାହାଙ୍କ ସହାୟତା ଲୋଡ଼ିବାକୁ ପଡ଼େ । ହେଲାନି ଏଟା ଗୋଟେ ମୁଣ୍ଡ ଖରାପ ହେଲାଭଳି କାମ ?

ପ୍ରକୃତରେ ମନୋବିଜ୍ଞାନୀମାନେ କହୁଛନ୍ତି, ଜଣେ ସାଧାରଣ ମଣିଷ ଦିନରେ ପ୍ରାୟ ୩୫୦୦୦ ନିଷ୍ପତ୍ତି ନିଏ । ଦିନରେ ଯଦି ସାତ ଆଠ ଘଣ୍ଟା କାମ କରିବାକୁ ପଡ଼େ ତେବେ ଘଣ୍ଟାପିଛା ଚାରି ହଜାରରୁ ପାଞ୍ଚହଜାର ନିଷ୍ପତ୍ତି ନିଆଯାଏ । ବେଳେବେଳେ ଅବଚେତନରେ ଅନେକ ନିଷ୍ପତ୍ତି ନିଆଯାଏ, ଯାହାର ହିସାବ ନ ଥାଏ ଆମ ପାଖରେ । ୟା ଭିତରୁ ପ୍ରାୟ ଶତକଡ଼ା ୭୫ ଭାଗ ନିଷ୍ପତ୍ତି ଠିକ୍ ହୁଏ । ବାକି ୨୫% ଭୁଲ୍ ହୋଇଯାଏ । ଗୋଟେ ଛୋଟ ଛୋଟ ଛୁଆ ବି ଦିନରେ ପ୍ରାୟ ୩୦୦୦ ନିଷ୍ପତ୍ତି ନେଇଥାଏ । ତା' ଭିତରୁ ଦୁଇଶହରୁ ଊର୍ଦ୍ଧ୍ୱ ନିଷ୍ପତ୍ତି କେବଳ ଖାଦ୍ୟକୁ ନେଇ ହୋଇଥାଏ । କ'ଣ ଖାଇବି, କୋଉ ପ୍ରକାର ଖାଦ୍ୟ ଖାଇବି ଆମିଷ କି ନିରାମିଷ, ମଟନ କି ଚିକେନ, ମିଠା କି ଲୁଣି, ଖଟା କି ରାଗ, ତା' ପୁଣି କୋଉଠି ଘରେ କି ହୋଟେଲରେ । ହୋଟେଲ ହେଲେ ତା' ପୁଣି କୋଉ ହୋଟେଲ, ବଡ଼ କି ସାନ, ଦାମୀ କି ସାଧାରଣ । ହୋଟେଲ ଯଦି ଫାଇନାଲ ହୋଇଗଲା, କାହା ସାଙ୍ଗରେ ଯିବି । କେତେବେଳେ ଯିବି, ଦିନରେ କି ରାତିରେ । ଗଲେ କ'ଣ ପିନ୍ଧିକି ଯିବି ଏମିତି ନାନା ପ୍ରଶ୍ନ ଆମକୁ ଆକ୍ରାନ୍ତ କରେ । ଏସବୁ ନିଷ୍ପତ୍ତି ଭିତରେ ଜିନିଷ କିଣାକିଣିକୁ ନେଇ ଦୈନନ୍ଦିନ ଜୀବନରେ ଅନେକ ନିର୍ଣ୍ଣୟ ନେବାକୁ ପଡ଼େ । ତା'ଛଡ଼ା କାହାକୁ କ'ଣ କୁହାଯିବ, କେତେବେଳେ କ'ଣ କରାଯିବ, କାହାକୁ ଭେଟିବାକୁ ହେବ, କେଉଁଠି ଭେଟିବାକୁ ହେବ, କ'ଣ ପିନ୍ଧିବାକୁ ପଡ଼ିବ, କୋଉ ଦଳକୁ ବା ବ୍ୟକ୍ତିକୁ ଭୋଟ ଦେବାକୁ ପଡ଼ିବ, ପିଲାଙ୍କ ନାଁ କ'ଣ ଦେବାକୁ ପଡ଼ିବ, କୋଉ ସ୍କୁଲ ବା କଲେଜରେ ତାଙ୍କ ନାଆଁ ଲେଖେଇବାକୁ ପଡ଼ିବ, ପିଲାଜନ୍ମ କରିବା ନା ନାହିଁ, ଯଦି କରିବା କେବେ, ଏମିତି ନାନା ନିଷ୍ପତ୍ତି ନେବାକୁ ପଡ଼ିଥାଏ ଜୀବନକାଳ ଭିତରେ । ଅନେକ ସମୟରେ ଗୋଟିଏ ନିଷ୍ପତ୍ତି ବା ନିର୍ଣ୍ଣୟରେ ପହଞ୍ଚିବାକୁ ହେଲେ ଶହେ ବା ଦୁଇଶହ ବିକଳ୍ପ ଭିତରୁ ଗୋଟିକୁ ବାଛିବାକୁ ପଡ଼େ । ପ୍ରକୃତରେ ଏଇଟି ଗୋଟିଏ ନିଷ୍ପତ୍ତି ଭଳି ଲାଗୁଥିଲେ ମଧ ଏହା ମଧ୍ୟରେ ଶହେ ବା ଦୁଇଶହ ଉପନିଷ୍ପତ୍ତି ଲୁଚି ରହିଥାଏ । ଶହେ ବା ଦୁଇଶହ ବିକଳ୍ପକୁ ଗୋଟି ଗୋଟି କରି ପ୍ରତ୍ୟାଖ୍ୟାନ କଲାପରେ ଯାଇ ଆମେ ଗୋଟେ ନିଷ୍ପତ୍ତି ନଉ ।

ଅନେକ ନିଷ୍ପତ୍ତି ତା' ଭିତରୁ ଠିକ୍ ଥାଏ । କିଛି ଭୁଲ୍ ବି ହୋଇଯାଏ । ପରସ୍ପର ବିରୋଧୀ ବିକଳ୍ପ ସବୁ ଭିତରୁ କିଛି ବାଛିଲା ବେଳେ ଅନେକ ଦ୍ୱନ୍ଦ୍ୱ, ଦ୍ୱିବିଧା ଓ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼େ । ଅନେକ ଶତ୍ରୁ ସୃଷ୍ଟି ହୁଅନ୍ତି, ଅନେକ ମିତ୍ର ଦୂରେଇ ଯାଆନ୍ତି । ତେଣୁ ସେସବୁ ନିଷ୍ପତ୍ତି ନେବା ଭାରି କଷ୍ଟ । ଏପରି କି ଗୋଟେ ବ୍ୟସ୍ତ କ୍ଳାନ୍ତିକର ଦିନ ଶେଷରେ ଘରକୁ ଫେରିଲେ ରାତିରେ କ'ଣ ଖାଇବା ସେ ନିର୍ଣ୍ଣୟ ନେବା ବି କଷ୍ଟକର ଲାଗେ । ଟିଭିରେ କୋଉ ଚ୍ୟାନେଲ ଦେଖିବା ସେ ନିଷ୍ପତ୍ତି ବି ବେଳେବେଳେ ନେଇହୁଏ ନାହିଁ । ଏମିତି କ୍ଳାନ୍ତିକର ମୁହୂର୍ତ୍ତରେ ନିଆଯାଉଥିବା ଅନେକ ନିଷ୍ପତ୍ତି ଦୃଢ଼ ହୋଇପାରି ନ ଥାଏ । ସେଥିପାଇଁ ଭୋକ ଲାଗୁଥିଲା ବେଳେ, ରାଗିଥିଲା ସମୟରେ, ମନ ବ୍ୟସ୍ତ ଥିଲାବେଳେ କୌଣସି ନିଷ୍ପତ୍ତି ନ ନେବା ପାଇଁ କୁହାଯାଏ । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ ଏବେ ଗୋଟିଏ ସର୍ଭେ ହୋଇଥିଲା । ସେଥିରୁ ଜଣାପଡ଼ିଲା ଯେ ସକାଳ ସମୟରେ ପ୍ରାୟତଃ ମନ ଶାନ୍ତ ଥାଏ, ଯେଉଁ ସମୟରେ ଭଲ ନିଷ୍ପତ୍ତି ନେଇହୁଏ । ତେଣୁ ସ୍କୁଲରେ ପ୍ରଥମ ପିରିଅଡ଼ରେ ଗଣିତ କ୍ଲାସ ଥାଏ । ସେଥିପାଇଁ ବୋଧହୁଏ ଆମକୁ ପିଲାବେଳେ ପାହାନ୍ତାରୁ ଉଠି ସଂସ୍କୃତର ଶବ୍ଦରୂପ ଧାତୁରୂପ ଘୋଷିବାକୁ କୁହାଯାଉଥିଲା । ଗଣିତ କଷିବାକୁ କୁହାଯାଉଥିଲା । ସେଇଥିପାଇଁ ବୋଧହୁଏ କୋର୍ଟ ଆରମ୍ଭ ବେଳେ ପ୍ରଥମେ ବେଲ୍ ଆବେଦନଗୁଡ଼ିକର ଶୁଣାଣି କରାଯାଏ । ଦେଖାଯାଉଚି ଯେ, ସକାଳୁ ସକାଳୁ ଜଜ୍‌ମାନେ ବେଲ୍ ଶୁଣାଣି କଲେ ୭୦% କେସ୍‌ରେ ବେଲ୍ ମିଳିଯାଏ । ସେଇ କେସ୍ ଯଦି ଅପରାହ୍ନରେ ଶୁଣାଣି କରାଯାଏ ତାହା ପ୍ରାୟ ୫୦%କୁ କମିଯାଏ । ଅପରାହ୍ନ ବେଳକୁ କାମ କରି କରି ଗୋଟେ ପ୍ରକାର କ୍ଳାନ୍ତି ଆସିଯାଏ, ଯାହାକୁ ଆଜିକାଲି ମନୋବିଜ୍ଞାନୀମାନେ ନିର୍ଣ୍ଣୟ କ୍ଳାନ୍ତି ବା Decision Fatigue ବୋଲି କହୁଛନ୍ତି । ଏଇ ସମୟରେ ଭଲ ଖରାପ ଭିତରେ, ଠିକ୍ ଭୁଲ୍ ଭିତରେ ତଫାତ୍ ବାରିବା ପାଇଁ ମାନସିକ ସ୍ଥିତି ନ ଥାଏ । ଏହାକୁ ମନୋବିଜ୍ଞାନୀମାନେ ବିଶ୍ଳେଷଣ ପକ୍ଷାଘାତ ବା Analysis Paralysis ବୋଲି କହୁଛନ୍ତି । ସେଇ ସମୟରେ କେହି କିଛି ପଚାରିଲେ ବିରକ୍ତିରେ ବାହାରିଯାଏ ଯାହା କରୁଚ କର, ମତେ କିଛି ପଚାରନି । ବେଳେବେଳେ ବାହାରିଯାଏ ମୁଁ କିଛି କହିପାରିବିନି, ତମେ ତମ ନିଷ୍ପତ୍ତି ନିଅ ।

ସେଥିପାଇଁ ନିଷ୍ପତ୍ତି ବା ନିର୍ଣ୍ଣୟ ନଉଥିବା ଲୋକକୁ ବିଶ୍ରାମର ଆବଶ୍ୟକତା ଅଛି । ଅବିରାମ ଭାବେ କାମ କରି ଚାଲିଲେ ଗାଡ଼ିର ଇଞ୍ଜିନ ସିଜ୍ ହୋଇଗଲା ଭଳି, ମଣିଷର ମସ୍ତିଷ୍କ ବି ସିଜ୍ ହୋଇଯାଇପାରେ । ଆଜିର ମଣିଷ ପାଖରେ ନିଷ୍ପତ୍ତି ନ ନେବାର ସ୍ୱାଧୀନତା ଟିକକ ମଧ ନାହିଁ । ମୂଷିକ ଦୌଡ଼ରେ ତାକୁ ବିଶ୍ରାମ ଟିକିଏ ନେବାରେ ଫୁର୍‌ସତ୍ ମଧ ନାହିଁ । ଖାଇବା ଶୋଇବା ଭୁଲିବସୁଚି ମଣିଷ । କାଳେ ଟିକିଏ ବସିଗଲେ ଆଉ କିଏ ଆଗକୁ ମାଡ଼ିଯିବ ଏଇ ଭୟରେ ଆଶଙ୍କାରେ ସେ ଅହରହ ପୀଡ଼ିତ । ପ୍ରତିଯୋଗିତାର ଯୁଗରେ ମଣିଷ ଏକୁଟିଆ ହୋଇପଡୁଚି । ସର୍ବଯୋଗ୍ୟ ହେବାର ଲାଳସାରେ ଏବଂ ସର୍ବଭୋଗୀ ହେବାର ଲୋଭରେ ସେ ଖଟି ଚାଲିଚି ଉଭୟ ମାନସିକ ଓ ଶାରୀରିକ ଭାବେ । ଠିକ୍ ସେଇ ଲୋକଟି ଭଳି ଯିଏ ସକାଳୁ ସଞ୍ଜ ଯାଏ ଯେତେ ଜମି ଉପରେ ଦୌଡ଼ିପାରିବ ସେ ସବୁ ତା'ର ହୋଇଯିବ ବୋଲି ଭାବି ଦୌଡ଼ିଦୌଡ଼ି ସଞ୍ଜ ବେଳକୁ ଟଳି ପଡ଼ିଥିଲା ଏବଂ ଶେଷରେ ସାତହାତ ମାଟିରେ ହିଁ ପୋତା ହୋଇଥିଲା ତା'ର ଶବ ! ପାରିବାରପଣ ଦେଖାଇବା ପାଇଁ ନିଷ୍ପତ୍ତି ନେଇ ନେଇ ଶେଷରେ ସେ ନିର୍ବୋଧ ଲୋକଟି ଭଳି ଚାଲି ନ ଯାଉ ଆମ ଜୀବନ । ଜିଇବା ନାଆଁରେ ଦୌଡ଼ି ଦୌଡ଼ି ଜୀବନ ହିଁ ନଷ୍ଟ ହୋଇ ନ ଯାଉ ଶେଷରେ ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ -୯୪୩୭୨୮୬୫୧୨

# ପିଏଏସ୍ ଅଧିକାରୀ

**ବ୍ୟକ୍ତିତ୍ୱ**



ସାନା ରାମଚାନ୍ଦ ଗୁଲୱାନି

ପୃଥିବୀବ୍ୟାପୀ ଦେଖାଯାଇଛି, ସିଭିଲ ସର୍ଭିସ ବା ବେସାମରିକ ସେବାରେ ନିୟୋଜିତ ଅଧିକାରୀ ସରକାରଙ୍କୁ ମାର୍ଗଦର୍ଶନ ଦେଇଥାଆନ୍ତି । ସେମାନଙ୍କ ପ୍ରତିପ୍ରନ୍ନମତିତା ବିଭିନ୍ନ ସ୍ଥିତିକୁ ଠିକ୍ ଭାବେ ପରିଚାଳନା କରିବାରେ ବିଶେଷ ସହାୟକ ହୋଇଥାଏ । ସେଥିପାଇଁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଲାଗି ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସ୍ତର ଦେଇ ଗତି କରିବାକୁ ପଡ଼ିଥାଏ । ଭାରତରେ ଯେଭଳି କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ସିଭିଲ ସର୍ଭିସେସ୍ ପରିଚାଳନା କରିଥାଏ, ସେହିଭଳି ପାକିସ୍ତାନରେ ସେଣ୍ଟ୍ରାଲ ସୁପରିୟର୍ ସର୍ଭିସେସ୍ (ସିଏସ୍‌ଏସ୍) ତା'ର ସିଭିଲ ସର୍ଭାଣ୍ଟମାନଙ୍କୁ ବାଛିଥାଏ । ସେହି କ୍ରମରେ ଦେଖିଲେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଭଳି ପାକିସ୍ତାନ ପ୍ରଶାସନିକ ସେବା (ପିଏଏସ୍) ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥାଆନ୍ତି । ନିକଟରେ ମିଳିଥିବା ଖବରକୁ ଦେଖିଲେ ସାନା ରାମଚାନ୍ଦ ଗୁଲୱାନି ପିଏଏସ୍ ପାଇବାରେ ସେଠାକାର ପ୍ରଥମ ହିନ୍ଦୁ ମହିଳା ଭାବେ ଗୌରବ ଅର୍ଜନ କରିଛନ୍ତି ।

ପାକିସ୍ତାନର ସିନ୍ଧ ପ୍ରଦେଶରେ ସବୁଠୁ ଅଧିକ ହିନ୍ଦୁ ବାସ କରିଥାଆନ୍ତି । ଶିକରପୁର ଜିଲାର ଏକ ଗ୍ରାମୀଣ ଅଞ୍ଚଳର ଝିଅ ହେଉଛନ୍ତି ସାନା । ମାତାପିତା ଚାହୁଁଥିଲେ ସେ ଡାକ୍ତରାଣୀ ହୁଅନ୍ତୁ । ଶାହୀଦ ମୋହତର୍ମା ବେନେଜିର ଭୁଟୋ ମେଡିକାଲ ୟୁନିଭର୍ସିଟିରୁ ସେ ୨୦୧୬ରେ ଏମ୍‌ବିବିଏସ୍ ପାଶ୍ କରିଥିଲେ । ପରେ ୟୁରୋଲୋଜିଷ୍ଟ ହେବା ପାଇଁ ପଢ଼ା ଶେଷ କରି ସେ ଫେଡେରାଲ ପବ୍ଲିକ୍ ସର୍ଭିସ କମିଶନରେ ନାମ ପଞ୍ଜୀକରଣ କରିଥିଲେ । ଶିକରପୁରର ଏକ ଛୋଟିଆ ସହର ଲାଖିର ଏକ ତାଲୁକା ହସ୍ପିଟାଲରେ ସେ ମେଡିକାଲ ଅଫିସର ଭାବେ ଯୋଗ ଦେଇଥିଲେ । କିନ୍ତୁ ସେ ଦେଖିବାକୁ ପାଇଲେ ଯେ, ଗ୍ରାମୀଣ ସିନ୍ଧ ଅଞ୍ଚଳରେ ଡାକ୍ତରୀ ସେବା ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ସେ ପ୍ରତିଦିନ ଅନେକ ରୋଗୀଙ୍କୁ ଦେଖିଥାଆନ୍ତି । କିନ୍ତୁ ଡାକ୍ତରଖାନାରେ ଔଷଧର ଘୋର ଅଭାବ ଯୋଗୁ ରୋଗୀମାନେ ଖାଲି ହାତରେ ଫେରିଥାଆନ୍ତି । ଏପରି କି ଅତ୍ୟନ୍ତ ଜରୁରୀ ଟିଟାନସ୍‌ର ଅଭାବ ଓ ଆବଶ୍ୟକ ଶଯ୍ୟା ନ ଥିବାରୁ ସେମାନଙ୍କ ଦୁର୍ଦ୍ଦଶା ବଢ଼ି ଚାଲୁଥିବା ସେ ଦେଖିବାକୁ ପାଇଥିଲେ । ତାଙ୍କ ମନରେ ପ୍ରଶ୍ନ ଉଠିଥିଲା ଲୋକମାନଙ୍କୁ ମୌଳିକ ସୁବିଧା ମିଳିପାରୁ ନ ଥିବା ବେଳେ ଏ ସରକାରୀ ଡାକ୍ତରଖାନାର ମାନେ କ'ଣ ? ତେବେ ୨୦୧୯ରେ ଯେତେବେଳେ ତାଙ୍କ ହସ୍ପିଟାଲକୁ ଶିକରପୁରର ଡେପୁଟୀ କମିଶନର ବୁଲିବାକୁ ଆସିଲେ, ସେତେବେଳେ ସାନା ଅନୁଭବ କଲେ ଲୋକେ ତାଙ୍କୁ କିଭଳି ସମ୍ମାନ ଦେଉଛନ୍ତି । ତାଙ୍କ ନିର୍ଦ୍ଦେଶ ମୁତାବକ ଅନେକ କାର୍ଯ୍ୟ ହୋଇଯାଉଥିବା ଦେଖି ସେ ସିଭିଲ ସର୍ଭିସରେ କ୍ୟାରିୟର କରିବାକୁ ମନ ବଳାଇଥିଲେ ବୋଲି କହିଥାଆନ୍ତି । ତା' ପରେ ସେହି କଷ୍ଟକର ପରୀକ୍ଷା ଦେବାକୁ ସେ ବସିଲେ । ନିଜର ପ୍ରତିଭା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ପ୍ରଥମ ପଦାର୍ପଣରେ ସାନା ପାକିସ୍ତାନ ପ୍ରଶାସନିକ ସେବା ପାଇ ଇତିହାସ ରଚିଛନ୍ତି । ସିଏସ୍‌ଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୨୧ ପ୍ରାର୍ଥୀଙ୍କ ମଧ୍ୟରେ ତାଙ୍କ ନାମ ଦେଖି ଉତ୍ଫୁଲ୍ଲିତ ହୋଇଯାଇଥିଲେ । ଏକ କଷ୍ଟକର ପରୀକ୍ଷାରେ ପାଶ୍ କରି ଦେଶର ସର୍ବୋଚ୍ଚ ସେବାରେ ଯୋଗଦେବା ନିଶ୍ଚିତ ଭାବେ ଉତ୍ସାହଜନକ କଥା । ଉଲ୍ଲେଖଯୋଗ୍ୟ ଯେ, ଚଳିତ ଥର ସିଏସ୍‌ଏସ୍ ପରୀକ୍ଷାର ପାଶ୍ ହାର ରହିଥିଲା ମାତ୍ର ଦୁଇ ପ୍ରତିଶତ । ସାନା ପିଏଏସ୍ ପାଇବେ ବୋଲି ଘୋଷଣା ହେବା ପରେ ଈଶ୍ୱରଙ୍କ ଆଶୀର୍ବାଦରୁ ସେ ଏଭଳି ସ୍ଥାନରେ ପହଞ୍ଚିପାରିଛନ୍ତି ବୋଲି କହିଛନ୍ତି । ପାକିସ୍ତାନର ସର୍ବୋଚ୍ଚ ସେବା କ୍ଲବରେ ସାମିଲ ହୋଇଥିବାରୁ ପ୍ରଥମେ ତାଙ୍କୁ ଆସିଷ୍ଟାଣ୍ଟ କମିଶନର ପଦବୀ ମିଳିବ । ପରେ ପଦୋନ୍ନତି ପାଇ ସେ ଡିଷ୍ଟ୍ରିକ୍ଟ କମିଶନର ହେବେ ।

୨୭ ବର୍ଷୀୟା ଏହି ଅବିବାହିତା ଅଧିକାରୀ ଯୁବବର୍ଗ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ତାଙ୍କ ପ୍ରତିଟି ସଫଳତା ସକାଶେ ସେ ମାତାପିତାଙ୍କୁ ଶ୍ରେୟ ଦେଇଛନ୍ତି । ଡାକ୍ତରରୁ ଏବେ ପ୍ରଶାସନିକ ଅଧିକାରୀ ହୋଇଥିବାରୁ ତାଙ୍କ ସେବା ପରିସର ବ୍ୟାପକ ହୋଇପାରିଛି । ଏଭଳି ସ୍ଥଳେ ସାନା ଜନସାଧାରଣଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେଇପାରିବେ । ସାମାଜିକ ଓ ଅର୍ଥନୈତିକ ସମସ୍ୟା ଦେଇ ଗତି କରୁଥିବା ପାକିସ୍ତାନ ମଧ ତାଙ୍କ ଭଳି ଯୁବ ପ୍ରତିଭାଙ୍କଠାରୁ ଅନେକ କିଛି ଆଶା କରିବା ସ୍ୱାଭାବିକ ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜୀବନ ସଭିଙ୍କ ପାଇଁ ସମାନ । ଯେକୌଣସି ଧର୍ମ ବିଚାରରେ ବି ଜୀବନର ମୂଲ୍ୟ ଅକଳନୀୟ । ଯେଉଁଥିପାଇଁ ଜଣେ ହିନ୍ଦୁ ମହିଳା ଓ ଜଣେ ମୁସଲମାନ ମହିଳା ସେମାନଙ୍କ କିଡ୍‌ନୀ ଦାନ କରି ପରସ୍ପରର ସ୍ୱାମୀଙ୍କ ଜୀବନ ବଞ୍ଚାଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ମହତ୍ କାର୍ଯ୍ୟରେ ସେମାନେ ସର୍ବଧର୍ମ ସମନ୍ୱୟ ବାର୍ତ୍ତା ମଧ ଦେଇଛନ୍ତି । ଡେରାଡୁନ୍‌ର ବିକାଶ ଉନିୟାଲ ଏବଂ ଅସରଫ ଅଲି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ । ଅସରଫ୍‌ଙ୍କ ବୟସ ୫୧ ହୋଇଥିବାବେଳେ ବିକାଶଙ୍କ ବୟସ ୫୦ । ସେମାନେ କିଡ୍‌ନୀ ଡୋନର୍ ସନ୍ଧାନରେ ମଧ ଥିଲେ । ହେଲେ ତାହା ପାଇବାକୁ ସକ୍ଷମ ହୋଇ ପାରି ନ ଥିଲେ କାରଣ ସେମାନଙ୍କ ନିକଟରେ ଅର୍ଥାଭାବ ରହିଥିଲା । ଡାକ୍ତରୀ ପରୀକ୍ଷା ପରେ ବିକାଶଙ୍କ ସ୍ତ୍ରୀ ସୁଷମାଙ୍କର କିଡ୍‌ନୀ ଅସରଫଙ୍କ ସହ ମ୍ୟାଚ ହୋଇଥିଲା । ଅସରଫଙ୍କ ସ୍ତ୍ରୀ ସୁଲତାନାଙ୍କର କିଡ୍‌ନୀ ମଧ ବିକାଶଙ୍କ ସହ ମ୍ୟାଚ୍ ହୋଇଯାଇଥିଲା । ଫଳରେ ଦୁଇଜଣଙ୍କ ଜୀବନର ଆଶା ସଞ୍ଚାର ହୋଇଥିଲା । ପରେ ଡେରାଡୁନର ହିମାଳୟାନ ହସ୍ପିଟାଲରେ ସୁଷମାଙ୍କ କିଡ୍‌ନୀ ଅସରଫଙ୍କ ଶରୀରରେ ଓ ସୁଲତାନାଙ୍କ କିଡ୍‌ନୀ ବିକାଶଙ୍କଠାରେ ପ୍ରତିରୋପଣ କରାଯାଇଛି । ଏହାଦ୍ୱାରା ଉଭୟ ପରିବାର ଆର୍ଥିକ କଷ୍ଟରୁ ମୁକ୍ତି ପାଇବା ସହ ମାନସିକ ଶାନ୍ତି ପାଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ସେପ୍ଟେମ୍ବର ୧୯୯୬**

- ନେଦରଲାଣ୍ଡର ଏକ ନୌବାହିନୀ ଘାଟି ନିକଟରେ ଡି.ସି.-୩ ଡାକୋଟା ବିମାନ ଖସିପଡ଼ିବା ଫଳରେ ୧୩ଜଣ ଯାତ୍ରୀଙ୍କ ମୃତ୍ୟୁ ।
- କ୍ଷମତାର ଅପବ୍ୟବହାର ଓ ପ୍ରିୟାପ୍ରୀତିତୋଷଣ ଅଭିଯୋଗରେ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ସତୀଶ ଶର୍ମାଙ୍କୁ କୋର୍ଟ ନୋଟିସ ।

## ଚିରନ୍ତନୀ

ମାଳତୀର ଆଖି ଓଦା
ଅଶ୍ରୁର ଶିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
ଅତୀତ ମୋ ଯଉବନ
ଆଣିଅଛି ନିମନ୍ତ୍ରଣ
କେତକୀ ସୁବାସେ ଦଶ ଦିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
(ଶିଶିର-ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବିନାଶ କାଳେ

ମହାଶୟ,

ସୃଷ୍ଟିକର୍ତ୍ତା ବା ପ୍ରକୃତି ସମଗ୍ର ଜୀବଜଗତ ପାଇଁ ସବୁଠୁ ଅଧିକ ଆବଶ୍ୟକ ଉପାଦାନଗୁଡ଼ିକୁ ପ୍ରଚୁର ପରିମାଣରେ ସୁଲଭ କରିଛି । କିନ୍ତୁ ଆଜିର ତଥାକଥିତ ଅଜ୍ଞାନୀ ମଣିଷ ସେସବୁର ମୂଲ୍ୟ ନ ବୁଝି ନିଜର ଅପରିଣାମଦର୍ଶୀ କାର୍ଯ୍ୟକଳାପ ଦ୍ୱାରା ବିନାଶକୁ ଆମନ୍ତ୍ରଣ କରୁଛି । ଜଳର ଅନ୍ୟ ନାମ ଜୀବନ । ବର୍ଷା ରୂପରେ ସର୍ବୋତ୍କୃଷ୍ଟ ପାନୀୟ ଜଳ ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିବା ସ୍ଥଳେ ଏହାର ସୁପରିଚାଳନା ଓ ସଦ୍ ବିନିଯୋଗର ଅଭାବ ଦେଖାଦେଇଛି । ଫଳରେ ଗ୍ରୀଷ୍ମ ଓ ବର୍ଷା ଋତୁରେ ଦୁଇଟି ଭିନ୍ନ ଧରଣର ଜଳ ଯନ୍ତ୍ରଣା ଭୋଗିବାକୁ ପଡ଼େ । ଏହା ବ୍ୟତୀତ କୃଷି, ଶିଳ୍ପ ଓ ପାନୀୟ ଜଳ ଯୋଜନାଗୁଡ଼ିକ ନାମରେ ଭୂତଳ ତଥା ନଦୀ ଜଳର ଅତ୍ୟଧିକ ଦୋହନ ଆମ ପାଇଁ ଏକ ଭୟାନକ ସ୍ଥିତି ଆଡ଼କୁ ଟାଣି ନେଉଛି । ସହରାଞ୍ଚଳର କଂକ୍ରିଟ୍ ଜଙ୍ଗଲ ବର୍ଷା ଜଳକୁ ଭୂଗର୍ଭକୁ ଯିବାକୁ ବାଧା ଦେବା ସହ ସାମାନ୍ୟ ବର୍ଷାରେ ବନ୍ୟାର ଭ୍ରମ ସୃଷ୍ଟି କରୁଛି । ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ ବର୍ଷାଜଳ ଅମଳର ପର୍ଯ୍ୟାପ୍ତ ସୁବନ୍ଦୋବସ୍ତ କରାଯାଇପାରିଲେ ଯେକୌଣସି କାର୍ଯ୍ୟ ପାଇଁ ଜଳର ଅଭାବ ରୁହନ୍ତା ନାହିଁ । ସଞ୍ଚୟର ବ୍ୟବସ୍ଥା ନ ଥାଇ ବ୍ୟୟ କରି ଚାଲିଲେ ପୂର୍ଣ୍ଣଗର୍ଭା ଶୂନ୍ୟଗର୍ଭା ହେବାକୁ ବେଶି କାଳ ଲାଗିବନି । ଏକଥା ଭୁଲିଗଲେ ବିକାଶ ବଦଳରେ ବିନାଶ ହେବା ସାର ହେବ । ଆମେ ବହୁ କିଛି ପ୍ରାକୃତିକ ସମ୍ପଦ ହରାଇ ସାରିଲୁଣି । ପୂର୍ବ ଭୁଲ୍ ନ ସୁଧାରିଲେ ଉତ୍ତରଦାୟାଦ ଆମକୁ କ୍ଷମା ଦେବେ ନାହିଁ ।

ରଞ୍ଜନ ନାୟକ, ରାଜକନିକା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମାସ୍କ ନ ପିନ୍ଧି ୩୫ ଜଣ ଜରିମାନା ଦେଲେ**

ପୁରୀ ଅଫିସ: ପୁରୀ ଜିଲାରେ ଶନିବାର ୧୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ସହରର ମାତ୍ର ୩ଜଣ ରହିଛନ୍ତି। ସଂକ୍ରମଣର ମାତ୍ରା କମୁଥିବାବେଳେ ଲୋକେ ଗାଇଡ୍‌ଲାଇନ୍‌କୁ ଅଣଦେଖା କରୁଛନ୍ତି। ଅନେକ ଲୋକ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ତେଣୁ ଶନିବାର ପୁରୀ ପୋଲିସ ପକ୍ଷରୁ କୁମ୍ଭାରପଡ଼ା ଛକ, ସମୁଦ୍ରକୂଳ ଥାନା ନିକଟ ଓ ବଳିଆପଣ୍ଡା ଅଞ୍ଚଳ ସମେତ ୫ଟି ସ୍ଥାନରେ ମାସ୍କ ଯାଞ୍ଚ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୩୫ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। କୋଭିଡ୍ ସଂକ୍ରମଣ କମିବା ସତ୍ତ୍ୱେ ପୋଲିସ କଟକଣା କଡ଼ାକଡ଼ି କରୁଛି ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ କହିଛନ୍ତି।

# 'ପ୍ରଜାତନ୍ତ୍ରରେ ଜନବଳ ସବୁଠୁ ଉର୍ଦ୍ଧ୍ୱରେ'

## ପିପିଲିରେ ଆଶ୍ରିତଙ୍କ ପାଇଁ ପ୍ରଚାର କଲେ ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଡ୍ ସୋ' କରି ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ପିପିଲି/ଡେଲାଙ୍ଗ, (ସ୍ୱ.ପ୍ର./ଡି.ଏନ୍.ଏ.)୨୫।୯

ପିପିଲିର ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ ଆବାସ ଯୋଜନାରେ ଘର ଏବଂ ଅଞ୍ଚଳର ବିକାଶ ଲାଗି ବିପୁଳ ଅର୍ଥ ଯୋଗାଇବା ସତ୍ତ୍ୱେ ରାଜନୈତିକ ପଶାପାଲିରେ ରାଜ୍ୟର ଶାସକ ଦଳ ଦ୍ୱାରା ଏହି ଅର୍ଥ ବାଟମାରଣା କରାଯାଇଛି। ପିପିଲିବାସୀ ଭୋଟ ମାଧ୍ୟମରେ ଏହାର ଉଚିତ ଜବାବ୍ ଦେବେ। ସେହିପରି ପ୍ରଜାତନ୍ତ୍ରରେ ସରକାରୀ କଳ ଓ ବଳଠାରୁ ଜନବଳ ସବୁଠୁ ଉର୍ଦ୍ଧ୍ୱରେ ବୋଲି କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ପିପିଲି ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ପ୍ରଥମେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଉତ୍ତରା ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ଏକ ବିରାଟ ଶୋଭାଯାତ୍ରାରେ ପୁବାଶାସନ, ଲକ୍ଷ୍ମୀନାରାୟଣପୁର, ଗୁଡ଼ିଆ ପୋଖରୀ, ଜଗନ୍ନାଥପୁର, ନୂଆଶାସନ, ଦାନମୁକୁନ୍ଦପୁର, ଦୁର୍ଗାଦାସପୁର, ଯଶୁଆପୁର, ଚନ୍ଦ୍ରଦେଇପୁର, ବୀରପୁରୁଷୋତ୍ତମପୁର, ସଁପୁର ପ୍ରଭୃତି ପଞ୍ଚାୟତ ବୁଲି ପ୍ରାର୍ଥୀ ଆଶ୍ରିତଙ୍କ ପାଇଁ ଭୋଟ୍ ମାଗିଥିଲେ। ସେ ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବଖାଣିଥିବାବେଳେ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ପରେ ସେ ଡେଲାଙ୍ଗ ଯାଇ ବିଭିନ୍ନ ପଞ୍ଚାୟତରେ ରୋଡ୍ ଶୋ କରି ଆଶ୍ରିତଙ୍କୁ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ପ୍ରଧାନ କହିଥିଲେ, ପିପିଲିରେ ପରିବର୍ତ୍ତନର ସ୍ୱର ଉଠିଛି। ଫନୀ ବେଳେ ଓଡ଼ିଶାକୁ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣର ସହାୟତା ଦେଇଥିଲେ, କିନ୍ତୁ ରାଜ୍ୟ ସରକାର ତାହାକୁ ସମସ୍ତ କ୍ଷତିଗ୍ରସ୍ତଙ୍କ ପାଖରେ ପହଞ୍ଚାଇପାରିଲେ ନାହିଁ। ତେଣୁ ପିପିଲିରେ ଜନଆକ୍ରୋଶ ଦେଖାଦେଇଛି। ଏହା ବିପକ୍ଷରେ ଲୋକେ ଭାଜପାକୁ ଭୋଟ ଦେଇ ପରିବର୍ତ୍ତନ ଆଣିବେ ବୋଲି ସେ ପ୍ରକାଶ କରିଥିଲେ। ଏହି ରୋଡ୍ ଶୋ'ରେ ରାଜ୍ୟ ପ୍ରବକ୍ତା ସମିର ପାତ୍ର, ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମୁଖପାତ୍ର ଗୋଲକ ମହାପାତ୍ର, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ମୁଖ୍ୟ ସଚେତକ ତଥା ବିରୋଧୀ ଦଳ ନେତା ମୋହନ ମାଝି, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ଜେନା ପ୍ରମୁଖ ସାମିଲ ଥିଲେ।

# ମତ୍ସ୍ୟଜୀବୀଙ୍କୁ ଦଳିଦେଲେ ଫେରନ୍ତା ହାତୀ

## ୩ ସାଥୀଙ୍କୁ ନ ପାଇ ନରାଜ ଜଙ୍ଗଲରେ ଥିଲେ

ବାରଙ୍ଗ,୨୫।୯(ଡି.ଏନ୍.ଏ.)

ମାଛ ମାରିବାକୁ ମହାନଦୀକୁ ଯାଉଥିବାବେଳେ ହାତୀ ଆକ୍ରମଣରେ ନରାଜ କୈବର୍ତ୍ତସାହିର ମତ୍ସ୍ୟଜୀବୀ ସୁଶାନ୍ତ କୁମାର ବେହେରାଙ୍କ ମୃତ୍ୟୁ ଘଟିଛି। ଆଠଗଡ଼ରୁ ମହାନଦୀ ପାର ହୋଇ ଚନ୍ଦକା ଫେରୁଥିବା ହାତୀ ପଲ ତାଙ୍କୁ ଦଳିଦେଇଥିବା କୁହାଯାଉଛି। ତେବେ ଶନିବାର ସକାଳେ ତାଙ୍କ ମୃତଦେହ ମିଳିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରୋକୋ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ବନ ବିଭାଗର ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରି କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବାପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ୯ ଟିକିଆ ହାତୀପଲ ଆଠଗଡରୁ ଚନ୍ଦକାଜଙ୍ଗଲକୁ ଫେରୁଥିବାବେଳେ ମହାନଦୀ ସ୍ରୋତରେ ୩ ହାତୀ ଭାସି ଯାଇଥିଲେ। ଗୋଟିଏ ହାତୀ ମୁଣ୍ଡଳି ବ୍ରିଜ୍‌ରେ ଲାଗିଥିବାବେଳେ ଅନ୍ୟ ୨ଟି ହାତୀ ମହାନଦୀ ପଠାରେ ଅଟକି ରହିଥିଲେ। ଶୁକ୍ରବାର ଉକ୍ତ ହାତୀକୁ ଉଦ୍ଧାର ପାଇଁ ଯାଇଥିବା ଓଡ୍ରାଫ୍ ଟିମ୍‌ର ବୋଟ୍ ମୁଣ୍ଡଳି ବ୍ରିଜ୍ ନିକଟରେ ଓଲଟିପଡିବାରୁ ଜଣେ ଯବାନ ଓ ଅନ୍ୟଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ତେବେ ୩ ସାଥୀଙ୍କୁ ନ ପାଇ ଅନ୍ୟ ୬ ହାତୀ ଚନ୍ଦକା ନ ଫେରି ନରାଜ ଗ୍ରାମ ନିକଟ ଜଙ୍ଗଲରେ ରହିଥିଲେ। ବିଳମ୍ବିତ ରାତିରେ ଏହି ହାତୀପଲ ଜଙ୍ଗଲରୁ ବାହାରି ନରାଜ ଗ୍ରାମ ଆଡେ ଆସିଥିଲେ। ଏହି ସମୟରେ ମାଛ ମାରିବାକୁ ଯାଉଥିବାବେଳେ ନରାଜ କୈବର୍ତ୍ତ ସାହିର ମତ୍ସ୍ୟଜୀବୀ ସୁଶାନ୍ତ ସେମାନଙ୍କ ହାବୁଡରେ ପଡିଯାଇଥିଲେ। ହାତୀପଲ ଦଳି ଦେବାରୁ ସୁଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସକାଳେ ମୃତଦେହ ମିଳିବା ପରେ ବନ ବିଭାଗ କର୍ମଚାରୀମାନେ ସଠାରେ ପହଞ୍ଚିଥିଲେ। ଗ୍ରାମବାସୀ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ହୋହଲ୍ଲା କରିବା ସହ ରାସ୍ତାରୋକୋ ପାଇଁ ଉପସ୍ଥିତ ବନ କର୍ମଚାରୀଙ୍କୁ ଚେତାବନୀ ଦେଇଥିଲେ। ଏସିଏଫ୍ ସଂଗ୍ରାମ କେଶରୀ ମହାନ୍ତି ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ୪୦ ହଜାର ଟଙ୍କା ଓ ମାସକ ମଧ୍ୟରେ ମୃତକଙ୍କ ପରିବାରକୁ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ମୃତକଙ୍କ ପାଖରେ ହାତୀ ପାଦଚିହ୍ନ ରହିଛି। ହାତୀ ଆକ୍ରମଣ କରିଥିବା ସ୍ପଷ୍ଟ ପ୍ରମାଣ ମିଳୁଛି ବୋଲି ଏସିଏଫ୍ ମହାନ୍ତି କହିଛନ୍ତି।

# ୨ ଶିଶୁଙ୍କୁ ଛାଡ଼ି ପଳାଇଲେ ବାପା

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ କାନ୍ଦୁଥିବାବେଳେ ଉଦ୍ଧାର କଲା ପୋଲିସ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ୨ ଶିଶୁଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ପଳାଇଛନ୍ତି ବାପା। କାନ୍ଦୁଥିବାବେଳେ ଭରତପୁର ଥାନା ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଏମାନଙ୍କ ମଧ୍ୟରେ ଜଣେ ୫ ବର୍ଷର ଶିଶୁପୁତ୍ର ଥିବାବେଳେ ଅନ୍ୟଜଣେ ୮ ବର୍ଷର ଶିଶୁକନ୍ୟା। ଘର ଗଞ୍ଜାମ ଜିଲା ଉଦଳା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଚାଇଲ୍ଡ ଲାଇନ୍ ସେମାନଙ୍କୁ ଆଣି କଳିଙ୍ଗନଗର ବିଶ୍ୱ ଜୀବନ ସେବା ସଂଘର ଆଶ୍ରୟସ୍ଥଳୀରେ ରଖିଛି। ଏନେଇ ଚାଇଲ୍ଡ ଲାଇନ ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି, ଏପର୍ଯ୍ୟନ୍ତ ତାଙ୍କ ପରିବାର ସମ୍ପର୍କରେ କିଛି ଖବର ମିଳିପାରି ନାହିଁ। ପିଲାମାନଙ୍କ କଥା ଅନୁସାରେ ତାଙ୍କ ବାପା ସେମାନଙ୍କୁ ଛାଡିଚାଲିଯାଇଥିବା ଆମେ ସନ୍ଦେହ କରୁଛି। ଆମେ ସୋମବାର ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଏହାପରେ ଉଦଳା ଥାନାକୁ ଜଣାଇବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ରାତି ପ୍ରାୟ ୯ଟାରେ ବସ୍‌ଷ୍ଟାଣ୍ଡରେ ୨ ଜଣ ଶିଶୁ କାନ୍ଦୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲା। ଚାଇଲ୍ଡ ଲାଇନ ସେମାନଙ୍କୁ ପଚରାଉଚରା କରିଥିଲା। ଗଞ୍ଜାମ ଜିଲା ଉଦଳା ଥାନା ଅଞ୍ଚଳରେ ସେମାନଙ୍କ ଘର ବୋଲି ଶିଶୁକନ୍ୟା ଜଣକ କହିଥିଲେ। ମା' କିଛିଦିନ ହେବ ନିଖୋଜ ହୋଇଯାଇଛନ୍ତି। ବଡ ମା'ଙ୍କୁ ଭେଟ କରିବା ପାଇଁ ବାପା ସେମାନଙ୍କୁ ବସ୍‌ରେ ଏଠାକୁ ଆଣିଥିଲେ। ବସ୍‌ଷ୍ଟାଣ୍ଡରେ ବସାଇ ବାପା କୁଆଡ଼େ ପଳାଇଛନ୍ତି ବୋଲି ସେମାନେ କହିଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଡିଭିଏଫ୍ ଯବାନ ମୃତ

ରାଇଘର/ଉମରକୋଟ,୨୫।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦରସ୍ଥିତ ଡିଭିଏଫ୍(ଡିସ୍‌ଟ୍ରିକ୍ଟ ଭଲ୍ୟୁଣ୍ଟାରି ଫୋର୍ସ) କ୍ୟାମ୍ପରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯବାନଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଯବାନ ଗୁରୁତର ହୋଇଛନ୍ତି। ମୃତ ଯବାନ ହେଲେ ଇସାକ୍ ହରିଜନ(୩୨)। ଗୁରୁତର ଦୁଇ ଯବାନ ହେଲେ ଟଙ୍କ ସୌରି(୩୪) ଏବଂ ଈଶ୍ୱର ମାଝି(୩୫)। ସୂଚନା ଅନୁଯାୟୀ, ଏହି କ୍ୟାମ୍ପ ଘର ସମ୍ପୂର୍ଣ୍ଣ ଟିଣ ଚାଦରରେ ନିର୍ମାଣ ହୋଇଥିବାବେଳେ ଘର ଉପର ଦେଇ ୧୧ କେ.ଭି. ବିଦ୍ୟୁତ୍ ତାର ଯାଇଛି। କୌଣସି କାରଣରୁ ବିଦ୍ୟୁତ୍ ଖୁଣ୍ଟର ଇନ୍ସୁଲିନ୍ ପିନ୍ ଫାଟିଯିବାରୁ ତାର ଛିଣ୍ଡି କ୍ୟାମ୍ପର ଟିଣରେ ଲାଗିଥିଲା। ଏହି ସମୟରେ କ୍ୟାମ୍ପ ଘର ମଧ୍ୟରେ ଥିବା ୩ ଯବାନ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଏଥିରେ ଯବାନ ଇସାକ୍ ଘଟଣାସ୍ଥଳରେ ଟଳିପଡ଼ିଥିବାବେଳେ ଅନ୍ୟ ୨ ଯବାନ ଗୁରୁତର ହୋଇଥିଲେ। ଏହା ଜଣାପଡ଼ିବା ପରେ ବିଦ୍ୟୁତ୍ କର୍ମଚାରୀମାନେ ତୁରନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ସହ ୩ ଯବାନଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଇସାକଙ୍କୁ ମୃତ ଘୋଷଣା କରିଥିଲେ।

# ମୃତ ବାର୍‌ହା ଜବତ, ୨ ଶିକାରୀ ଗିରଫ

ବାଲୁଗାଁ,୨୫।୯(ଡି.ଏନ୍.ଏ.)

ବାଲୁଗାଁ ବନ କର୍ମଚାରୀ ଶନିବାର ଏକ ମୃତ ବାର୍‌ହା ଜବତ କରିବା ସହ ୨ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ବାଣପୁର ଥାନା ଅଧୀନ ବେଲଡ଼ିହ ଗ୍ରାମର ରଞ୍ଜନ ନାୟକ ଓ ପ୍ରକାଶ ନାୟକ। ବିଭାଗୀୟ କେସ (ନଂ.୫/୨୧)ଅନୁଯାୟୀ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲଣ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଶିକାରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବାଲୁଗାଁ ବନ ବିଭାଗ ଅଧୀନ ବିଭିନ୍ନ ଜଙ୍ଗଲରେ ଅବାଧରେ ବନ୍ୟଜନ୍ତୁ ଶିକାର କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର ରାତିରେ ଗମ୍ଭାରୀମୁଣ୍ଡା ନିକଟ ଷଣ୍ଢା ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ଚାଲିଥିବା ଖବରପାଇ ବାଲୁଗାଁ ବନ ଅଧିକାରୀ ପ୍ରତାପ ମହାନ୍ତି ସଦଳବଳେ ଉକ୍ତ ଜଙ୍ଗଲ ନିକଟରେ ଛପି ରହିଥିଲେ। ଶନିବାର ଭୋରରୁ ୪ଜଣ ଶିକାରୀ ଏକ ମୃତ ବାର୍‌ହାକୁ କାନ୍ଧରେ ବୋହି ନେଉଥିବା ବେଳେ ଛପି ରହିଥିବା ବନ କର୍ମଚାରୀମାନେ ଚଡ଼ାଉ କରି ମୃତ ବାର୍‌ହାକୁ ଜବତ କରିବା ସହ ୨ଜଣଙ୍କୁ ଧରିଥିଲେ। ବାର୍‌ହାର ଓଜନ ପ୍ରାୟ ୨୦କେଜି ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ବିଭାଗ ପକ୍ଷରୁ ବାର୍‌ହାର ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଥିବା ଜଣାପଡ଼ିଛି।


## ODISHA JOINT ENTRANCE EXAMINATION - 2021 (OJEE - 2021)

No. OJEE/333 Date: 24.09.2021

**NOTICE REGARDING SCHEDULE OF THE ENTRANCE EXAMINATION FOR 4 YEAR B. CAT PROGRAMME OF BPFTIO, CUTTACK**

No. h-17: The Entrance Examination for admission in the 4 yrs. Degree program in Cinematic Art and Technology (B. CAT) in three disciplines such as **(i) Cinematography, (ii) Sound Recording & Sound Design And (iii) Film Editing** in Biju Pattanaik Film and Television Institute of Odisha (BPFTIO), Cuttack will be held as per the following schedule.

| Exam Date | Shift - 1 9.00 A.M. - 10.00 A.M. | Shift - 2 2.30 P.M. - 3.30 P.M. |
|---|---|---|
| 30.09.2021 | Cinematography, Sound Recording & Sound Design | Film Editing |

The Entrance Examination will be conducted in **Computer Based Test (CBT)** mode for all the courses at designated Test Centers in **Balasore, Bhubaneswar and Cuttack** as very smaller number of candidates have opted for other places as per the option provided in the application. Candidates can download their **Admit Cards**, from **27.09.2021** onwards by logging onto OJEE website **(www.ojee.nic.in)** using their 'Application No.' and 'Date of Birth' as credentials.

They are advised to take printout of their admit cards (all four pages, preferably, in colour), check the details, read carefully the '**Standard Operating Procedure**' and '**Instructions for the Candidates**' and prepare accordingly for the examination.

In case, the photograph originally uploaded by any candidate is not of good quality or not in correct format, then he / she must bring with him/her two recent photographs, in proper format and in colour, to the test centre on the date of examination.

Candidates are advised to visit the official websites of OJEE **(www.ojee.nic.in)** and of BPFTIO **(www.bpftio.org)** regularly for updated information.

**Sd./- CHAIRMAN, OJEE, Odisha**

OIPR-14020/11/0012/2122

## GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA

(E-mail id: cceabp@gmail.com/loabpbbsr@gmail.com)

No. A-472:- **E-procurement Notice No. CCEABP-06 of 2021-22**

| E-Procurement Officer | Name of the work | Bid Id No. | Tender cost in Lakhs (Appx.) | Bid security (Online) | Cost of Bid Document (Online) | Class of contractor | Period of completion | Availability of tender online for bidding From | To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B. Project, Salapada | Extended protection work to D/S of Anandapur Barrage from RD 1600m to RD 2500m on the Right Bank of Baitarani river. | ABP-ABD-01/6 of 2021-22 | 5320.00 | Bid Security Declaration | 10,000/- | Super Class | 09 (Nine) Calendar months | 28.09.21 11.30 AM | 16.10.21 05.00 PM | 18.10.21 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancelletion if any required will be published in Govt. website only.

OIPR-32180/11/0007/2122 Sd./- Chief Construction Engineer, Anandapur Barrage Project, Salapada

## ORISSA WATER SUPPLY & SEWERAGE BOARD

(A Govt. of Odisha Undertaking)

**OFFICE OF THE PROJECT ENGINEER, HOUSE SEWER CONNECTION CELL, OWSSB, ROURKELA - 769004**

Email: pmuhscc@gmail.com

**ବିଜ୍ଞପ୍ତି**

No. A-470: ଓଡ଼ିଶା ଜଳଯୋଗାଣ ଓ ପରିମଳ ପରିଷଦ (OWSSB) ସ୍ୱେରେଜ୍ କନେକ୍ସନ ସେଲ୍ (House Sewer Connection Cell) ରାଉରକେଲା, ତରଫରୁ ଆସନ୍ତା ତା୦୧।୧୦।୨୦୨୧ରିଖ ଶୁକ୍ରବାର ଦିନ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୪.୦୦ ପର୍ଯ୍ୟନ୍ତ ଘରୋଇ ସ୍ୱେରେଜ୍ ସଂଯୋଗୀକରଣ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏ ଶିବିରରେ ଅନଭିଜ୍ଞ ଠିକାଦାର, ପାଇପ୍ ମିସ୍ତ୍ରି ତଥା ଇଚ୍ଛୁକ NGOର କର୍ମୀମାନେ ତାଲିମ ନେଇ ପାରିବେ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ନିଜ ନାମ ପଞ୍ଜୀକୃତ କରିବାକୁ ଅନୁରୋଧ। ଏଥିପାଇଁ କୌଣସି ଗସ୍ତ ଖର୍ଚ୍ଚ ଦିଆଯିବ ନାହିଁ। ପଞ୍ଜୀକରଣ ପାଇଁ ନିମ୍ନରେ ଦିଆଯାଇଥିବା ଅଫିସ୍ କିମ୍ବା ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**ଠିକଣା:**
**Project Engineer**
**House Sewer Connection Cell**
**OWSSB, Rourkela**
**May Fair Chowk, Civil Township**
**Mob.: 9437041632, 7008829309**

Sd./- Project Engineer
HSCC, OWSSB, Rourkela
OIPR-13137/11/0005/2122

## Odisha Lift Irrigation Corporation Ltd.

(A Govt. of Odisha Undertaking)

**OFFICE OF THE EXECUTIVE ENGINEER, L.I. DIVISION, KEONJHAR**

**E-Procurement Notice-05/2021-22**

E-mail- olickjr@gmail.com
No. 2851/Dated: 23.09.2021

No.CAD-1292:-

1. Name of the Tender Inviting Officer : Executive Engineer, L.I. Division, Keonjhar
2. Name of the work : **Drilling, Installation, electrification & energisation of 58 nos. Shallow Tubewell under Ghasipura and Hatadihi block in Keonjhar District.**
3. No. of Packages : 02 Nos.
4. Tender Amount : 83.518 Lakhs/ each package.
5. Date and time of availability of bid documents in the portal for online bidding **from 10.00 hrs dated 27.10.2021 to 17.00 hrs dated 05.10.2021.**
6. Last date and time of receipt of bids in the portal up to **17.00 hrs. Dated-05.10.2021**
7. Last date and time of clarification upto **17.00 hrs Dated-04.10.2021.**
8. Date of opening of technical bid (Cover-1) **at 11.00 hrs. Dated-07.10.2021.**
9. Date of opening of financial bid (Cover-2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.**
11. Subsequent corrigendum/addendum if required shall be available in the above portal.

Authority reserves the right to reject any or all the tenders, increase or decrease the quantities without assigning any reasons thereof.

**Sd./- Executive Engineer, L.I. Division, Keonjhar**
OIPR-32156/11/0006/2122

No. JJ-11

## OFFICE OF THE EXECUTIVE ENGINEER (CIVIL) PORTS & INLAND WATER TRANSPORT, SOUTH DIVISION, NEAR STPI, AMBAPUA, BERHAMPUR

Phone- 0680-2404455/E-Mail- ees.piwt@yahoo.in

e-PROCUREMENT NOTICE NO-EE/P&IWT(SD)-04/2021-22, DATE- 17.09.2021

**INVITATION FOR BIDS (IFB)**

| | | | |
|---|---|---|---|
| 1 | Name of work | : | Construction of Temporary RO/RO Pax jetty for M.V. Bhupen Hazarika |
| 2 | No. of works | : | 2 Nos. |
| 3 | No. of covers | : | Double cover & Single cover |
| 4 | Value of works | : | **Rs.57,78,085.00 & Rs.44,16,248.00** |
| 5 | Bid cost | : | Rs.10,000.00 and Rs.6,000.00 |
| 6 | Period of Completion | : | Three Calendar Months |
| 7 | Time & Date of availability of bid document in the portal | : | From **27.09.2021** to **5.00 PM** of dated **11.10.2021**. |
| 8 | Last time & date for receipt of bids in the portal | : | Upto **5.00 PM** of dated **11.10.2021** |
| 9 | Date of opening of bid documents | : | **12.00 Noon** onwards of dated **16.10.2021** |
| 10 | Class of Contractor | : | "B" & "A" Class Contractor |
| 11 | Name and address of officer inviting Bid | : | Executive Engineer (Civil), Ports & Inland Water Transport, South Division, Berhampur |

Further details can be seen from the e-Procurement portal **www.tendersodisha.gov.in**. The Addendum/Corrigendum if any will be hosted in the website only.

**Sd./- Executive Engineer (Civil)**
OIPR-02004/11/0002/2122 **Ports & IWT, South Division, Berhampur**

## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-1016:- **E-Procurement Notice**

**Tender Call Notice No.3277/DKLMPLTY/Date 23.09.2021**

| | | | |
|---|---|---|---|
| 1 | Name of the work | : | Individual Civil Construction works as published the website. |
| 2 | No. of works put to tender | : | 04 individual works |
| 3 | Estimated cost | : | Rs.14.90 lakh upto 20.00 lakh |
| 4 | Period of completion | : | Two months |
| 5 | Date and time of availability of bid document in the portal | : | From 11.00 hours of Dt.27.09.2021 to 11.00 of Dt.07.10.2021 |
| 6 | Last date / time for receipt of bids | : | 17.30 hours of Dt.07.10.2021 |
| 7 | Date and time of opening of bid | : | 11.00 hours of Dt.08.10.2021 |
| 8 | Name and address of the Officer inviting bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal **https://tenderorissa.gov.in**

**Sd./- Executive Officer, Dhenkanal Municipality**
OIPR-13146/11/0006/2122

## OFFICE OF THE CHIEF ENGINEER & BASIN MANAGER, MAHANADI BASIN, BURLA, ODISHA, PIN-768017

E-Mail :cebmumbburla@rediffmail.com

**Government of Odisha "e" Procurement Notice.**

**Bid Identification No.UMB-04/2021-22 (Online)**

**No.A-466:-** Online tenders are invited from prospective bidders for "**CONSTRUCTION OF BARRAGE (INSTREAM STORAGE STRUCTURE) ACROSS BHEDEN RIVER AT GOCHARA (JANAKDIHI) IN SAMBALPUR DISTRICT OF STATE OF ODISHA INCLUDING POWER CONNECTIVITY, ROAD CONNECTIVITY, STAFF QUARTERS WITH SURVEY, INVESTIGATION, PLANNING, DESIGN AND ESTIMATE OF ALL COMPONENTS OF THE PROJECT ON "EPC-TURNKEY" BASIS INCLUDING MAINTENANCE FOR FIVE YEARS OR FIVE FLOOD SEASONS AFTER SUCCESSFUL COMMISSIONING OF THE PROJECT**".

| | | | |
|---|---|---|---|
| 1. | **Name of Work:** "CONSTRUCTION OF BARRAGE (IN-STREAM STORAGE STRUCTURE) ACROSS BHEDEN RIVER AT GOCHARA (JANAKDIHI) IN SAMBALPUR DISTRICT OF STATE OF ODISHA INCLUDING POWER CONNECTIVITY, ROAD CONNECTIVITY, STAFF QUARTERS WITH SURVEY, INVESTIGATION, PLANNING, DESIGN AND ESTIMATE OF ALL COMPONENTS OF THE PROJECT ON "EPC-TURNKEY" BASIS INCLUDING MAINTENANCE FOR FIVE YEARS OR FIVE FLOOD SEASONS AFTER SUCCESSFUL COMMISSIONING OF THE PROJECT". | | |
| 2. | **Period of completion** | : | 30(Thirty) calendar months including rainy season. |
| 3. | **Date & time of availability of bid document in the portal** | : | 28.09.2021, 11.00 AM to 22.11.2021 upto 05.00 PM |
| 4. | **Time and date for Pre-Bid Conference** | : | 22.10.2021 at 11.00 AM in the Virtual mode |
| 5. | **Last date/Time for receipt of bids in the portal** | : | 22.11.2021 up-to 05.00 PM |
| 6. | **Date and Time of Opening of Technical Bid** | : | 23.11.2021, 11.00 AM |
| 7. | **Name & address of the officer inviting Bid** | : | Chief Engineer & Basin Manager, Mahanadi Basin, Burla, Pin – 768017, Dist-Sambalpur |

Further details can be seen from the e-procurement portal "**https://tendersodisha.gov.in**". Any addendum/ Corrigendum/ Cancellation to the above notice will be published in the Govt. website **www.tenderodisha.gov.in**.

**Chief Engineer & Basin Manager, Mahanadi Basin, Burla**
OIPR-32048/11/0006/2122

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## SCHEDULED CASTES AND SCHEDULED TRIBES RESEARCH AND TRAINING INSTITUTE (SCSTRTI)

**NOTICE INVITING EXPRESSION OF INTEREST (EOI)**

**For Selection of NGO/NGOs for Conducting Household Survey, Micro Planning, Gap Analysis & Preparation of Comprehensive Annual Action Plan under Integrated Village Development Plan, Odisha**

RFP NO. 2635 DATE: 24.09.2021

No. V-39: Scheduled Castes and Scheduled Tribes Research and Training Institute (SCSTRTI), ST & SC Development Department, Government of Odisha intends to select reputed agencies/NGOs for conducting Household Survey, Micro Planning, Gap Analysis & Preparation of Comprehensive Annual Action Plan under Integrated Village Development Plan for Odisha. The SCSTRTI invites technical proposals from reputed Agencies/NGOs having prior experience and expertise in performing these types of activites.

The document can be downloaded from the website **https://scstrti.in** and **https://stsc.odisha.gov.in** and the responses to this Expression of Interest (EoI) shall be deemed to have been done after careful study and examination of this document and full understanding of its implications. The bids are to be submitted by Post (Registered/Speed/Courier) so as to reach on or before the closing date in the address mentioned below. The Technical Proposal submitted by the Agencies/NGOs will be opened in presence of the bidders present in the meeting (either in Virtual or Physical Mode).

**Sd./- Advisor-cum-Director & Spl. Secy. to Govt. SCSTRTI, Unit - VIII, CRPF Square, Bhubaneswar - 751003**
OIPR-26026/11/0007/2122

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE CHIEF ENGINEER & BASIN MANAGER, MAHANADI, BRAHMANI & BAITARANI SYSTEM, CHANDIKHOLE

Tel No. 7008277121 e-Mail: cembbschandikhole@gmail.com

**Bid Identification No. CE&BM, MBBS 01 of 2021-22**

**NOTICE INVITING TENDER**

**No. A-469:-** Online tenders are invited from the qualified shortlisted bidders for "Construction of Integrated Barrage across river Kochila near village Kuturia in Bhadrak District and across river Baitarani near village Dhobabil" of Jajpur District in the State of Odisha on EPC Contract.

| Name of Work | Class/EMD /Tender Fee /Period of completion |
|---|---|
| Construction of Integrated Barrage across river Kochila near village Kuturia of Bhadrak District and across river Baitarani near village Dhobabil of Jajpur District in the State of Odisha including hydro-mechanical works, Power connectivity works, road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project. | (1) Class – Super Class or equivalent Bidders. (2) EMD– Only the Bid Security Declaration to be furnished instead of EMD / Bid Security, otherwise his/her tender will be nonresponsive. (3) Tender Fee-Rs 10,000/- to be transferred online (Non Refundable) (4) Period of Completion - 30 Calendar months including rainy season |

| | | |
|---|---|---|
| A. | PERIOD OF AVAILABILITY OF BIDDING DOCUMENT. | **Dt. 27/09/2021 from 10.00 AM to Dt.01/11/2021 up to 5.00 PM** |
| B. | DATE, TIME & PLACE OF PRE-BID CONFERENCE | **Dt. 08/10/2021 at 11.00 AM** Office chamber of the CE&BM, MBBS, Chandikhole in virtual mode through Google meet. |
| C. | LAST DATE AND TIME FOR RECEIPT OF BIDS | **Dt. 01/11/2021 up to 5.00 PM** |
| D. | PLACE OF SALE, RECEIPT OF BIDS | Online through e-procurement. |
| E. | TIME AND DATE OF OPENING OF TECHNICAL BID | **Dt. 02/11/2021 at 11.00 AM** |
| F. | PLACE OF OPENING OF BIDS | Office chamber of the CE&BM, MBBS, Chandikhole. |
| G. | Further details can be seen from e-procurement portal "**https://tendersodisha.gov.in**" | |

**Sd./- (Er. Chandeswar Behera), Chief Engineer & Basin Manager, Mahanadi, Brahmani & Baitarani System, Chandikhole**
OIPR-32415/11/0001/2122

## ODISHA LIVELIHOODS MISSION

Department of Mission Shakti, Government of Odisha
SIRD & PR Campus, Unit-VIII, Bhubaneswar-751012, Odisha
Tel: (0674) 2560166/2560126, E-mail: smmu.olm@gmail.com

No. i-176

RPF No: OLM/NETP/RFP/21-22/04 Date:23.09.2021

**Request for Proposal**

**Title: "Hiring of Agency for Diagnostics Study & Technical Service Support to undertake Cluster Development Activities in Terracotta".**

1. The Odisha Livelihoods Mission (OLM) now invites eligible Agencies to submit their proposals for providing the Services. Interested Agencies should provide information demonstrating that they have the required qualifications and relevant experience to perform the Services as per RFP.
2. Agency will be selected in accordance with Quality and Cost based Selection method set out in the Consultant Guidelines (NRETP Procurement Manual)
3. Detailed information can be obtained at the address below during office hours i.e. 10.00 to 17.30 hours and the details draft ToR can be downloaded in OLM website **www.olm.nic.in**.
4. In case of any Addendum/Clarification/Corrigendum/Extension regarding this EOI, the same will be published in the above websites only.
5. Request for Proposal in sealed envelope (which includes Technical Proposal and Financial Proposal in separate envelope) must be delivered in a written form to Odisha Livelihoods Mission, SIRD & PR Campus, Unit-VIII, Bhubaneswar-751012, Odisha (by Post/Courier/Drop Box) latest by 21.10.2021, 3.30 P.M.
6. Authority reserves the right to accept or reject any proposal and to cancel the procurement process at any time prior to the award of contract, without assigning any reason thereof.
7. The schedule of invitation:

| Schedule of Invitation of RFP | : | Dates |
|---|---|---|
| Issue of RFP | : | 23.09.2021, Website: **www.olm.nic.in** |
| Confirmation of receipt of Invitation by consulting firm | : | 28.09.2021 |
| Receiving of Pre Proposal queries through the e-mail: **procure.olm@gmail.com** | : | 29.09.2021, 5.30 P.M. |
| Pre-Proposal Conference | : | Dt.30.09.2021 (Exact time with meeting link will be communicated in official website on 29.09.2021) |
| Amendment of RFP to be published (If any) | : | Website: **www.olm.nic.in** |
| Last date for submission of RFP | : | Dt.21.10.2021, 3.30 P.M. |
| Tentative date & time for opening of Technical proposals | : | Dt.21.10.2021, 4.00 P.M. |

**By the Order of State Mission Director**
OIPR-19013/11/0005/2122 **Sd./- Additional CEO (Programme Support)**

## ସଂକ୍ଷେପରେ

### ଓଡ଼ିଶା-ଆନ୍ଧ୍ର ଆନ୍ତଃ ରାଜ୍ୟ ବସ୍ ଚଳାଚଳ ଦାବି

**କାଶୀନଗର,୨୫।୯(ଡି.ଏନ.ଏ.):** ଆନ୍ଧ୍ର-ଓଡ଼ିଶା ଦୁଇ ପଡ଼ୋଶୀ ରାଜ୍ୟ। ଦୁଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଓଡ଼ିଶାର ସରକାରୀ ବସ ଆନ୍ଧ୍ରପ୍ରଦେଶର ବିଭିନ୍ନ ସହରକୁ ଯାତାୟାତ କରିଥାଏ ଏବଂ ଆନ୍ଧ୍ରର ବସ ମଧ୍ୟ ଓଡ଼ିଶାରେ ଚଳାଚଳ କରୁଥିଲା। କିନ୍ତୁ ମହାମାରୀ କରୋନା ସଂକ୍ରମଣ ନିମନ୍ତେ ଆନ୍ତଃ ରାଜ୍ୟ ବସ ଯାନବାହାନ ଚଳପ୍ରଚଳ ବନ୍ଦ ରହିଥିଲା। ବର୍ତ୍ତମାନ କରୋନା କଟକଣା ମୁକ୍ତ ହୋଇ ଯାନବାହାନ, ଯାତ୍ରୀ ଚଳପ୍ରଚଳ କଟକଣା ଉଠିଗଲାଣି। କିନ୍ତୁ ଆନ୍ଧ୍ରପ୍ରଦେଶରୁ ଓଡ଼ିଶାର ଗୁଣୁପୁର-ବିଶାଖାପାଟଣା, ଗୁଣପୁର-ଶ୍ରୀକାକୁଲମ ବସ ଚଳାଚଳ କରୁନାହିଁ। ଫଳରେ ଯାତ୍ରୀମାନେ ବିଶାଖାପଟଣା, ଶ୍ରୀକାକୁଲମ ଯିବାରେ ବହୁ ଅସୁବିଧା ହେଉଛି। ଗୁଣପୁର, କାଶୀନଗର ଅଞ୍ଚଳର ଅଧିବାସୀମାନେ ଶ୍ରୀକାକୁଲମ, ବିଶାପାଟଣାକୁ ମେଡିକାଲ, ଶିକ୍ଷା, ସ୍କୁଲ, କଲେଜକୁ ଯିବାରେ ଘୋର ଅସୁବିଧା ହେଉଛି। ଆନ୍ଧ୍ର ପରିବନ ବିଭାଗ ତୁରନ୍ତ ଉକ୍ତ ବସ ଓଡ଼ିଶାରକୁ ଯାତାୟାତ ନିମନ୍ତେ ଓଡ଼ିଶା ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

### ବେଆଇନ ବାଲି ଚାଲାଣ, ୩ ଟ୍ରାକ୍ଟର ଜବତ

**କାଶୀନଗର,୨୫।୯(ଡି.ଏନ.ଏ.):** ବଂଶଧାରା ନଦୀରୁ ବେଆଇନ୍ ଭାବେ ୩ ଟ୍ରାକ୍ଟରରେ ଚାଲାଣ ହେଉଥିବା ବାଲିକୁ ଶନିବାର ସ୍ଥାନୀୟ ପୋଲିସ ସକିଡ଼ିଗାଁଠାରେ ଜବତ କରିଛି। ତହସିଲଦାର ପହଞ୍ଚି ଗାଡ଼ି ମାଲିକଙ୍କଠାରୁ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିଛନ୍ତି। ବିନା ରୟାଲଟିରେ ବାଲି ଚାଲାଣ ହେଉଥିବା ଖବର ପାଇଁ ପୋଲିସ ଚଢ଼ାଉ କରିଥିଲା।

### ଦୁର୍ଘଟଣାରେ ଯବାନଙ୍କ ମୃତ୍ୟୁ



**ଆସିକା,୨୫।୯(ଡି.ଏନ.ଏ.):** ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ବାଲିଛାଇ ଛକଠାରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଘଟିଥିବା ଏକ ଦୁର୍ଘଟଣାରେ ଆସିକା ଥାନାରେ କର୍ତ୍ତବ୍ୟରତ ଓଏସ୍ଏପି ଜବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡା ଜିଲା ଗୁଡାରି ଥାନା ଏମ୍‌କେରାଇ ଗ୍ରାମର ମାଝି କୈବର୍ତ୍ତ (୩୮)। ମାଝି ନାଇଟ ପାଟ୍ରୋଲିଂରେ କରୁଥିବା ବେଳେ ରାତି ପ୍ରାୟ ୧ ଟାରେ ଦ୍ରୁତ ଗତିରେ ଯାଉଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ମାଝିଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗଞ୍ଜାମ ଏସ୍‌ପି. ବ୍ରିଜେସ ରାଏ, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ଉମାଶଙ୍କର ସିଂ, ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ଅବସ୍ଥା ତଦାରଖ କରୁଥିଲା ବେଳେ ରାତି ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମାଝିଙ୍କ ମୃତ ଦେହକୁ ବିଭାଗୀୟ ପଦାଧିକାରୀଙ୍କ ଶ୍ରଦ୍ଧାଞ୍ଜଳି ପରେ ଛତ୍ରପୁରସ୍ଥିତ ଅଷ୍ଟମ ବାଟାଲିୟନକୁ ନିଆଯାଇଥିଲା। ସେଠାରୁ ତାଙ୍କ ଗାଁକୁ ପଠାଯାଇଥିଲା। ଅପରପକ୍ଷେ ଦୁର୍ଘଟଣା ଘଟାଇ ବୋଲେରକୁ ଗାଙ୍ଗପୁର ପୋଲିସ ଜବତ କରିଛି। ଆସିକା ଥାନାରେ ନଂ.୬୨୩/୨୧ରେ ମାମଲା ରୁଜୁ ହୋଇଛି।

# ରବିବାର, ସୋମବାର ସମୁଦ୍ରକୂଳରେ ବୁଲିବା ମନା

**ଛତ୍ରପୁର,୨୫।୯(ଡି.ଏନ.ଏ.)**



ଜିଲାପାଳ ଛତ୍ରପୁରରେ ସମୀକ୍ଷା କରୁଛନ୍ତି।

**ବାତ୍ୟା 'ଗୁଲାବ'**
- ଜିଲାପାଳଙ୍କ ସମୀକ୍ଷା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ବାରଣ
- ୫ ଦିନ ହେଡକ୍ୱାର୍ଟର ଛାଡିବେନି ସରକାରୀ କର୍ମଚାରୀ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ପ୍ରଭାବରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଏହା ବାତ୍ୟାରୂପ ନେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆଶୁ ପଦକ୍ଷେପ ବ୍ୟବସ୍ଥା କରାଯାଇ ପୂର୍ବ ଓ ପରବର୍ତ୍ତୀ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଗତ ବିଳମ୍ବିତ ରାତିରେ ଜୁମ ଭିସି ଏବଂ ଶନିବାର ପୂର୍ବାହ୍ନରେ ଭର୍ଚ୍ଚୁଆଲରେ ସମସ୍ତଙ୍କୁ ସଜାଗ ରହିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଅଧିକରୁ ଅତ୍ୟଧିକ ବର୍ଷା ହେବା ସହିତ ପବନର ବେଗ ୭୦ ରୁ ୯୦ ମଧ୍ୟରେ ରହିବାର ସମ୍ଭାବନା ଯୋଗୁ ଗଞ୍ଜାମ ଜିଲାକୁ ରେଡ ଓ୍ୱାର୍ନିଂ ଜାରି କରାଯାଇଛି । ଏଥିଯୋଗୁ ଆଗାମୀ ୨୬ ଏବଂ ୨୭ ତାରିଖରେ ସମ୍ଭାବ୍ୟ ବାତ୍ୟା ଗୁଲାବ୍ ପ୍ରଭାବ ରହିବ । ବନ୍ୟା ସ୍ଥିତି ଦେଖାଯିବାର ସମ୍ଭାବନା ରହିଛି ।

ଖାଲୁଆ ଅଞ୍ଚଳ ଗୁଡିକ ଜଳ ମଗ୍ନ ହେବ। କଚ୍ଚା ରାସ୍ତା, ଘର ବା କାନ୍ଥ ଧସିବା ସମ୍ଭାବନା ରହିଛି । ଅଣ୍ଡର ପାସ ରାସ୍ତାରେ ଜଳମଗ୍ନ ହୋଇ ଯାତାୟାତ ବାଧାପ୍ରାପ୍ତ ହେବ । ନଦୀର ଜଳ ସ୍ତର ବୃଦ୍ଧି ହୋଇ ବନ୍ୟାସ୍ଥିତି ଦେଖାଯିବ। ଧାନଚାଷ ସମେତ ପନିପରିବା ଜମି ଜଳ ମଗ୍ନ ଓ ବାଲିଚର ହେବା ସମ୍ଭାବନା ରହିଛି। ପରବର୍ତ୍ତୀ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ରହିବାକ ଜିଲାପାଳ କୁଲାଙ୍ଗେ ଜଣାଇଛନ୍ତି। ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗାମୀ ୪/୫ ଦିନ ପର୍ଯ୍ୟନ୍ତ ନିଜ ନିଜର ସଦର ମହକୁମାରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ଏବଂ ସୋମବାର ଏହି ଦୁଇ ଦିନ ଗୋପାଳପୁର, ସୋନପୁର ସମେତ ସମୁଦ୍ର ଅଞ୍ଚଳକୁ ବୁଲିଯିବା ନିମନ୍ତେ ଲୋକଙ୍କୁ ବାରଣ କରାଯାଇଅଛି । ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସମୁଦ୍ର ମଧ୍ୟକୁ ନ ଯିବାପାଇଁ ସତର୍କ କରାଇ ଦିଆଯାଇଅଛି । ଜିଲାସ୍ତରରୁ ବ୍ଲକ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲି ତାର ଯୋଗଯୋଗ ନମ୍ବର ଜାରି କରାଯିବାକୁ କୁହାଯଛି। ବିଡିଓ, ତହସିଲଦାର, ଭାରପ୍ରାପ୍ତ ଥାନା ଅଧିକାରୀ, ଅଗ୍ନିଶମ ଏବଂ ଓଡ୍ରାଫ ଟିମକୁ ସଜାଗ ରଖିବାକୁ କୁହାଯାଇଛି। ବିଡିଓ ନିଜ ଅଞ୍ଚଳର ସୁରକ୍ଷା ଦିଗରେ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ନଦୀ ଓ ପୋଖରୀରେ ଜଳସ୍ତର ବୃଦ୍ଧି ହେବା ହେତୁ ସେଥିରେ ଗାଧୋଇବା ନିମନ୍ତେ ଜନ ସାଧାରଣଙ୍କୁ ବାରଣ କରାଯାଇଅଛି। ବିପଦଶଙ୍କୁଳ ଅବସ୍ଥାରେ ଥିବା ରାସ୍ତାଘାଟ, କୋଠାବାଡି, ମାଟିଘର, ଚାଳଘରଗୁଡିକ ଚିହ୍ନଟ କରି ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳ କିମ୍ବା ଉଚ୍ଚ ସ୍ଥାନରେ ଥିବା ବିଦ୍ୟାଳୟ ମାନଙ୍କରେ ସ୍ଥାନାନ୍ତର କରି ସେମାନଙ୍କର ରହିବା, ଖାଇବା ଓ ପାନୀୟ ଜଳର ବ୍ୟବସ୍ଥା କରିବାକୁ କୁହାଯାଇଛି । ତଳିଆ ଏବଂ ବିପଦ ଅଞ୍ଚଳରେ ରହୁଥିବା ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନ କିମ୍ବା ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ବାତ୍ୟା ଏବଂ ବନ୍ୟା ପରେ ବିଭିନ୍ନ ରୋଗରୁ ସୁରକ୍ଷିତ ସକାଶେ ଔଷଧ ଓ ହାଲୋଜେନ ବଟିକା ପ୍ରସ୍ତୁତି କରି ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଚୁଡା ଗୁଡ ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଯୁଦ ସକାଶେ ଜିଲା ଯୋଗାଣ ଅଧିକାରୀଙ୍କୁ କୁହାଯାଇଛି । ରବର ବୋଟ ର ପ୍ରସ୍ତୁତି କରିବା, ପଶୁ ସମ୍ପଦର ସୁରକ୍ଷା ସକାଶେ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ନେଇ ଜଣାଇବାକୁ କୁହାଯାଇଛି । ଜିଲାର କୌଣସି ଧନଜୀବନ କ୍ଷୟକ୍ଷତି ହେବ ନାହିଁ ଜିରୋ କାଜୁଆଲିଟି ରହିବ ସେ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସମ୍ଭାବ୍ୟ ବାତ୍ୟା ନେଇ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି,(ଡି.ଏନ୍.ଏ./ଫୁଲବାଣୀ ଅଫିସ,**

ସମ୍ଭାବ୍ୟ ବାତ୍ୟା ଗୁଲାବ ପାଇଁ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଜିରୋ କାଜୁଆଲଟି ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ପାହାଡ଼ ଧସିବା ସମ୍ଭାବ୍ୟ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଡିଓ ଓ ତହସିଲଦାରମାନଙ୍କୁ କୁହାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ନଜରରେ ରଖି ଗଜପତି ଜିଲାରେ ଶନିବାର ଓ ରବିବାର ସରକାରୀ ଛୁଟିକୁ ବାତିଲ କରାଯାଇଛି। ସେହିପରି କନ୍ଧମାଳ ଜିଲାପାଳ ଡା.ବୃନ୍ଦାଡିଙ୍କ ଅଧ୍ୟକ୍ଷତାରେ ଫୁଲବାଣିରେ ଏହି ପ୍ରସ୍ତୁତି ବୈଠକ ହୋଇଥିଲା। ବିଡିଓ ଏବଂ ତହସିଲଦାରମାନଙ୍କୁ ଶନିବାର ସୁଦ୍ଧା ନିଜ ଅଞ୍ଚଳର ଉଚ୍ଚ ସ୍ଥାନରେ ଥିବା ସ୍କୁଲଗୁଡିକ ଚିହ୍ନଟ କରି ସେଠାରେ ବାତ୍ୟା ଆଶ୍ରୟସ୍ଥଳ ଖୋଲା ଯିବାକୁ ସ୍ଥିର ହୋଇଛି । ହେଲଥ୍ ଟିମ୍ ନିୟୋଜିତ କରାଯିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି । ପ୍ରତ୍ୟେକ ବ୍ଲକରେ ଜଣେ ଲେଖାଏ ବରିଷ୍ଠ ଅଫିସର ଉପସ୍ଥିତ ରହି କାର୍ଯ୍ୟକ୍ରମର ମନିଟରିଂ କରି ନିୟମିତ ବ୍ୟବଧାନରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ କହିଛନ୍ତି ।

## ସିପିଏମ ଆଞ୍ଚଳିକ କମିଟି ସମ୍ମିଳନୀ ଉଦ୍‌ଯାପିତ

**ସୋରଡ଼ା,୨୫।୯(ଡି.ଏନ୍.ଏ.)**

ଭାରତର କମ୍ୟୁନିଷ୍ଟ ପାର୍ଟି ସୋରଡ଼ା ଆଞ୍ଚଳିକ କମିଟି ସମ୍ମିଳନୀ କୁଲାଙ୍ଗି ପଞ୍ଚାୟତର ଯଡ଼ାପଲ୍ଲୀଠାରେ ଶନିବାର ବରିଷ୍ଠ ସିପିଆଇଏମ୍ ନେତା ବାସୁଦେବ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ସିପିଆଇଏମ୍ ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମଣ୍ଡଳୀ ସଭ୍ୟ. କୃଷକ ନେତା ପି. ହରିକୃଷ୍ଣ ରେଡ୍ଡୀ ଯୋଗ ଦେଇ କୃଷି ଓ କୃଷକ ବିରୋଧୀ କଳା ବାତିଲ କରିବା, ଦରଦାମ ବୃଦ୍ଧି, ବେକାରୀ ବୃଦ୍ଧି ଆଦି ଦାବି ନେଇ ଆସନ୍ତା ୨୭ରେ ହେବାକୁ ଥିବା ଭାରତ ବନ୍ଦକୁ ସଫଳ କାରିବାକୁ ଆହ୍ୱାନ ଦେଇଥିଲେ। ଦାସଗମାଙ୍ଗ, ଲକ୍ଷ୍ମଣ ନାୟକ, ଦାଉଦ ଗମାଙ୍ଗ ସଭାପତି ମଣ୍ଡଳୀ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ସମ୍ପାଦକ ନୀଳ ମଣି ଗୁରୁରିପୋର୍ଟ ଉପସ୍ଥାପନା କରଥିଲେ। ଆଗାମୀ ସମ୍ମିଳନୀ ପର୍ଯ୍ୟନ୍ତ ୯ ଜଣଙ୍କୁ ନେଇ ଆଞ୍ଚଳିକ କମିଟି ଗଠନ କରାଯାଇ ବିଭୂ ପ୍ରସାଦ ପାଣିଗ୍ରାହୀଙ୍କୁ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ସୋରଡ଼ା ବ୍ଲକର ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରିବାକୁ ପ୍ରସ୍ତାବ କରାଯାଇଥିଲା। ଆଦିବାସୀ ମଞ୍ଚରୁ ସତ୍ୟ ମଣ୍ଡଳ, କୃଷକ ସଭାରୁ ଗଣେଶ ପଗଡ଼, ମୁଗୁନା ଗମାଙ୍ଗ, ଦଣ୍ଡାସି ମଣ୍ଡଳ. ଲୋଧା ଗମାଙ୍ଗ. ଯୁବ ସଙ୍ଗଠନରୁ ପ୍ରଦୀପ ମଣ୍ଡଳ ସୁଶାନ୍ତ ଗମାଙ୍ଗ, ମହିଳା ସଙ୍ଗଠନ ରୁରୁପାନୀ ଭୁଁଆ ଅଶୋକ ଗମାଙ୍ଗ. ପୂର୍ଣ୍ଣ ଶବର. ଶୁକଦେବ ଗମାଙ୍ଗ, ହରିକୃଷ୍ଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାହକ ସେବା କେନ୍ଦ୍ର ଖୋଲିବାକୁ ଗୁରୁତ୍ୱ

**ଫୁଲବାଣୀ ଅଫିସ, ୨୫।୯**

କନ୍ଧମାଳ ଜିଲା ପରାମର୍ଶଦାତା କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା.ବୃନ୍ଦା ଡି. ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ଗ୍ରାହକ ସେବାକେନ୍ଦ୍ର ଖୋଲିବା ସହିତ ଇଣ୍ଟରନେଟ୍ ସଂଯୋଗୀକରଣକୁ ଅଧିକ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ଋଣ ପ୍ରଦାନକୁ ଗୁରୁତ୍ୱ ଦେବାକୁ କହିଥିଲେ। ବିଶେଷକରି ମିଶନ ଶକ୍ତି, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଭିନ୍ନକ୍ଷମମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ କଠୋର ନିୟମ ଅନୁସରଣ ନ କରିବାକୁ ପରାମର୍ଶ ଦେଇଥିଲେ। ଆକାଂକ୍ଷୀ ଜିଲା କନ୍ଧମାଳ ଉପରେ ବ୍ୟାଙ୍କ ସମୂହମାନଙ୍କୁ ନେଇ ଏକ ଓରିଏଣ୍ଟେସନ୍ ତାଲିମ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏସ୍‌ପି ଭିନୀତ ଅଗ୍ରୱାଲ୍ ବ୍ୟାଙ୍କ ଓ ଏଟିଏମ୍ କାଉଣ୍ଟରଗୁଡ଼ିକର ନିରାପତ୍ତା ଉପରେ ଆଲୋଚନା କରିଥିଲେ। ବ୍ୟାଙ୍କିଙ୍ଗ୍ କୋଠରି ମଧ୍ୟରେ ଷ୍ଟ୍ରଙ୍ଗ୍ ରୁମ୍‌ରେ, ଏଟିଏମ୍ କାଉଣ୍ଟର ଆଖପାଖରେ ନିକଟସ୍ଥ ଥାନାର ଆଇଆଇସିଙ୍କ କାର୍ଯ୍ୟାଳୟ ଫୋନ୍ ନମ୍ବର ଲେଖିବାକୁ କହିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲା ଅଧିକାରୀ ଏସ୍. କେ. ପଟ୍ଟନାୟକ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକର କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ସେହିପରି ଡିଆର୍‌ଆଇ ଭଳି ଯେତେଗୁଡ଼ିଏ କ୍ଷୁଦ୍ର ପରିମାଣର ଋଣ ଅଛି, ସେଗୁଡ଼ିକୁ ଅଧିକ ସମୟ ନ ନେଇ ତୁରନ୍ତ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଜିଲାର ବ୍ୟାଙ୍କ ସମୂହ ୨୦୨୧ ଜୁନ୍ ସୁଦ୍ଧା ୪,୦୭୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟବସାୟ କରିଛନ୍ତି। ବ୍ୟାଙ୍କ ସମୂହ ଦ୍ୱାରା କୃଷି କ୍ଷେତ୍ରରେ ୫୨୨ କୋଟି ୦୬ ଲକ୍ଷ ଟଙ୍କା, ଲଘୁ ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୧୯୧ କୋଟି ୨୬ ଲକ୍ଷ ଟଙ୍କା, ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ୨୧୦ କୋଟି ୧୫ ଲକ୍ଷ ଟଙ୍କା, ମହିଳାମାନଙ୍କୁ ୩୨୧କୋଟି ୩୬ଲକ୍ଷ ଟଙ୍କା, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ୭୮କୋଟି ୮୬ଲକ୍ଷ ଟଙ୍କା, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ୪୭୮କୋଟି ୩୬ ଲକ୍ଷ ଟଙ୍କା ଅଗ୍ରିମ ଆକାରରେ ପ୍ରଦାନ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ହୃଦୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ମାଧବୀ ଚେର ଜବତ, ୨ ଗିରଫ

**ଜଗନ୍ନାଥପ୍ରସାଦ,୨୫।୯(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ବନାଞ୍ଚଳ ବିଭାଗ ଗୁରୁବାର ରାତି ପାଟ୍ରୋଲିଂ ସମୟରେ ବେଆଇନ ମାଧବୀ ଚେର ସହ ଗୋଟିଏ ଟାଟା ମ୍ୟାଜିକ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ହରିହରପୁର ଗ୍ରାମର ଅଜୟ ମହାନ୍ତି ଓ ଗୁଡ଼ିପଲ୍ଲୀ ଗ୍ରାମର ଦାଶରଥି ସାହୁ। ରାତିରେ ଅଳସୁ ବନାଞ୍ଚଳରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ଅଳସୁ ଗ୍ରାମରେ ଏକ ଟାଟା ମ୍ୟାଜିକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ଜଙ୍ଗଲୀ ମାଧବୀ ଚେର ଥିବା ଜଣାପଡ଼ିଥିଲା। କରଡାବଣି ଓ ଏକଘରିଆ ଜଙ୍ଗଲରୁ ମାଧବୀ ଚେର ସଂଗ୍ରହ କରିଥିବା ଅଭିଯୁକ୍ତ ଦ୍ୱୟ ସ୍ୱୀକାର କରିଛନ୍ତି। ଚଢ଼ାଉରେ ବନପାଳ ଈଶ୍ୱା ଗଣେଶ, ରାଜେନ୍ଦ୍ର ଦଳେଇ, ବନରକ୍ଷୀ ବିଦ୍ୟୁତ୍‌ଲତା ତ୍ରିପାଠୀ, ସରିତା ପ୍ରଧାନ, କର୍ମଚାରୀ କୃଷ୍ଣ ନାୟକ, ଭୁବନେଶ୍ୱର ସେଠୀ, ଦୀପକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିଟି କଲେଜ ଓଡ଼ିଆ ବିଭାଗର ଆଭାସୀ ପାଠଚକ୍ର

**ଚିକିଟି,୨୫।୯(ଡି.ଏନ୍.ଏ.)**

ଚିକିଟି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ଆଭାସୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ଅଲେଖ ଚନ୍ଦ୍ର ପ୍ରଧାନ ଅତିଥି ଆଲୋଚକ ଭାବେ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରବନ୍ଧଗୁଡ଼ିକ ଅତି ଉଚ୍ଚକୋଟୀର ଓ ମୌଳିକ ଚିନ୍ତନରେ ପରିପୁଷ୍ଟ ବୋଲି କହିଥିଲେ। ଅଧ୍ୟାପକ ଡ. ବିଶ୍ୱନାଥ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ସ୍ଥଳେ ବିଭାଗୀୟ ମୁଖ୍ୟ ଡ ସଞ୍ଜୟ କୁମାର ପଣ୍ଡା ଆଭାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲୋକ ସାହିତ୍ୟର ସ୍ୱରୂପ, ଭାଗବତରେ ଚବିଶଗୁରୁ ପ୍ରସଙ୍ଗ, ସାରଳା ମହାଭାରତରେ ଗଦାପର୍ବ ଏକ ତାତ୍ତ୍ୱିକ ଅନୁଶୀଳନ, ପ୍ରବନ୍ଧଗୁଡ଼ିକ ଯଥାକ୍ରମେ ତୋଫାନ ସାହୁ, ପୂଜା ସାହୁ, ନମିତା ମହାନ୍ତି, ଏନ୍. ରୋଜା ରେଡ୍ଡୀ ପ୍ରମୁଖ ପ୍ରାବନ୍ଧିକ ଭର୍ଚ୍ଚୁଆଲ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଶେଷରେ ଅଧ୍ୟାପକ ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଗବେଷକ, ସ୍ନାତକ ସମ୍ମାନ, ସ୍ନାତକୋତ୍ତର ଓଡ଼ିଆ ବିଭାଗର ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ।

# ବିଦେଶରେ ଚାକିରି ନାଁରେ ଠକେଇ ମାମଲା, ୩ ଗିରଫ



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

**ହିଞ୍ଜିଳିକାଟୁ,୨୫।୯(ଡ.ଏନ.ଏ.)**

ହିଞ୍ଜିଳିକାଟୁ ପାଟଣା ସାହିରେ ଆରାଉଣ୍ଡ ଦି ୱାର୍ଲ୍ଡ ସଂସ୍ଥା ବିଭିନ୍ନ ଜିଲାର ବହୁ ଯୁବତୀ, ଯୁବକଙ୍କୁ ବିଦେଶରେ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଶନିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଠକ ସଂସ୍ଥାର ମୁଖ୍ୟ ହିଞ୍ଜିଳି ଥାନା ଗୋପୀନାଥପୁରର ବଳରାମ ମହାରଣା ଓ ତାଙ୍କ ସହଯୋଗୀ ଇପିଲି ପ୍ରସାଦ ରାଓ ଏବଂ ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା କୁହୁଡ଼ିର ରାଜୀବ ଜେନା। ଅନ୍ୟ ୪ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଲାପଟପ୍, ପେନ୍ ଡ୍ରାଇଭ, ନକଲି ଅଫର ଲେଟର, ଭିଜା ଓ ୪୧ ପାସ୍‌ପୋର୍ଟ ଆଦି ସାମଗ୍ରୀ ଜବତ ହୋଇଥିବା ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ପ୍ରକାଶ କରିଛି। ଅନ୍ୟପକ୍ଷରେ ପ୍ରାୟ ୧୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାକୁ ଠକ ସଂସ୍ଥାର ମୁଖ୍ୟ ଓ ଅନ୍ୟମାନେ ନେପାଳ ଏବଂ ଅନ୍ୟ ରାଜ୍ୟରେ ମଉଜ କରିଥିବା ପୋଲିସ ପ୍ରକାଶ କରିଛି। ହିଞ୍ଜିଳିକାଟୁ ପୌରାଞ୍ଚଳ ପାଟଣା ସାହିର ଏକ ଭଡ଼ାଘରେ ଅଭିଯୁକ୍ତ ବଳରାମ ମହାରଣା ନକଲି ନାମ ରାକେଶ କୁମାର ପଣ୍ଡା ନାମରେ ପରିଚୟ ଦେଇ ଉକ୍ତ ସଂସ୍ଥା ଖୋଲିଥିଲେ। ଖଲ୍ଲିକୋଟ, ବେଗୁନିଆପଡ଼ା, ବାଣପୁର, ନୀଳାଦ୍ରି ପ୍ରସାଦ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ବେରୋଜଗାର ଯୁବତୀ, ଯୁବକଙ୍କୁ ବିଦେଶରେ ଚାକିରି ଲୋଭ ଦେଖାଇ ମିଥ୍ୟା ଅଫର ଦେଇ ଜଣଙ୍କ ପିଛା ୨୦ରୁ ୫୫ ହଜାର ଟଙ୍କା ଆଦାୟ କରିଥିଲା। ପରେ ଅଭିଯୁକ୍ତମାନେ ସମସ୍ତଙ୍କଠାରୁ ଟଙ୍କା ନେଇ ନେପାଳ ବୁଲିବାକୁ ଚାଲିଯାଇଥିଲେ। ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଭଦ୍ରକ ଜିଲାର ଦୈତାରୀ ସେନାପତି ନାମକ ଆଶାୟୀ ଏତାଲା ଦେଇଥିଲେ। ପୋଲିସ ନଂ.୪୫୦/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ



ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ କରୁଛନ୍ତି ବିଧାୟକ।

**ପୋଲସରା,୨୫।୯(ଡି.ଏନ୍.ଏ.)**

ପୋଲସରା ବ୍ଲକ ବାଲିଛାଇ ପଞ୍ଚାୟତ ଅଧୀନ ଡୋଙ୍ଗରୀ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି ଜଣେ ଯୁବ ସାମାଜିକ କର୍ମୀ। ସେହି ଗ୍ରାମର ସାମାଜିକ କର୍ମୀ ଜଗନ୍ନାଥ ବାଢ଼େଇ, ପିତା ସ୍ୱର୍ଗତ ଅଭିମନ୍ୟୁ ବାଢ଼େଇଙ୍କ ସ୍ମୃତିରେ ଅଭିମନ୍ୟୁ ମେଡିସିନ ଆଣ୍ଡ କ୍ଲିନିକ ନାମରେ ଏକ ଚିକିତ୍ସାଳୟ ଖୋଲି ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ଏହାକୁ ଶନିବାର ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଲୋକାର୍ପିତ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ୨୪ ଘଣ୍ଟା ଉପସ୍ଥିତ ରହି ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବେ ଓ ମାଗଣା ଔଷଧ ବିତରଣ କରିବେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଲୋକାର୍ପଣ କାର୍ଯ୍ୟକ୍ରମରେ ବାଲିଛାଇ ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ, ସ୍ଥାନୀୟ ସରପଞ୍ଚ ମନୋଜ ପ୍ରଧାନ, ସମିତିସଭ୍ୟା ପ୍ରତିନିଧି ରବୀନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ପ୍ରହଲ୍ଲାଦ ପ୍ରଧାନ, ଅଲେଖ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଟାଙ୍ଗଲିପଦରବାସୀ

**ଆର.ଉଦୟଗିରି,୨୫।୯(ଡି.ଏନ୍.ଏ.)**



ବିପର୍ଯ୍ୟସ୍ତ ରାସ୍ତା।

- ପ୍ରଶାସନର ପ୍ରତିଶ୍ରୁତି ପାଣିରେ ଗାର
- ସମାଧାନ ନ ହେଲେ ଭୋଟ ବର୍ଜନ ଚେତାବନୀ

ମୋହନା ବ୍ଲକରେ ରହିଥିବା ୩୯ ପଞ୍ଚାୟତ ମଧ୍ୟରୁ ଅର୍ଦ୍ଧାଧିକ ଗ୍ରାମ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ପାହାଡ଼ ପର୍ବତ ଜଙ୍ଗଲଘେରା ଅଞ୍ଚଳରେ ବସବାସ କରୁଥିବା ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ। ଏଠାକାର ବିପର୍ଯ୍ୟସ୍ତ ରାସ୍ତା ସାଙ୍ଗକୁ ବିଦ୍ୟୁତ୍ ତାର ଧରି ଭରା (ଉଛୁଳା) ନଦୀ ପାର ହେବା, କୂଅ ଓ ଚୁଆଁର ଦୂଷିତ ଜଳ ବ୍ୟବହାର କରିବା, ଅନ୍‌ଲାଇନ ପାଠପଢ଼ା ପାଇଁ ପାହାଡ଼ ଓ ଗଛ ଚଢ଼ିବା, ଝାଟିମାଟି କୁଡ଼ିଆ ଘରେ ବାସ କରିବା ଉପାନ୍ତ ଅଞ୍ଚଳ ଲୋକଙ୍କ ନିତିଦିନିଆ ଘଟଣା। ପଞ୍ଚାୟତ ନିର୍ବାଚନ ଆସିଲେ ୱାର୍ଡ ମେମ୍ବରଠାରୁ ସରପଞ୍ଚ, ବିଧାୟକ, ଏମ୍‌ପି ଗାଁ ଗାଁ ବୁଲି ଭୋଟ ମାଗିଥାନ୍ତି। ଗାଁରେ ରହିଥିବା ସମସ୍ୟାର ସମାଧାନ କରିଦେବୁ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି, କିନ୍ତୁ ଜିତି ଗଲା ପରେ ସବୁ କଥା ଭୁଲିଯାଆନ୍ତି। ଏହି ଗ୍ରାମରେ ୧୦୦ ପରିବାରର ୪୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଭୋଟର ସଂଖ୍ୟା ୨୩୦ ଓ ଗ୍ରାମର ଲୋକମାନେ ନିକଟସ୍ଥ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବାହାରେ ବିକ୍ରି କରି ଓ କୁଲି ମଜୁରି ଖଟି ପରିବାର ପ୍ରତିପୋଷଣ କରିଥା'ନ୍ତି। ଏହି ଗ୍ରାମକୁ ଲାଗି ଦୁଇ ପାର୍ଶ୍ୱରେ ମୋହନା ବ୍ଲକ ଓ ପଞ୍ଚାୟତକୁ ମାଟି ରାସ୍ତା ଥିଲେ ମଧ୍ୟ ନଥିବା ସଙ୍ଗେ ସମାନ। ଗାଁ ଲୋକେ ପଞ୍ଚାୟତକୁ ଯିବାକୁ ହେଲେ ପାଦଚଲା ରାସ୍ତାରେ ୭ କିମି ଆସି ସେଠାରୁ ଅଟୋ ଭଡ଼ା କରି ୨୫ କିମି ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବାର୍ଦ୍ଧକ୍ୟ ଭତ୍ତା, ରାଶନ ଚାଉଳ ଆଣିଥା'ନ୍ତି। ଗ୍ରାମ ପାର୍ଶ୍ୱରେ ରହିଛି ଅନ୍ୟ ଏକ ରାସ୍ତା। ଏଠାରୁ ୪ କିମି ଦୂରରେ ରହିଛି କେନ୍ଦୁପଦା ଗ୍ରାମ। ସେଠାରୁ ପଞ୍ଚାୟତକୁ ଯିବାକୁ ହେଲେ ୧୫ କିମି ଖରାପ ରାସ୍ତା ଦେଇ ଯିବାକୁପଡ଼େ। ବର୍ଷାଦିନେ ଗମନାଗମନ କରିବା ସମ୍ଭବପର ନୁହେଁ। ଗାଁଠାରୁ ୧ କିମି ଦୂରରେ ବିଲ ମଧ୍ୟରେ ରହିଛି ଏକ ପରିତ୍ୟକ୍ତ କୂଅ। ତାହାର ଦୂଷିତ ଗୋଳିଆ ପାଣିକୁ ଲୋକେ ବାଧ୍ୟହୋଇ ବ୍ୟବହାର କରନ୍ତି। ଏହି ପାଣି ପିଇ ଲୋକେ ବିଭିନ୍ନ ସମୟରେ ପେଟ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାମର ୧୦୦ ପରିବାର ମଧ୍ୟରୁ ମାତ୍ର ୩ ପରିବାର ପାଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ। ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାର ଆବାସ ଗୃହ ନିର୍ମାଣ କରିଛନ୍ତି। ଅନ୍ୟ ୨ ପରିବାର ରାସ୍ତା ସମସ୍ୟା ଯୋଗୁ ଘର ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀ ଆଣିବା କଷ୍ଟସାଧ୍ୟ ବୋଲି କହିଛନ୍ତି। ଗ୍ରାମର ବହୁ ପରିବାର ଝାଟିମାଟି ଓ ଟିଣଛପର ଘରେ ଦୁଃଖ କଷ୍ଟରେ ରହି ଆସୁଛନ୍ତି। ବିଦ୍ୟାଳୟଟି ଭଙ୍ଗାରୁଜା ହୋଇପଡ଼ିଛି। ତେବେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ଲକ କିମ୍ବା ଜିଲା ପ୍ରଶାସନ ଗ୍ରାମର ସମସ୍ୟା ପ୍ରତି ଧ୍ୟାନ ଦେଇନାହାନ୍ତି। ଏଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ବେଳେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ନୂତନ କ୍ରୀଡ଼ା ପରିଷଦ ସମ୍ପାଦକଙ୍କ ଦାୟିତ୍ୱ ଗ୍ରହଣ

#### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



**ବ୍ରହ୍ମପୁର ଅଫିସ, ୨୫।୯:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନୂତନ ସମ୍ପାଦକ ଭାବେ ସାମୁଦ୍ରିକ ବିଜ୍ଞାନ ବଭାଗ ପ୍ରଫେସର ଡ଼. ଶେଷଦେବ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ଼.ପାତ୍ର ୨୦୨୧-୨୩ ଶିକ୍ଷା ବର୍ଷ ନିମନ୍ତେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗତ ୧୫ ତାରିଖରେ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

### ନବଜାତ ଶିଶୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୫।୯:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବଡ ମେଡିକାଲ ପରିସରରେ ଥିବା ନାଳ ନିକଟରେ ଏକ ନବଜାତ ଶିଶୁର ମୃତଦେହ ଶନିବାର ଦେଖିବାକୁ ମିଳିଛି। ଶିଶୁଟିକୁ ଜନ୍ମ ଦେବା ପରେ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପରେ ଅଭିଭାବକ ଶିଶୁଟିର ମୃତଦେହକୁ ଏକ ନାଳ କଡରେ ଫୋପାଡ଼ି ଦେଇ ପଳାଇଥିବା ସନ୍ଦେହ କରାଯାଉଛି। ଶିଶୁଟିର ମୃତଦେହ କୁକୁର ଖାଇ ଦେଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକ ଏଭଳି ଘଟଣାକୁ ନିନ୍ଦା କରିଛନ୍ତି।

### ଚୋରା ଦେଶୀ ମଦ ଜବତ, ୩ ଗିରଫ

**ଦିଗପହଣ୍ଡି,୨୫।୯(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ କେରାଣ୍ଡିମାଳ ଦୁର୍ଗମ ଅଞ୍ଚଳରୁ ଶନିବାର ପୋଲିସ ୬୯ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ନେଇ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁକରି ଦିଗପହଣ୍ଡି ଉପକାରାଗାରକୁ ଚାଲାଣ କରିଛନ୍ତି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଯାଇଛି। ସେମାନେ ହେଲେ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମର ରବି ମଳିକ, ବି.ତୁରୁବୁଡି ଗ୍ରାମର ସନ୍ତୋଷ ମଳିକ ଓ ଚାନ୍ଦ ମଳିକ ବୋଲି ଜଣାପଡିଛି। କେରାଣ୍ଡିମାଳ ଦୁର୍ଗମ ଅଞ୍ଚଳରେ ଚୋରା ମଦ ରୋକିବା ପାଇଁ ଶନିବାର ସକାଳେ ଚିକିଟି ଅବକାରୀ ଇନିସ୍ପେକ୍ଟର୍ ମିହିର କୁମାର ସେଠୀ ଓ ବ୍ରହ୍ମପୁର ଷ୍ଟ୍ରାଇକିଂ ଫୋର୍ସ ଏସ୍.ଆଇ ଅଭୀରାମ ସାହୁ ପ୍ରମୁଖ ଷ୍ଟ୍ରାଇକିଂ ଫୋର୍ସ ମିଳିତ ଭାବେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଚଢାଉରେ ବ୍ରହ୍ମପୁର ଷ୍ଟ୍ରାଇକିଂ ଫୋର୍ସର ଏଏସ୍‌ଆଇ ଶେଖ୍ ଇଡ୍ରିସ୍ ଖାନ୍, ଚିକିଟି ଏଏସ୍‌ଆଇ ଦଣ୍ଡ ଶବର, ବ୍ରହ୍ମପୁର ଏଏସ୍‌ଆଇ ରଂଜିତ୍ ଶବର, ଜି.କ୍ରୀଷ୍ଣାରାଓ, ଏନ୍.ତ୍ରିପତି, ଡି.ହରିବନ୍ଧୁ, ଆଲ୍‌ଫା ସାହୁ, ଏଲ୍.ଲକ୍ଷ୍ମୀ ରେଡ୍ଡୀ, ସୁମତି ଗୌଡ ପ୍ରମୁଖ ସାମିଲ୍ ଥିଲେ।

### ଶ୍ରାଦ୍ଧରେ ଗଣ୍ଡଗୋଳ ଘଟଣା, ଯୁବକ ଗିରଫ

**ବଲସକୁମ୍ପା,୨୫।୯:** ଚଳିତ ବର୍ଷ ଏପ୍ରିଲରେ ଖଜୁରିପଡ଼ା ଥାନା ଅନ୍ତର୍ଗତ ପ୍ରେମଝୋରି ଗାଁରେ ଏକ ଶ୍ରାଦ୍ଧ ବାର୍ଷିକ କାର୍ଯ୍ୟ ଚାଲୁଥିବା ଯୋଗୁ ନିମନ୍ତ୍ରିତ ହୋଇ ସମ୍ପର୍କୀୟ ବନ୍ଧୁ, ବାନ୍ଧବ ଓ ଅତିଥିମାନେ ଆସିଥିଲେ। ସେହି ଅତିଥିମାନଙ୍କ ଗହଣରେ ଚକାପାଦ ଥାନା ଅନ୍ତର୍ଗତ ନନ୍ଦିନୀ ଗ୍ରାମର ଯୁବକ ହରିବନ୍ଧୁ ନାୟକ ମଧ ଆସିଥିଲେ। କୌଣସି କାରଣରୁ ବଚସା ହୋଇ ପ୍ରେମଝୋରୀ ଗ୍ରାମର ଶିବ ଦିଗାଲ ହରିବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। କିନ୍ତୁ ହରିବନ୍ଧୁ କୌଣସି ପ୍ରକାରେ ଜୀବନ ବଞ୍ଚାଇ ଉକ୍ତ ସ୍ଥାନରୁ ଚାଲିଯିବା ପରେ ଖଜୁରିପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୦/୨୧ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଖୋଜିଥିଲେ। ମାତ୍ର ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ଫୁଲବାଣୀ ଟାଉନ ଥାନା ପୋଲିସ ସହଯୋଗରେ ଫୁଲବାଣୀ ସ୍ଥିତ ଜିରିଙ୍ଗିପଡ଼ାରେ ଚଢ଼ାଉ କରି ଅଭିଯୁକ୍ତ ଶିବଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

# ଗଞ୍ଜାମରେ ମିଶନ ଶକ୍ତିକୁ ବିଜେଡିର ଗୁରୁତ୍ୱ

- ଏସ୍‌ଏଚ୍‌ଜିଙ୍କୁ ଦିଆଯାଉଛି ବ୍ୟାଙ୍କ ଋଣ
- ଜିଲାରେ ମହିଳା ଭୋଟହାର ବୃଦ୍ଧି ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ,୨୫।୯**

ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ନୂଆ ରଣନୀତି ଆପଣାଇଛି। ମହିଳା ଭୋଟ କାର୍ଡ ଖେଳ ଆରମ୍ଭ କରିଛି। ଦଳ ପକ୍ଷରୁ ମହିଳା ସଂଗଠନକୁ ବ୍ୟାପକ କରାଯିବାର ପଦକ୍ଷେପ ନିଆଯାଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସକ୍ରିୟ କରାଯାଉଛି। ସେମାନଙ୍କ ଜରିଆରେ ସରକାରଙ୍କ ମା' ଯୋଜନାଗୁଡ଼ିକର ରୂପାୟନ ସମ୍ପର୍କରେ ମହିଳାମାନଙ୍କୁ ଅଧିକ ସଚେତନ କରାଇବାର ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରରେ ମେଗା ସମନ୍ୱୟ ମେଳା କରାଯାଇ ଏସ୍‌ଏଚଜିଙ୍କୁ କୋଟି କୋଟି ଟଙ୍କା ବ୍ୟାଙ୍କ ଋଣ ଯୋଗାଇବାର ବ୍ୟବସ୍ଥା କରାଯାଇଛି।

ଗଞ୍ଜାମ ବିଜେଡି ପକ୍ଷରୁ ଜିଲାର ୨୨ ବ୍ଲକ ମଧ୍ୟରୁ କେବଳ ପ୍ରଥମେ ଗୋପାଳପୁର ନିର୍ବାଚନମଣ୍ଡଳୀର ରଙ୍ଗେଇଲୁଣ୍ଡା ବ୍ଲକ କମିଟି ଓ କର୍ମକର୍ତ୍ତା ଘୋଷଣା କରାଯାଇଥିବା ବେଳେ ସେହି ବ୍ଲକରେ ମହିଳା ବିଜେଡି ସଂଗଠନ ତୁରନ୍ତ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସାନଖେମୁଣ୍ଡି ବ୍ଲକରେ ମଧ ମହିଳା ସଂଗଠନ ଗଠନ ପାଇଁ ପରାମର୍ଶ ଆସିଛି। ସୂଚନାଯୋଗ୍ୟ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଦଳର ହାତଛଡ଼ା ହୋଇ ସେଠାରେ କଂଗ୍ରେସ ବିଧାୟକ ଅଛନ୍ତି। ତେଣୁ ଏହି ଦୁଇ ବିଧାନସଭା କ୍ଷେତ୍ରରେ ଦଳର ସଂଗଠନକୁ ବିସ୍ତାର କରିବା ଲାଗି ବିଜେଡି ଗୁରୁତ୍ୱ ଦେଇଥିବା ରାଜନୈତିକ ସମୀକ୍ଷକଙ୍କ ପକ୍ଷରୁ ହେଉଛି ଚର୍ଚ୍ଚା।

ଜିଲାର କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ ମିଶନ ଶକ୍ତି କାର୍ଯ୍ୟକ୍ରମରେ ଏସ୍‌ଏଚଜିଙ୍କୁ ବ୍ୟବହାର କରାଯିବାର ବ୍ୟବସ୍ଥା ହୋଇଛି। ବ୍ରହ୍ମପୁର ମହାନଗରରେ ଗଛ ଲଗାଇବାଠାରୁ ଆରମ୍ଭ କରି ସରକାରୀ ବିଲ୍ଡିଂ କାନ୍ଥରେ ବିଭିନ୍ନ ଚିତ୍ର ଆଙ୍କିବା ଓ ଅନ୍ୟାନ୍ୟ କାର୍ଯ୍ୟ ମହିଳା ସ୍ୱୟଂ ସହାୟକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାଫଳରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ବଢ଼ାଇବା ପ୍ରୟାସ କରୁଥିବା ଆଲୋଚନା ପରିସରକୁ ଆସିଛି। ସେହିପରି ଦଳର ମହିଳା ସଂଗଠନ ଏହି ଜିଲାରେ ଯେଭଳି ଶକ୍ତିଶାଳୀ ହେବ ସେଥିପାଇଁ ମଧ ପଦକ୍ଷେପ ନିଆଯାଇଛି। ନୂଆ ଚେହେରା ଏମ୍.ସୁଜାତାଙ୍କୁ ସଭାନେତ୍ରୀ କରାଯିବାର ଅଢ଼େଇ ମାସରେ ହଟାଇ ପୁରୁଣା ଖେଳୁଆଡ଼ ସଂଘମିତ୍ରା ଦଳାଇଙ୍କୁ ପୁନର୍ବାର ଜିଲା ସଭାନେତ୍ରୀ କରାଯାଇଛି। ନିର୍ବାଚନମଣ୍ଡଳୀଗୁଡ଼ିକୁ ଯାଇ ବିଧାୟକଙ୍କ ସହ ଆଲୋଚନା କରି ସବୁ ବ୍ଲକରେ ମହିଳା ସଂଗଠନ ଗଠନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହିସବୁ କାରଣରୁ ବିଜେଡି ମହିଳା ଭୋଟର ଉପରେ ଗୁରୁତ୍ୱ ଦେଇଥିବା ସ୍ପଷ୍ଟ ହୋଇଛି।

ଗତ ୧୬ ତାରିଖରେ ଗୋପାଳପୁର ନିର୍ବାଚନମଣ୍ଡଳୀର କେଲୁଆପଲୀରେ ମିଶନ ଶକ୍ତି ମେଳା ଏବଂ ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତଗୁଡିକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଏବଂ ଋଣମେଳା ଆୟୋଜନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଉଭୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲାର ସବୁ ବ୍ଲକରେ ଏଭଳି କାର୍ଯ୍ୟକ୍ରମ କରାଯିବାର ପ୍ରସ୍ତାବ ଥିବା ବିଜେଡି ପକ୍ଷରୁ କୁହାଯାଇଛି।

### ଛୁରାମାଡ଼ରେ ଗ୍ରାହକ ଆହତ, ଦୋକାନୀ ଗିରଫ

**ହିଞ୍ଜିଳିକାଟୁ,୨୫।୯(ଡି.ଏନ୍.ଏ)**

ହିଞ୍ଜିଳିକାଟୁ ଏନ୍‌ଏସି ହାଇସ୍କୁଲ ନିକଟରେ ଥିବା ଏକ ଫାଷ୍ଟଫୁଡ଼ ଦୋକାନ ମାଲିକଙ୍କ ଛୁରା ମାଡ଼ରେ ଗ୍ରାହକ ଆହତ ହୋଇଛନ୍ତି। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ଦୋକାନ ମାଲିକ ସୁନୀଲ ପାଢିଙ୍କୁ କୋର୍ଟ ଚାଲାଣ କରିଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜାନିନଗରର ସନ୍ତୋଷ ବେହେରା ଉକ୍ତ ପାଷ୍ଟଫୁଡ଼ ଦୋକାନକୁ ଯାଇଥିଲେ। ତୁରନ୍ତ ଖାଦ୍ୟ ଅର୍ଡର ନେଇ ସୁନୀଲ ଓ ସନ୍ତୋଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସୁନୀଲ ରାଗିଯାଇ ଏକ ଧାରୁଆ ଛୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ହିଞ୍ଜିଳି ଥାନା ପୋଲିସ ନଂ. ୫୦୯/୨୧ରେ ମାମଲା ରୁଜୁ କରି ଦୋକାନ ମାଲିକ ସୁନୀଲଙ୍କୁ ଗିରଫ କରିଥିଲା।

## ସେବିକା କର୍ମଚାରୀ ସଂଘରେ ବିବାଦ

**ବ୍ରହ୍ମପୁର ଅଫିସ,୨୫।୯**

ଓଡ଼ିଶା ସେବିକା କର୍ମଚାରୀ ସଂଘରେ ବିବାଦ ଦେଖାଦେଇଛି। ନୂତନ ଭାବେ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୂର୍ବତନ କର୍ମକର୍ତ୍ତାମାନେ ଦାୟିତ୍ୱ ହସ୍ତାନ୍ତର କରୁନଥିବା ଅଭିଯୋଗ ହୋଇଛି। ପୂର୍ବତନ ସଂଘ କର୍ମକର୍ତ୍ତାଙ୍କ ଏଭଳି ମନୋଭାବକୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସିପଟାଲ ସଂଘ ଶାଖା ପକ୍ଷରୁ ବିରୋଧ କରାଯାଇଛି।



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା ।

୨୦୧୭ରେ ରାଜ୍ୟ ସେବିକା କର୍ମଚାରୀ ସଂଘ ନିର୍ବାଚନ ହୋଇଥିବା ବେଳେ ୨ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସେହି କ୍ରମରେ ୨୦୧୯ରେ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ସରିଥିଲା। ହେଲେ କରୋନା ମହାମାରୀ ଆସିବା ପରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇପାରି ନ ଥିଲା। ଏହା ଭିତରେ ଦେଢ ବର୍ଷ ବିତିଯିବା ପରେ ୨୦୨୧ ଅଗଷ୍ଟ ୨୫ରେ ରାଜ୍ୟ ସଂଘ ସମସ୍ତ ଜିଲାରେ ଥିବା ସଦସ୍ୟ ତଥା ଶାଖା ସଂଘଙ୍କୁ ନେଇ ସାଧାରଣ ପରିଷଦ ବୈଠକ ଭର୍ଚୁଆଲରେ କରାଯାଇଥିଲା। ସେଠାରେ ସଂଘର ପୂର୍ବତନ କର୍ମକର୍ତ୍ତାଙ୍କୁ ରଦ୍ଦ କରାଯିବା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ନିଷ୍ପତ୍ତି ହୋଇଥିଲା। ସାଧାରଣ ପରିଷଦରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ବିଷୟରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲା। ସେହି କ୍ରମରେ ସେପ୍ଟେମ୍ବର ୧୪ ଓ ୧୫ରେ ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇ ନିୟମ ଅନୁସାରେ ନିର୍ବାଚନ କରାଯିବା ସହ ରାଜ୍ୟ ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ହେଲେ ନିର୍ବାଚନ ଶେଷ ହେବାର ଅନେକ ଦିନ ବିତି ଯାଇଥିଲେ ମଧ ପୂର୍ବତନ କର୍ମକର୍ତ୍ତାମାନେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଏପରିକି ମଧ ପୂର୍ବତନ କର୍ମକର୍ତ୍ତାମାନେ ସଂଘର ଲେଟର ପ୍ୟାଡ ନିଜ ପାଖରେ ରଖିଥିବା ବ୍ରହ୍ମପୁର ଶାଖା ସଂଘ ସଭାନେତ୍ରୀ କନକଲତା ଦାସ ଅଭିଯୋଗ କରିଥିଲେ। ଶନିବାର ସ୍ଥାନୀୟ ସଂଘ ପକ୍ଷରୁ ଏମ୍‌କେସିଜି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ସେଠାରେ ସମ୍ପାଦିକା ସୁପ୍ରଭା ବେହେରାଙ୍କ ସମେତ ବହୁ ସେବିକା କର୍ମଚାରୀ ଉପସ୍ଥିତ ରହି ରାଜ୍ୟ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମର୍ଥନ ଜଣାଇଥିଲେ। ଯଦି ପୂର୍ବତନ କର୍ମକର୍ତ୍ତାମାନେ ଏହା ପରେ କୌଣସି ସମସ୍ୟା ସୃଷ୍ଟି କରନ୍ତି ତେବେ ସେବିକାମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାନେତ୍ରୀ କହିଥିଲେ।

### ରାମଚନ୍ଦ୍ର ସାହୁ ୫ ଭୋଟରେ ବିଜୟୀ

#### କୋର୍ଟରେ ସାରୁ ସମିତିସଭ୍ୟଙ୍କ ପୁନଃ ଭୋଟ ଗଣତି

**ଛତ୍ରପୁର,୨୫।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକ ଅଧୀନ ସାରୁ ପଞ୍ଚାୟତ ସମିତିସଭ୍ୟ ନିର୍ବାଚନର ପୁନଃ ଭୋଟ ଗଣତି ଚଳିତ ମାସ ୧୮ରେ ଛତ୍ରପୁର ବରିଷ୍ଠ ଦେୱାନୀ କୋର୍ଟରେ କରାଯାଇଥିଲା। ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ପୂର୍ବରୁ ଏହି ପଞ୍ଚାୟତରେ ଥିବା ସମିତି ସଭ୍ୟ ରାମଚନ୍ଦ୍ର ସାହୁଙ୍କ ପଦ କାଏମ ରହିଛି। ସେ ୫ ଭୋଟରେ ବିଜୟୀ ହୋଇଛନ୍ତି ।

ପ୍ରକାଶ ଯେ, ୨୦୧୭ ଫେବୃୟାରୀ ୨୧ରେ ଉକ୍ତ ପଞ୍ଚାୟତରେ ନିର୍ବାଚନ ହୋଇଥିଲା। ଏହାର ୪ ଦିନ ପରେ ୨୫ ତାରିଖରେ ହିଞ୍ଜିଳି ବ୍ଲକରେ ଭୋଟ ଗଣତି ହୋଇଥିଲା। ପୁନଃ ଭୋଟ ଗଣତି ପରେ ରାମଚନ୍ଦ୍ର ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅରୁଣ ପାତ୍ରଙ୍କଠାରୁ ୫ଟି ଭୋଟରେ ବିଜୟୀ ହୋଇଥିଲେ। ପ୍ରତିଦ୍ୱନ୍ଦ୍ୱୀ କରିଥିବା ପାତ୍ରଙ୍କ ସମସ୍ତ ବୁଥ୍‌ର ପୁନଃ ଗଣନା ଆବେଦନକୁ ନିର୍ବାଚନ ଅଧିକାରୀ ନାକଚ କରି ଦେଇଥିଲେ । ଏହାପରେ ଅରୁଣ ଛତ୍ରପୁର ବରିଷ୍ଠ ସିଭିଲ ଜଜ୍ କୋର୍ଟରେ ନିର୍ବାଚନ ମାମଲା (୪/୧୭) ଦାଖଲ କରିଥିଲେ। ପରେ ରାମଚନ୍ଦ୍ର ସାହୁ ହାଇକୋର୍ଟରେ ଦ୍ୱାରସ୍ଥ ହେବା ସହ ରହିତାଦେଶ ଆଣିଥିଲେ। ଏହାର ସମୟସୀମା ସରିବା ପରେ ଛତ୍ରପୁର ବରିଷ୍ଠ ସିଭିଲ ଜଜ୍ ପୁନଃ ଗଣତି ପାଇଁ ଆଦେଶ ଦେଇଥିଲେ। ଏହାପରେ ଚଳିତ ମାସ ୧୮ରେ ହିଞ୍ଜିଳି ବ୍ଲକରୁ ଉକ୍ତ ପଞ୍ଚାୟତର ଭୋଟବାକ୍ସ ଛତ୍ରପୁର କୋର୍ଟକୁ ଅଣାଯାଇଥିଲା। ବରିଷ୍ଠ ଦେୱାନୀ ବିଚାରପତି ମାନସ ରଞ୍ଜନ ରାୟଙ୍କ ଉପସ୍ଥିତିରେ କୋର୍ଟ ଭିତରେ ଗଣତି କରାଯାଇଥିଲା। ଭୋଟ ଗଣତି ପରେ ୯ ବାଲଟ ପେପର କୋର୍ଟରେ ବିଚାରାଧୀନ ରହିଥିଲା ।

## ଗୋପାଳପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୫।୯**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ, ଜାତୀୟସାଗର ଗବେଷଣା କେନ୍ଦ୍ର ଓ ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତି ପକ୍ଷରୁ ମିଳିତ ଭାବେ ଶନିବାର ଗୋପାଳପୁର ବେଳାଭୂମି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧକ୍ଷତାରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ.ଚକ୍ରପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଏଥିରେ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଶନିବାର ଋଷିକୁଲ୍ୟା ନଦୀ ମୁହାଣ ଗୋରଖକୁଦଠାରୁ ନୂଆ ପୋଡ଼ମପେଟା ପର୍ଯ୍ୟନ୍ତ ପ୍ରାୟ ୪୦ ହଜାର ବର୍ଗମିଟର ବଙ୍ଗୋପସାଗର ବେଳାଭୂମି ସଫେଇ ହୋଇଥିଲା। ଏଥିରୁ ୧୬୩.୩ କେଜି ବର୍ଜ୍ୟବସ୍ତୁ ସଂଗୃହୀତ ହୋଇଥିଲା। ଏହା ବ୍ୟତୀତ ସମୁଦ୍ର ବେଳାଭୂମି ସଫା ରଖିବା ନେଇ ସଚେତନତା ସଭା ଓ ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ସମୂହ ଅଣ୍ଡାଦାନ ନେଇ ସର୍ବକାଳୀନ ରେକର୍ଡ ରହିଆସିଛି। ଏଥିନିମନ୍ତେ ସମୁଦ୍ର ବେଳାଭୂମି ସୁରକ୍ଷା ଓ ସଫେଇ ଦ୍ୱାରା କଇଁଛମାନେ ସୁରକ୍ଷିତ ରହିବେ ବୋଲି ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲେ। କଇଁଛ ସୁରକ୍ଷା ସମିତି ମୁଖ୍ୟ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ନିକଟସ୍ଥ ଗ୍ରାମବାସୀ ଓ ମତ୍ସ୍ୟଜୀବୀଙ୍କୁ ପ୍ରବର୍ତ୍ତାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଶେଷଦେବ ପାତ୍ର, ଡ.ମୁକୁନ୍ଦ କେଶରୀ ଖାଡ଼ଙ୍ଗା ଓ ଡ.ପ୍ରବୀଣ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଶିଶୁ ସମେତ ୫ ଡେଙ୍ଗୁ ରୋଗୀ ଚିହ୍ନଟ

**ବ୍ରହ୍ମପୁର ଅଫିସ,୨୫।୯**

**ଜିଲାରେ ଏବେ ୯୫ ପଜିଟିଭ**

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ୯୫ ଛୁଇଁଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ସେଥିମଧ୍ୟରେ ୧୨ ଶିଶୁ ରହିଥିବା ସେ କହିଛନ୍ତି। ସେହିପରି ଶନିବାର ଦିନକରେ ୩ ଶିଶୁ ସମେତ ୫ ଚିହ୍ନଟ ହୋଇଛନ୍ତି। ଛତ୍ରପୁର ବ୍ଲକର ସାନ ଆର୍ଯ୍ୟପଲୀର ଜଣେ ୧୮ ବର୍ଷ ଯୁବକ, ବଡ ଆର୍ଯ୍ୟପଲୀର ଜଣେ ଶିଶୁ ଓ କେ.ଆର୍ଯ୍ୟପଲୀ ଗ୍ରାମର ୭ ବର୍ଷର ଶିଶୁ (କନ୍ୟା) ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଧୀନ ବଡ଼ଖେମୁଣ୍ଡି ସାହିର ୭ ବର୍ଷର ଶିଶୁ (କନ୍ୟା) ଓ ପାତ୍ରପୁର ବ୍ଲକ ଖମାରି ଗ୍ରାମର ଜଣେ ୫୦ ବର୍ଷର ବ୍ୟକ୍ତି ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଆକ୍ରାନ୍ତମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଦିନକୁ ଦିନ ଡେଙ୍ଗୁ ସଂଖ୍ୟା ବଢୁଥିବାରୁ ଲୋକଙ୍କୁ ଭୟ ଘାରିଛି। ଜିଲାର ଯେଉଁ ବ୍ଲକ ଗୁଡିକରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ସେହି ଅଞ୍ଚଳକୁ ସ୍ୱାସ୍ଥ୍ୟ ଟିମ୍ ଯାଇ ଲୋକମାନଙ୍କୁ ସଚେତନ କରୁଛନ୍ତି। ବ୍ରହ୍ମପୁର ସହରରେ ଏଯାବତ ୬ ଶିଶୁ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ଛତ୍ରପୁରରେ ୫ ଓ ପାତ୍ରପୁର ବ୍ଲକରେ ଜଣେ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଡେଙ୍ଗୁ ରୋଗୀ ଥିବା ଅଞ୍ଚଳକୁ ଯାଇ ସେଠାରୁ ଲାର୍ଭା ଚିହ୍ନଟ କରି ତାକୁ ନଷ୍ଟ କରୁଛି। ସେପଟେ ଜିଲାର ଆକ୍ରାନ୍ତଙ୍କ ଗ୍ରାମରେ ମଶାମରା ତେଲ ସିଞ୍ଚନ କରାଯାଉଥିବା ବେଳେ ମଶାମରା ଧୂଆଁ ସ୍ପ୍ରେ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ସିଡିଏମ୍‌ଓ ମିଶ୍ର କହିଛନ୍ତି।

## ୪.୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୬ ଗିରଫ


ଗଞ୍ଜେଇ ସହ ଗିରଫ ଯୁବକ

**ଫୁଲବାଣୀ ଅଫିସ, ୨୫।୯**

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଲିସ କୁଳିଆକୁଟି ଗ୍ରାମରେ ଚଢ଼ାଉ କରି ଶନିବାର ୪.୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ଗିରଫ ଯୁବକମାନେ ହେଲେ ରବିଚନ୍ଦ୍ର କହଁର, ଶ୍ରବଣ କହଁର, ନିରାକାର କହଁର, ପର୍ଶୁରାମ କହଁର ଓ କବିରାଜ କହଁର। ବସ୍ତାରେ ଭରା ହୋଇଥିବା ଗଞ୍ଜେଇ ବାହାରକୁ ଚାଲାଣ ହେବାକୁ ଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ସେଠାରେ ଚଢ଼ାଉ କରାଯାଇଥିଲା। ଏ ନେଇ ଥାନାରେ ନଂ.୧୧୯/୨୧ରେ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

## ସିପିଏମ୍‌ର ୧୪ ତମ ସମ୍ମିଳନୀ

**୩ ବର୍ଷ ପାଇଁ ୧୦ ଜଣିଆ କମିଟି ନିର୍ବାଚିତ**



ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୫।୯**

ସିପିଏମ୍‌ର ୧୪ତମ ବ୍ରହ୍ମପୁର ସମ୍ମିଳନୀ ଶନିବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ ନେତା ପ୍ରତାପ ଚୌଧୁରୀ ସଭାପତିତ୍ୱ କରିଥିଲେ। ଦଳ ଜିଲା ସମ୍ପାଦକ କୈଳାସ ଷଡଙ୍ଗୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦ କରି ଆସନ୍ତା ୨୭ରେ ଭାରତ ବନ୍ଦକୁ ସଫଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା ଚିଠା ରିପୋର୍ଟ ଆଗତ କରିଥିଲେ। ଦଳର ପ୍ରାୟ ୧୦ ଜଣ କର୍ମୀ ରିପୋର୍ଟ ଉପରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ଉପଭୋକ୍ତା, ପିଇବା ପାଣି, ଏମ୍‌କେସିଜିରେ ରୋଗୀ ସେବାରେ ଅବ୍ୟବସ୍ଥା, ବସ୍ତି ବାସିନ୍ଦାଙ୍କୁ ଘରପଟ୍ଟା ଦାବିରେ ଆନ୍ଦୋଳନ ପାଇଁ ସମ୍ମିଳନୀରେ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଦଳ ପକ୍ଷରୁ ଆସନ୍ତା ୩ ବର୍ଷ ପାଇଁ ୧୦ ଜଣିଆ କମିଟି ନିର୍ବାଚନ କରାଯାଇଥିଲା। ଏଥିରେ ଯୁଧିଷ୍ଠିର ବେହେରା ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଥିଲେ। ଅନ୍ୟ ସଭ୍ୟମାନଙ୍କ ମଧ୍ୟରେ ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ରଞ୍ଜନ ପାତ୍ର, ବାବୁଲା ନାୟକ, କେଶବ ଗୌଡ଼, ହରି ନାହାକ, ଚିଟି ବାବୁ, ଲୋକନାଥ ରଥ ଓ ଲୋକନାଥ ଖୁଣ୍ଟିଆ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବସନ୍ତ ନନ୍ଦ ଓ ଜିଲା କମିଟି ସଭ୍ୟ ଗୋପାଳ ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କମାପଲୀ ଓଭରବ୍ରିଜ୍ ରାସ୍ତା ଶୋଚନୀୟ

**ବ୍ରହ୍ମପୁର ଅଫିସ,୨୫।୯**

ବ୍ରହ୍ମପୁର ସହରରେ ବହୁ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଯାହା ବି ନିର୍ମାଣ ହେଉଛି ନିମ୍ନମାନର କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷାରେ ପିଚୁ ଉଠିଯାଉଛି ତ ଆଉ କେଉଁଠି କଂକ୍ରିଟ୍ ରାସ୍ତା ଧୋଇ ହୋଇ ଗର୍ତ୍ତ ସୃଷ୍ଟି ହେଉଛି। ତେବେ ମୁଖ୍ୟ ରାସ୍ତା ସମେତ ଏବେ ଓଭର ବ୍ରିଜ୍ ରାସ୍ତାରେ ମଧ ସମାନ ସମସ୍ୟା ଦେଖିବାକୁ ମିଳିଛି।


ମଝି ରାସ୍ତାରେ ହୋଇଥିବା ଗର୍ତ୍ତ।


ଓଭରବ୍ରିଜ୍‌ରେ ଉଠିଥିବା ଗଛ।

ଏହାର ଉଦାହରଣ କମାପଲୀ ଓଭର ବ୍ରିଜ୍ ରାସ୍ତା। ୨୦୦୪ରେ ବ୍ରିଜ୍ ନିର୍ମାଣ ଆରମ୍ଭ ହୋଇଥିଲା। କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିବାଦ ପରେ ଦୀର୍ଘ ୪ ବର୍ଷ ପରେ ଶେଷ ହୋଇଥିଲା। କିନ୍ତୁ ଆଜିଯାଏ ବ୍ରିଜ୍ ଉଦ୍‌ଘାଟନ ହୋଇପାରି ନାହିଁ। ଅତୀତରେ ଏକ ରାଜନୈତିକ ଦଳ ଏହାର ଶୁଭ ଉଦ୍‌ଘାଟନ କରିବାକୁ ବାଧ୍ୟ ହୋଇଥିଲା। ବର୍ତ୍ତମାନ ଏହି ଓଭରବ୍ରିଜ୍ ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ ଏହି ଓଭରବ୍ରିଜ୍ ଦେଇ ଦୁଇଚକିଆ ଯାନଠାରୁ ଆରମ୍ଭ କରି ଭାରିଯାନ ଯାତାୟାତ କରିଥାଏ। ଏହି ରାସ୍ତା ଦେଇ ବହୁ ସ୍କୁଲ ଓ କଲେଜ ବସ୍ ମଧ ଯାତାୟାତ କରୁଛି। ଏହି ରାସ୍ତାଟି ଲାଞ୍ଜିପଲୀ ୧୬ନଂ. ଜାତୀୟ ରାଜପଥକୁ ଯିବା ପାଇଁ ସୁବିଧା ହୋଇଥାଏ। ଫଳରେ ସକାଳୁ ସନ୍ଧ୍ୟା ଯାଏ ଏହି ଓଭର ବ୍ରିଜ୍ ରାସ୍ତାରେ ଯାତାୟାତ ଲାଗି ରହିଥାଏ। କିନ୍ତୁ ବିଭାଗ ପକ୍ଷରୁ ଏହି ଓଭରବ୍ରିଜ୍ ରାସ୍ତା ମରାମତି କିମ୍ବା ରକ୍ଷଣାବେକ୍ଷଣ ଅଭାବରୁ ବିରାଟ ଗର୍ତ୍ତ ସୃଷ୍ଟି ହେବାକୁ ବସିଲାଣି। ଗତ କିଛି ମାସ

**ବିଭାଗର ନିଘା ନାହିଁ**

ତଳେ ବିଭାଗ ପକ୍ଷରୁ ଏହି ରାସ୍ତାର କିଛି ଅଂଶ ମରାମତି କରାଯାଇଥିବା ବେଳେ ବର୍ତ୍ତମାନ ପୁଣି ଥରେ ଖୋଲି ହୋଇ ଦୁର୍ଘଟଣାର ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଅନ୍ୟପଟେ ବ୍ରିଜ୍‌ର ସୌନ୍ଦର୍ଯ୍ୟକରଣ ନିମନ୍ତେ ଏହାର ଚାରିପଟେ ରଙ୍ଗିନ ଆଲୋକମାଳାରେ ସଜ୍ଜାଯାଇଛି। ତାହାର ବି ଠିକ୍ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବ୍ରିଜ୍ ରାସ୍ତାରେ ଅନେକ ସମୟରେ ଏଲ୍‌ଇଡି ଲାଇଟ୍‌ଗୁଡିକ ମଧ ଜଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ରାସ୍ତା ଓ କୋଠାବାଡି ଉପ ବିଭାଜନ ସହକାରୀ ଯନ୍ତ୍ରୀ ସତ୍ୟ ରଞ୍ଜନ ପରିଡାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନାହିଁ।

ଧରିତ୍ରୀ
DHARITRI
ରବିବାର, ୨୬ ସେପ୍ଟେମ୍ବର, ୨୦୨୧



ଇଲେକ୍ଟ୍ରିକ୍ ଯାନ ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ମାଲିକ ଏଲନ ମସ୍କ ତାଙ୍କ ପ୍ରେମିକା ଗ୍ରିମ୍ସଙ୍କଠାରୁ ବ୍ରେକ୍‌ଅପ୍ କରିଛନ୍ତି। ୨୦୧୮ରୁ ମସ୍କ ଗ୍ରିମ୍ସଙ୍କ ସହ ସମ୍ପର୍କରେ ଥିଲେ। ଉଭୟଙ୍କର ଏକ ପୁତ୍ର ସନ୍ତାନ ରହିଛି। ବ୍ରେକ୍‌ଅପ୍ ସତ୍ତ୍ୱେ ସେମାନେ ତାଙ୍କ ପୁଅ ପାଇଁ ମାତାପିତାଙ୍କ ଦାୟିତ୍ୱ ତୁଲାଇବେ। ସ୍ପେସ୍‌ଏକ୍ସ ଏବଂ ଟେସ୍‌ଲା କାମ ପାଇଁ ମସ୍କଙ୍କୁ ଅଧିକାଂଶ ସମୟ ବିଦେଶ ଗସ୍ତରେ ରହୁଛନ୍ତି। ଗ୍ରିମ୍ସ ତାଙ୍କ କାମର ଆବଶ୍ୟକତା ଦୃଷ୍ଟିରୁ ଲସ୍ ଏଞ୍ଜେଲ୍ସରେ ରହିବା ଦରକାର ବୋଲି ମସ୍କ କହିଛନ୍ତି।



## ସଂକ୍ଷେପରେ

### କୋୱିନ୍ ସାର୍ଟିଫିକେଟରେ ରହିବ ଜନ୍ମ ତାରିଖ

ନୂଆଦିଲ୍ଲୀ, ୨୫ା୯(ପି.ଟି.): ଯେଉଁମାନେ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଛନ୍ତି ଓ ବିଦେଶ ଯିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦିଆଯିବାକୁ ଥିବା କୋୱିନ୍ ସାର୍ଟିଫିକେଟରେ ସମ୍ପୂର୍ଣ୍ଣ ଜନ୍ମ ତାରିଖ ରହିବ। ଶନିବାର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୋଭିଡ୍ ଟିକା ସାର୍ଟିଫିକେଟର ଗ୍ରହଣୀୟତାକୁ ନେଇ ଭାରତ ଓ ବ୍ରିଟେନ ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ଏହାର ସମାଧାନ ପାଇଁ କଥାବାର୍ତ୍ତା ଚାଲିଛି। ଭାରତର ପ୍ରତିବାଦ ଯୋଗୁ କୋଭିଶିଲ୍ଡ ଟିକାକୁ ବ୍ରିଟେନ୍ ଅନୁମୋଦନ କରିଥିଲେ ମଧ୍ୟ ସଂଶୋଧିତ ଟ୍ରାଭେଲ ଆଡଭାଇଜରିରେ ଭାରତୀୟଙ୍କୁ କ୍ୱାରାଣ୍ଟାଇନ ନିୟମରୁ ବାଦ୍ ଦେଇ ନ ଥିଲା। ବର୍ତ୍ତମାନ ଟିକା ସାର୍ଟିଫିକେଟରେ କେବଳ ହିତାଧିକାରୀଙ୍କ ବୟସ ଲେଖାଯାଉଛି। ଡବ୍ଲ୍ୟୁଏଚ୍‌ଓ ନିୟମାବଳୀର ଅନୁପାଳନ ଲାଗି କୋୱିନ୍ ଆପ୍‌ରେ ନୂଆ ଫିଚର ସଂଯୋଗ ହୋଇଛି। ଆସନ୍ତା ସପ୍ତାହରୁ ସମ୍ପୂର୍ଣ୍ଣ ଜନ୍ମ ତାରିଖ ଥାଇ ସାର୍ଟିଫିକେଟ ମିଳିବ।

### ୨୮ରେ କଂଗ୍ରେସରେ ଯୋଗଦେବେ କହ୍ନେୟା, ଜିଗ୍ନେଶ



ନୂଆଦିଲ୍ଲୀ, ୨୫ା୯: ଜେଏନ୍‌ୟୁ ଛାତ୍ରସଂସଦର ପୂର୍ବତନ ସଭାପତି କହ୍ନେୟା କୁମାର ଏବଂ ଗୁଜରଟର ସ୍ୱାଧୀନ ବିଧାୟକ ଜିଗ୍ନେଶ ମେଭାନି ଆସନ୍ତା ୨୮ ତାରିଖରେ କଂଗ୍ରେସରେ ଯୋଗଦେବେ। କଂଗ୍ରେସ ଏହାକୁ ଏକ ହାଇପ୍ରୋଫାଇଲ ଯୋଗଦାନ ଭାବେ ଗ୍ରହଣ କରିଛି। ଦଳର ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଉଭୟ ନେତା କଂଗ୍ରେସରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉଭୟେ କହ୍ନେୟା କୁମାର ଓ ଜିଗ୍ନେଶ ନିକଟରେ ରାହୁଲଙ୍କୁ ଭେଟିଥିଲେ। ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସେମାନଙ୍କୁ ସାଙ୍ଗରେ ନେବା ଲାଗି ନିଷ୍ପତ୍ତି ନେଇଛି।

### ଇଟାଲୀ ଶାନ୍ତି ସମ୍ମିଳନୀରେ ଯୋଗଦେବାକୁ ମମତାଙ୍କୁ ମିଳିଲାନି ଅନୁମତି

କୋଲକାତା, ୨୫ା୯: ଆଗାମୀ ଅକ୍ଟୋବରରେ ଇଟାଲୀରେ ହେବାକୁ ଥିବା ବିଶ୍ୱ ଶାନ୍ତି ସମ୍ମିଳନୀରେ ଯୋଗଦେବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅନୁମତି ଦେବାକୁ ବୈଦେଶିକ ମନ୍ତ୍ରଣାଳୟ ମନା କରିଦେଇଛି। ମଦର ଟେରେସାଙ୍କୁ କେନ୍ଦ୍ରକରି ଆୟୋଜନ ହେବାକୁ ଥିବା ଉକ୍ତ ସମ୍ମିଳନୀରେ ଜର୍ମାନୀ ଚାନ୍ସେଲର ଆଞ୍ଜେଲା ମର୍କେଲ, ପୋପ୍ ଫ୍ରାନ୍ସିସ୍ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି ଯୋଗଦେବେ। ମମତାଙ୍କୁ ସାଙ୍ଗରେ କୌଣସି ପ୍ରତିନିଧିଙ୍କୁ ନ ଆଣିବା ପାଇଁ ଇଟାଲୀ ସରକାର ଅନୁରୋଧ କରିଥିଲେ। ରାଜନୈତିକ ଦୃଷ୍ଟିରୁ ଏବଂ ଉକ୍ତ କାର୍ଯ୍ୟକ୍ରମ ଜଣେ ରାଜ୍ୟ ମୁଖ୍ୟମନ୍ତ୍ରୀ ଭାଗନେବା ଅନୁରୂପ ହୋଇ ନ ଥିବା ଦର୍ଶାଇ ବୈଦେଶିକ ମନ୍ତ୍ରଣାଳୟ ଅନୁମତି ଦେଇନାହିଁ। ଏହାକୁ ଟିଏମ୍‌ସି ମୁଖପାତ୍ର ଦେବାଂଶୁ ଭଟ୍ଟାଚାର୍ଯ୍ୟ ଦେବ ସମାଲୋଚନା କରିଛନ୍ତି। ପୂର୍ବରୁ ମମତାଙ୍କ ଚାଇନା ଗସ୍ତ ପାଇଁ ଅନୁମତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଥିଲେ। ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଭାରତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଏହାକୁ ଗ୍ରହଣ କରିଥିଲୁ। ତେବେ ରୋମ୍ ଗସ୍ତରେ କ'ଣ ସମସ୍ୟା ଥିଲା ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

# ବିସ୍ତାରବାଦ ବିରୋଧରେ ଏକାଠି ହେବାକୁ ଆହ୍ୱାନ

## ଜାତିସଂଘରେ ମୋଦିଙ୍କ ଉଦ୍‌ବୋଧନ



ଜାତିସଂଘ, ୨୫ା୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜାତିସଂଘର ୭୬ତମ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଆତଙ୍କବାଦକୁ ରାଜନୈତିକ କରିଥିବା ରାଷ୍ଟ୍ରଗୁଡ଼ିକୁ ସମାଲୋଚନା କରିବା ସହ ବିସ୍ତାରବାଦୀଙ୍କ ବିରୋଧରେ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଛନ୍ତି। ନକାରାତ୍ମକ ଚିନ୍ତାଧାରାର କେତେକ ରାଷ୍ଟ୍ର ଆତଙ୍କବାଦକୁ ରାଜନୈତିକ ଅସ୍ତ୍ର କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ପରୋକ୍ଷରେ ପାକିସ୍ତାନକୁ ଇଙ୍ଗିତ କରି କହିଥିଲେ। ଏହି ଦେଶଗୁଡ଼ିକ ଆତଙ୍କବାଦର ପରିଣତି ସମ୍ପର୍କରେ ହୃଦୟଙ୍ଗମ କରିବା ଆବଶ୍ୟକ। ଆତଙ୍କବାଦ ସେମାନଙ୍କ ପାଇଁ ମଧ୍ୟ ସମାନ ବିପଦ। ବିଶ୍ୱରେ ଉଗ୍ରବାଦ ଏବଂ ନକରାତ୍ମକ ଚିନ୍ତାଧାରା ଜନିତ ବିପଦ ବଢ଼ିଚାଲିଛି। ଆଫଗାନିସ୍ତାନ ମାଟି ଯେପରି ଆତଙ୍କବାଦ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପର ବିସ୍ତାର ପାଇଁ ବ୍ୟବହୃତ ନ ହୁଏ, ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ସେହିପରି କୌଣସି ଦେଶ ଆଫଗାନିସ୍ତାନ ସ୍ଥିତିର ଫାଇଦା ଉଠାଇବା ଏବଂ ନିଜର ନ୍ୟସ୍ତସ୍ୱାର୍ଥ ପାଇଁ ବ୍ୟବହାର କରିବାକୁ ଯେପରି ଉଦ୍ୟମ ନ କରନ୍ତି, ତାହା ନିଶ୍ଚିତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚାଇନାର ସାମରିକ ଶକ୍ତି ବୃଦ୍ଧି ଘଟୁଥିବାବେଳେ ବିସ୍ତାରବାଦ ବିରୋଧରେ ଅନ୍ତର୍ଜାତୀୟ ସମୁଦାୟ ମିଳିତ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମହାସାଗର ସମସ୍ତଙ୍କର ମିଳିତ ଐତିହ୍ୟ। ଏହା ଅନ୍ତର୍ଜାତୀୟ ବାଣିଜ୍ୟର ଜୀବନରେଖା। ତେଣୁ ବିସ୍ତାରବାଦ ପ୍ରତିଯୋଗିତାରୁ ଏହାକୁ ସୁରକ୍ଷିତ ରଖିବାକୁ ହେବ। ସେଥିପାଇଁ ନିୟମାବଳୀ ଭିତ୍ତିକ ଅନ୍ତର୍ଜାତୀୟ ନିୟନ୍ତ୍ରଣ ବ୍ୟବସ୍ଥାକୁ ମଜଭୂତ କରିବା ଲାଗି ମିଳିତ ସ୍ୱର ଉଠାଇବା ଜରୁରୀ ବୋଲି ମୋଦି କହିଛନ୍ତି।

ଭାରତ ଜୀବନ୍ତ ଗଣତନ୍ତ୍ରର ସବୁଠୁ ବଡ଼ ଦୃଷ୍ଟାନ୍ତ। ଏଠାରେ ଚା' ଦୋକାନରେ ବାପାକୁ ସହାୟତା କରୁଥିବା ଜଣେ ଛୋଟ ପିଲା ଗଣତନ୍ତ୍ରର ଶକ୍ତି ବଳରେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଚତୁର୍ଥ ଥର ପାଇଁ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର ସୁଯୋଗ ପାଇଛି ବୋଲି ମୋଦି କହିଥିଲେ। ବିକାଶ ମାର୍ଗରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି। ସର୍ବବ୍ୟାପକ ଏବଂ ସାର୍ବଜନୀନ ବିକାଶ ପ୍ରକ୍ରିୟାରେ ଭାରତ ବିଶ୍ୱାସ କରେ। କରୋନା ମହାମାରୀ ବିରୋଧୀ ଲଢ଼େଇରେ ଭାରତର ସଫଳତା ସମ୍ପର୍କରେ ମୋଦି କହିବା ସହ ୧୨ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକଙ୍କ ପାଇଁ ବିଶ୍ୱର ପ୍ରଥମ ଡିଏନ୍‌ଏ ଆଧାରିତ କୋଭିଡ୍-୧୯ ଟିକା ବିକଶିତ କରିଥିବା କହିଥିଲେ। ଏହା ବ୍ୟତୀତ ଭାରତୀୟ ବୈଜ୍ଞାନିକମାନେ କୋଭିଡ୍-୧୯ ପାଇଁ ନାଜାଲ ଭାକ୍ସିନ ପ୍ରସ୍ତୁତ କରୁଛନ୍ତି। ଭାରତରେ ଟିକା ପ୍ରସ୍ତୁତି ଲାଗି ଆଗେଇ ଆସିବାକୁ ସେ ବିଭିନ୍ନ ଦେଶର କମ୍ପାନୀଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

ପରିବର୍ତ୍ତିତ ସମୟକୁ ଗ୍ରହଣ କରୁ ନ ଥିବାରୁ ଜାତିସଂଘକୁ ବିଭିନ୍ନ ଦେଶ ସମାଲୋଚନା କରୁଛନ୍ତି। ଠିକ୍ ସମୟରେ ଠିକ୍ କାମ କରା ନ ଗଲେ, ସମୟ ନିଜେ ଉକ୍ତ କାର୍ଯ୍ୟର ସଫଳତାକୁ ନଷ୍ଟ କରିଦେଇଥାଏ ବୋଲି ଦାର୍ଶନିକ ଚାଣକ୍ୟଙ୍କ ଉକ୍ତିକୁ ଉଦ୍ଧାର କରି ପ୍ରଧାନମନ୍ତ୍ରୀ କହିଥିଲେ। ଜାତିସଂଘ ଲୋକମାନଙ୍କ କଥା କହିବା ଓ ସମୟ ବତାଇବା ସଂଗଠନରେ ପରିଣତ ହୋଇଛି ବୋଲି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକଦା କହିଥିଲେ। ଜାତିସଂଘକୁ ଏହାର ପ୍ରାସଙ୍ଗିକତା ରଖିବାକୁ ହେଲେ, ଏହାର କାର୍ଯ୍ୟଦକ୍ଷତା ଓ ବିଶ୍ୱସନୀୟତା ବଢ଼ାଇବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଥିଲେ।

### ଆତଙ୍କବାଦକୁ ରାଜନୈତିକ ଅସ୍ତ୍ର କରିଥିବା ରାଷ୍ଟ୍ରଙ୍କ ପାଇଁ ସମାନ ବିପଦ ରହିଛି

ଚଳିତ ବର୍ଷ ଜାତିସଂଘ ସାଧାରଣ ବିତର୍କର ବିଷୟବସ୍ତୁ ଥିଲା, କୋଭିଡ୍-୧୯ରୁ ମୁକ୍ତ ହେବାର ଆଶା ମାଧ୍ୟମରେ ପ୍ରତିରୋଧ ସାମର୍ଥ୍ୟ ବଢ଼ାଇବା, ସ୍ଥାୟିତ୍ୱର ପୁନଃନିର୍ମାଣ, ପୃଥିବୀର ଆବଶ୍ୟକତାର ଜବାବ, ଜନ ଅଧିକାରକୁ ସମ୍ମାନ ଏବଂ ଜାତିସଂଘକୁ ପୁନର୍ଜୀବିତ କରିବା। ୱାଶିଂଟନରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଏବଂ କ୍ୱାଡ୍ ରାଷ୍ଟ୍ର ମୁଖ୍ୟମାନଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କରେ ପହଞ୍ଚିଥିଲେ।

### ଗିରୀଶ ମୁର୍ମୁ ଆଇଏଇଏ ଏକ୍ସଟର୍ନାଲ ଅଡିଟର



ଭିଏନା, ୨୫ା୯


ଭାରତର ହିସାବ ନିୟନ୍ତ୍ରକ ଏବଂ ମହାଲେଖା ସମୀକ୍ଷକ (ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନ ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ)ର ଏକ୍ସଟର୍ନାଲ ଅଡିଟର ନିଯୁକ୍ତ ହୋଇଛନ୍ତି। ଭିଏନାରେ ଅନୁଷ୍ଠିତ ଆଇଏଇଏ ସାଧାରଣ ସଭାରେ ବିଭିନ୍ନ ଦେଶ ସେମାନଙ୍କ ପ୍ରାର୍ଥୀ ଦେଇଥିବାବେଳେ ମୁର୍ମୁଙ୍କ ପ୍ରାର୍ଥୀତ୍ୱ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ ମୁର୍ମୁ ଏହି ପଦରେ ରହିବେ। ଏହାଦ୍ୱାରା ବିଶ୍ୱସ୍ତରରେ ସିଏଜିର ବିଶ୍ୱସନୀୟତା, ବୃତ୍ତିଗତ ମନୋବୃତ୍ତି ଏବଂ ଅଭିଜ୍ଞତାକୁ ସ୍ୱୀକୃତି ମିଳିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଗତ ବର୍ଷ ଅଗଷ୍ଟ ୮ରେ ମୁର୍ମୁ ଭାରତର ସିଏଜି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ରହିଥିଲେ।



ସୋମବାର ଭାରତ ବନ୍ଦ ପୂର୍ବରୁ ରାଜସ୍ଥାନର ଜୟପୁରରେ ଶନିବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଟର୍ଚ୍ଚ ରାଲି।

## ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତା

# ସମର୍ଥନ କରିବ ଆମେରିକା



ୱାଶିଂଟନ, ୨୫ା୯

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଂସ୍କାରରେ ଭାରତର ସ୍ଥାୟୀ ସଦସ୍ୟତା ଲାଗି ଆମେରିକା ସମର୍ଥନ ଜଣାଇବ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ଦୋହରାଇଛନ୍ତି। ଏଥିସହିତ ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀରେ ଭାରତର ପ୍ରବେଶ ଲାଗି ମଧ୍ୟ ସମର୍ଥନ ଯୋଗାଇଦେବାକୁ ବାଇଡେନ୍ ହ୍ୱାଇଟ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ କହିଛନ୍ତି। ଗତ ଅଗଷ୍ଟ ମାସରେ ଜାତିସଂଘ ସୁରକ୍ଷା ପରିଷଦରେ ଅଧ୍ୟକ୍ଷତା ବେଳେ ଭାରତର ଦୃଢ଼ ନେତୃତ୍ୱକୁ ଆମେରିକା ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିଥିଲେ। ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା ପାଇଁ ନୂଆଦିଲ୍ଲୀ ଉଦ୍ୟମ ଚଳାଇଥିବାବେଳେ ବାଇଡେନଙ୍କ ସମର୍ଥନ ଗୁରୁତ୍ୱପୂର୍ଣ୍ଣ। ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ପାଇଁ ଆନ୍ତଃସରକାର ବୁଝାମଣା (ଆଇଜିଏନ୍) ବ୍ୟର୍ଥ ଯିବା ଉଚିତ ନୁହେଁ ବୋଲି ଜୁନ୍‌ରେ ଭାରତ କହିଥିଲା। ପରବର୍ତ୍ତୀ ଜାତିସଂଘ ସାଧାରଣ ସଭାରେ ଆଇଜିଏନ୍ କାର୍ଯ୍ୟ ସମୟସୀମା ବଢ଼ାଇବା ଉପରେ ନିଷ୍ପତ୍ତି ନେବା ସହ ବ୍ରାଜିଲ, ଜର୍ମାନୀ, ଭାରତ ଓ ଜାପାନ ଦେଇଥିବା ସଂଶୋଧନ ପ୍ରସ୍ତାବକୁ ସାମିଲ କରିବା ପାଇଁ ରାଜି ହୋଇଥିଲା। ଏବେ ଜାତିସଂଘ ସୁରକ୍ଷା ପରିଷଦରେ ୫ ସ୍ଥାୟୀ ସଦସ୍ୟ ରହିଥିବାବେଳେ ୧୦ ଅସ୍ଥାୟୀ ସଦସ୍ୟ ରାଷ୍ଟ୍ର ସାଧାରଣ ସଭା ଦ୍ୱାରା ୨ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି।

### ସୀମାପାର ଆତଙ୍କବାଦକୁ ବାଇଡେନ୍‌ଙ୍କ ନିନ୍ଦା

ମୋଦି-ବାଇଡେନ୍ ଆଲୋଚନା ବେଳେ ସୀମାପାର ଆତଙ୍କବାଦକୁ ନିନ୍ଦା କରାଯିବା ସହ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଦୋଷୀଙ୍କୁ କାଠଗଡ଼ାକୁ ଆଣିବା ପାଇଁ ଆହ୍ୱାନ ଦିଆଯାଇଛି। ବିଶ୍ୱ ଆତଙ୍କବାଦ ବିରୋଧରେ ଭାରତ ଓ ଆମେରିକା ଏକାଠି ଲଢ଼େଇ କରିବେ ବୋଲି ହ୍ୱାଇଟ୍ ହାଉସ୍‌ରେ ଦ୍ୱିପାକ୍ଷିକ ଆଲେଚନା ପରେ ଏକ ମିଳିତ ବିବୃତିରେ କୁହାଯାଇଛି। ଆତଙ୍କବାଦୀ ସଂଗଠନକୁ ଲଜିଷ୍ଟିକ୍, ଆର୍ଥିକ କିମ୍ବା ସାମରିକ ସହାୟତାକୁ ବନ୍ଦ କରିବା ଉପରେ ଉଭୟ ନେତା ଗୁରୁତ୍ୱ ଦେଇଥିଲେ। ୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଲଶ୍କର-ଇ-ତୋଇବାର ଛାମୁଆ ସଂଗଠନ ହାଫିଜ୍ ସୟିଦଙ୍କ ଜମତ-ଉଦ୍-ଦାୱା ଏହି ଆକ୍ରମଣ କରାଇଥିଲା।

# ରାସ୍ତାରେ ମୃତଦେହ ଝୁଲାଇଲା ତାଲିବାନ୍



ହେରତ୍, ୨୫ା୯

ଆଫଗାନିସ୍ତାନରେ ତାଲିବାନ୍ କ୍ରୁର ଶାସନର ଆଉ ଏକ ଉଦାହରଣ ଦେଖିବାକୁ ମିଳିଛି। ୪ ଅପହରଣ ଅଭିଯୁକ୍ତଙ୍କୁ ହତ୍ୟା କରି ସେମାନଙ୍କ ମୃତଦେହକୁ ତାଲିବାନ୍ ବିଭିନ୍ନ ସହରର ମୁଖ୍ୟ ରାସ୍ତାରେ ଝୁଲାଇ ଦେଇଛି। ସେଥିମଧ୍ୟରୁ ଗୋଟିଏ ମୃତଦେହ ହେରତ୍ ସହର ମୁଖ୍ୟ ଛକରେ ଝୁଲାଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ତାଲିବାନୀମାନେ ହେରତ୍ ମୁଖ୍ୟଛକକୁ ୪ଟି ମୃତଦେହ ନେଇ ଆସିଥିଲେ। ଏକ ଅପହରଣ ମାମଲାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଧରିବା ପରେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ପରେ ମୃତଦେହଗୁଡ଼ିକୁ ହେରତ୍‌କୁ ଅଣାଯାଇଥିଲା। ସେଠାରେ ଗୋଟିଏକୁ କ୍ରେନ୍ ଦ୍ୱାରା ଝୁଲାଇଦେବା ପରେ ଅନ୍ୟ ୩ ମୃତଦେହକୁ ଅନ୍ୟାନ୍ୟ ଛକକୁ ନିଆଯାଇଥିଲା। ହେରତରେ ଥିବା ତାଲିବାନ୍ ପୋଲିସ ମୁଖ୍ୟ ଜିଆଉଲହକ୍ ଜଲାଲି କହିଛନ୍ତି, ଏକ ବାପ-ପୁଅଙ୍କୁ ଅଭିଯୁକ୍ତମାନେ ଅପହରଣ କରୁଥିବାବେଳେ ପୋଲିସ ଉପରକୁ ସେମାନେ ଗୁଳି ଚଳାଇଥିଲେ। ପାଲଟା ଗୁଳିରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ତାଲିବାନ୍‌କୁ ଟାର୍ଗେଟ କରି ଶନିବାର ନଙ୍ଗରହାରରେ ଏକ କାର୍ ଉପରେ ବୋମାମାଡ଼ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି।

## ଆଫଗାନ୍ ମହିଳାଙ୍କ ଅଧିକାରକୁ ସୁରକ୍ଷା ଦେଉ ପାକ୍: ମାଲାଲା

ନୂଆଦିଲ୍ଲୀ, ୨୫ା୯

ଆଫଗାନିସ୍ତାନରେ ମହିଳା ଅଧିକାରର ସୁରକ୍ଷା ପାଇଁ ପାକିସ୍ତାନ ଦୃଢ଼ ପଦକ୍ଷେପ ନେଉ ବୋଲି ନୋବେଲ ବିଜେତା ତଥା ପାକିସ୍ତାନୀ ସାମାଜିକ କାର୍ଯ୍ୟକର୍ତ୍ତା ମାଲାଲା ୟୁସୁଫଜାଇ କହିଛନ୍ତି। ଜାତିସଂଘରେ ଶାନ୍ତିଦୂତ ଥିବା ମାଲାଲା ଝିଅଙ୍କ ଭବିଷ୍ୟତ ଗଠନ ପାଇଁ ସହଯୋଗ ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି, ପାକିସ୍ତାନ ଆଫଗାନିସ୍ତାନର ପଡ଼ୋଶୀ ଦେଶ। ଆଫଗାନିସ୍ତାନରେ ଆତଙ୍କବାଦ ଓ କଠୋରପନ୍ଥୀ କାର୍ଯ୍ୟକଳାପ ପାକିସ୍ତାନ ସୀମା ପର୍ଯ୍ୟନ୍ତ ଲମ୍ବିଥିବା ସମସ୍ତେ ଜାଣନ୍ତି। ଏହା ପାକିସ୍ତାନରେ ମଧ୍ୟ ମହିଳାଙ୍କ ଅଧିକାରକୁ ପ୍ରଭାବିତ କରୁଛି। ଆଫଗାନିସ୍ତାନରେ ମହିଳାଙ୍କ ଅଧିକାର ପ୍ରସଙ୍ଗ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଉଠାଇଛନ୍ତି। ଏ ଦିଗରେ ପାକିସ୍ତାନ କାର୍ଯ୍ୟକରି ପ୍ରତିଶ୍ରୁତି ରଖିବ ବୋଲି ଆଶା ରହିଥିବା ମାଲାଲା କହିଛନ୍ତି।

# ପଡ଼ୋଶୀଙ୍କ କ୍ଷତି ପାଇଁ ଆତଙ୍କବାଦୀ ପାଳୁଛି ପାକ୍




ଜାତିସଂଘ, ୨୫ା୯

ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇବା ଏବଂ ନିଜକୁ ଆତଙ୍କବାଦୀ ଆକ୍ରମଣ ପୀଡ଼ିତ ବୋଲି ପାକିସ୍ତାନ କହିବା ପରେ ଏହାର ଜବାବ ଦେଇଛନ୍ତି ଭାରତର ପ୍ରଥମ ସଚିବ ସ୍ନେହା ଦୁବେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଭର୍ଚୁଆଲ ମାଧ୍ୟମରେ ଉଦ୍‌ବୋଧନ ଦେବା ପରେ ଉତ୍ତର ରଖିବାର ଅଧିକାର ବ୍ୟବହାର କରି ସ୍ନେହା କହିଛନ୍ତି, ପାକିସ୍ତାନ ଏପରି ଏକ ଦେଶ ଯିଏ ଆତଙ୍କବାଦୀଙ୍କ ଲାଳନପାଳନ ଏବଂ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଜାରି ରଖିଛି। ଜାତିସଂଘର ମଞ୍ଚରେ ପାକିସ୍ତାନ ଭାରତ ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ଏହା ପ୍ରଥମ ଥର ନୁହେଁ। ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଓସାମା ବିନ୍ ଲାଡେନଙ୍କୁ ପାକିସ୍ତାନ ସୁରକ୍ଷା ଦେଇଥିଲା। ଏପରି କି ଓସାମାଙ୍କୁ ଇସ୍‌ଲାମାବାଦ ଶହୀଦ ଆଖ୍ୟା ମଧ୍ୟ ଦେଇଛି। ପଡ଼ୋଶୀ ଦେଶଙ୍କ କ୍ଷତି କରିବା ଉଦ୍ଦେଶ୍ୟରେ ପାକିସ୍ତାନ ନିଜ ମାଟିରେ ଆତଙ୍କବାଦୀଙ୍କୁ ପାଳୁଛି। ନିଆଁ ଲଗାଇ ନିଜକୁ ପାକ୍ ଫାୟାର ଫାଇଟର ବୋଲି କହୁଛି। ବେଆଇନ ଭାବେ ମାଡ଼ି ବସିଥିବା ପିଓକେକୁ ପାକିସ୍ତାନ ତୁରନ୍ତ ଖାଲିକରୁ ବୋଲି ସ୍ନେହା ଜାତିସଂଘ ମଞ୍ଚରୁ ଶୁଣାଇଛନ୍ତି।

### ଜାତିସଂଘରେ ବର୍ଷିଲେ ସ୍ନେହା ଦୁବେ

୨୦୧୨ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର ସ୍ନେହା ପ୍ରଥମ ଚେଷ୍ଟାରେ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ବୈଦେଶିକ ମନ୍ତ୍ରଣାଳୟରେ ନିଯୁକ୍ତି ପାଇବା ପରେ ୨୦୧୪ରେ ମାଡ୍ରିଡ୍‌ସ୍ଥିତ ଭାରତୀୟ ଦୂତାବାସରେ ସେ ସଚିବ ରହିଥିଲେ। ଦିଲ୍ଲୀର ଜବାହରଲାଲ ନେହେରୁ ୟୁନିଭର୍ସିଟିରୁ ଏମ୍‌ଏ ଏବଂ ଏମ୍‌ଫିଲ୍ ଡିଗ୍ରୀ ପାଇଥିବା ସ୍ନେହା ଏବେ ଜାତିସଂଘ ମହାସଭାରେ ଭାରତର ପ୍ରଥମ ସଚିବ ରହିଛନ୍ତି।

# ତାଲିବାନ୍‌ର ମିଡିଆ ବିରୋଧୀ ଆଇନ

କାବୁଲ, ୨୫ା୯

ଆଫଗାନିସ୍ତାନରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବାକୁ ଆଇନ ଆଣିଛି ତାଲିବାନ୍। ମିଡିଆ ସଂସ୍ଥାଗୁଡ଼ିକ ପାଇଁ ତାଲିବାନ୍ ୧୧ ନିୟମ ମାନିବା ବାଧ୍ୟତାମୂଳକ କରିଛି। ନୂଆ ନିୟମରେ ଇସ୍‌ଲାମ ବିରୋଧୀ କିମ୍ବା ଜାତୀୟ ବ୍ୟକ୍ତିବିଶେଷଙ୍କୁ ଅପମାନିତ କରୁଥିବା ଭଳି ରିପୋର୍ଟ ପ୍ରକାଶନ ଉପରେ କଟକଣା ଲଗାଯାଇଛି। ଏଥି ସହିତ ସାମ୍ବାଦିକ ଓ ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ଖବର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ନ ମାନିଲେ ସମ୍ପୃକ୍ତ ସଂସ୍ଥା ଓ ଖବରଦାତାଙ୍କୁ ଦଣ୍ଡିତ କରାଯିବ ବୋଲି କୁହାଯାଇଛି।

ଆମେରିକା ସ୍ଥିତ ପ୍ରେସ୍ ଫ୍ରିଡମ୍ ସଂସ୍ଥାର ଜଣେ ବରିଷ୍ଠ ସଦସ୍ୟ ଷ୍ଟିଭେନ ବଟଲର କହିଛନ୍ତି, ଆଫଗାନିସ୍ତାନରେ ଖବରଦାତାମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଶତାଧିକ ଆଫଗାନ୍ ଖବରଦାତାଙ୍କ ସହାୟତା ପାଇଁ ତାଙ୍କ ସଂସ୍ଥାକୁ ଇ-ମେଲ୍ କରୁଛନ୍ତି। ରିପୋର୍ଟ ଅନୁସାରେ, ଆଫଗାନିସ୍ତାନରେ ଅଶ୍ରଫ ଗନିଙ୍କ ସରକାର ହଟିବା ପରେ ଦୈନିକ କାର୍ଯ୍ୟକ୍ରମ ଜାରି ରଖିବା ଓ କର୍ମଚାରୀଙ୍କୁ ଦରମା ଦେବାରେ ଅସୁବିଧା ଯୋଗୁ ୧୫୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ସଂସ୍ଥା ବନ୍ଦ ହୋଇଯାଇଛି। ତାଲିବାନ୍ କ୍ରମାଗତ ଭାବରେ ଗଣମାଧ୍ୟମର 'ସୂଚନା ଅଧିକାର'ରେ ହସ୍ତକ୍ଷେପ କରୁଥିବାରୁ ଯାହା ସାମ୍ବାଦିକଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଏହାବାଦ୍ ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଅନେକ ପ୍ରମୁଖ ଖବରକାଗଜ ସଂସ୍ଥା ମୁଦ୍ରଣ କାର୍ଯ୍ୟ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି।

### ୧୧ ନିୟମ ନ ମାନିଲେ ଦଣ୍ଡ

# ସୀମାରେ ଚାଇନା ନିର୍ମାଣ କଲାଣି ୬୮୦ ଗ୍ରାମ

ପାଟନା, ୨୫ା୯

ଭାରତ ସୀମାରେ ଚାଇନା ୬୮୦ଟି ସମୃଦ୍ଧ ଓ ଅତ୍ୟାଧୁନିକ ଗ୍ରାମ ନିର୍ମାଣ କରିଛି, ଯାହାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ବେଜିଂର ଗ୍ରାମ ନିର୍ମାଣ ସମ୍ପର୍କରେ ବିଶ୍ୱ ଆତଙ୍କବାଦ ନିରୋଧୀ ପରିଷଦର ଉପଦେଷ୍ଟା ବୋର୍ଡ ସୂଚନା ଦେଇଛି। ଭାରତର ସୀମାନ୍ତ ଅଞ୍ଚଳର ଲୋକମାନଙ୍କୁ ଉନ୍ନତ ଚାଇନା ଜୀବନଶୈଳୀ ପ୍ରତି ପ୍ରଲୋଭିତ କରିବା ଏବଂ ଚାଇନା ତରଫରୁ ଭାରତୀୟ ଅଞ୍ଚଳ ଉପରେ ନଜର ରଖିବା ଲାଗି ଏଭଳି ଗ୍ରାମ ନିର୍ମାଣ କରାଯାଇଥିବା ବିଶ୍ୱାସ କରାଯାଉଛି। ଉକ୍ତ ଗ୍ରାମଗୁଡ଼ିକରେ ଚାଇନାର ଲୋକେ ରହି ସ୍ଥାନୀୟ ଭାରତୀୟଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଚାଇନା ସରକାରରେ ସେମାନେ ବହୁତ ଭଲରେ ଥିବା ଭାରତୀୟମାନଙ୍କୁ ଜଣାଇବାକୁ ଚାହୁଁଛନ୍ତି। ସୀମାନ୍ତ ଲୋକମାନଙ୍କୁ ଭାରତ ବିରୋଧୀ କରାଇବା ପାଇଁ ଏହା ବେଜିଂ ଗୋଇନ୍ଦା ଓ ସୁରକ୍ଷା ବଳର ଯୋଜନା। ଚାଇନାର ଏଭଳି ଉଦ୍ୟମକୁ ପ୍ରତିହତ କରିବା ଲାଗି ଆମର ପୋଲିସ କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ଦିଆଯାଉଥିବା ଉପଦେଷ୍ଟା ବୋର୍ଡ ସଦସ୍ୟ କ୍ରିଷନ ବର୍ମା କହିଛନ୍ତି। ଭାରତ ସରକାରଙ୍କ ପୂର୍ବତନ ସ୍ୱତନ୍ତ୍ର ସଚିବ ବର୍ମା ଶୁକ୍ରବାର ଗାନ୍ଧୀନଗରସ୍ଥିତ ରାଷ୍ଟ୍ରୀୟ ରକ୍ଷା ୟୁନିଭର୍ସିଟି (ଆର୍‌ଆର୍‌ୟୁ)ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଉପରୋକ୍ତ ସୂଚନା ଦେଇଛନ୍ତି। ଚାଇନାର ଅନୁପ୍ରବେଶ ଉଦ୍ୟମକୁ ବିଫଳ କରିବା ଲାଗି ଅରୁଣାଚଳପ୍ରଦେଶ ପୋଲିସକୁ ଆର୍‌ଆର୍‌ୟୁରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଛି। ଅରୁଣାଚଳପ୍ରଦେଶ ପୋଲିସ ଡିଜି ଆର୍.ପି. ଉପାଧ୍ୟାୟଙ୍କ ପରାମର୍ଶକ୍ରମେ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆର୍‌ଆର୍‌ୟୁ ଏଭଳି ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିବା ବର୍ମା କହିଛନ୍ତି।

ଇଣ୍ଟରନେଟ, ସୋସିଆଲ ମିଡିଆ ଆଦି ପ୍ରଯୁକ୍ତି କ୍ଷେତ୍ରରେ ଚୀନାମାନେ ବେଶ୍ ଆଗରେ। ସେମାନେ ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌ଗୁଡ଼ିକର ଉପଯୋଗ କରି ଭାରତୀୟଙ୍କୁ ବିଭ୍ରାନ୍ତ କରୁଛନ୍ତି ଓ ଭୁଲ୍ ତଥ୍ୟ ଦେଉଛନ୍ତି। ସୀମାନ୍ତ ଲୋକମାନେ ଖୁବ୍ ସମ୍ବେଦନଶୀଳ ହୋଇଥିବାରୁ ସେମାନଙ୍କୁ ଚାଇନାର ମନ୍ଦ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇବା ଲାଗି ପୋଲିସକୁ ପ୍ରଶିକ୍ଷଣ ଦିଆଯାଉଛି। ଅନୁପ୍ରବେଶ କରୁଥିବା ଚୀନାମାନେ ମାଣ୍ଡାରିନ୍ ଶିକ୍ଷାରେ କଥା ହେଉଥିବାରୁ ସୀମାନ୍ତ ପୋଲିସଙ୍କୁ ଉକ୍ତ ଭାଷା ଶିକ୍ଷା ଦିଆଯାଉଛି। ଆଗାମୀ ଦିନରେ ଆର୍‌ଆର୍‌ୟୁରେ ୫ ବର୍ଷୀୟା ପାଠ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା ରହିଥିବା ବର୍ମା କହିଛନ୍ତି।

### ସୀମାନ୍ତ ଲୋକଙ୍କୁ ଭାରତ ବିରୋଧୀ କରିବା ପ୍ରୟାସ



# ପ୍ରେମକୁ ବିରୋଧ କରି ହତ୍ୟା, ୨ ଗିରଫ

**ସମ୍ବଲପୁର,୨୫।୯(ବ୍ୟୁରୋ):** ସମ୍ବଲପୁର ଜିଲା ସଦର ଥାନା ରାଶନପୁର ତୁରୀପଡାର ବରୁଣ ନାଏକ (୩୮)ଙ୍କୁ ଶୁକ୍ରବାର ରାତିରେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତାଲପାଲି ଗ୍ରାମର କରୁଣା ଲୁହା (୨୪) ଓ ଶାସନ ଥାନା କନଖୁଣ୍ଡା ଗ୍ରାମର ଅମିତ ଲୁହା (୨୩)। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ, ରକ୍ତ ଲଗା ପଥର, ଅଭିଯୁକ୍ତଙ୍କ ଚପଲ ଜବତ ହୋଇଛି। ଏ ନେଇ ଥାନାରେ ୧୮୧/୨୧ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ଅଭିଯୁକ୍ତ କରୁଣାଙ୍କ ସମ୍ପର୍କୀୟ ଭଉଣୀଙ୍କ ସହ ବରୁଣଙ୍କ ପୁଅଙ୍କ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ପୂର୍ବରୁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବରୁଣ ପୁଅର ପ୍ରେମକୁ ସମର୍ଥନ କରି ଝିଅ ସହିତ ବାହା ଦେବାକୁ ତାଙ୍କ ପରିବାରକୁ ଅନୁରୋଧ କରିଥିଲେ। ଅନ୍ୟପଟେ ପୁଅ ସହ ମିଳାମିଶା କରିବାକୁ ଝିଅ ଘର ଲୋକ ବାରଣ କରିଥିଲେ। ହେଲେ ବରୁଣଙ୍କ ପୁଅ ମିଳାମିଶା କରିବାକୁ ଚେଷ୍ଟା କରୁଥିଲେ। ଏହାକୁ ନେଇ ବରୁଣଙ୍କ ସହ ଆଲୋଚନା କରିବାକୁ ଡାକିଥିଲେ। ଗ୍ରାମ ପୋଖରୀ ନିକଟରେ ଆଲୋଚନା ସମୟରେ ଅଭିଯୁକ୍ତମାନେ ଟାଙ୍ଗିଆରେ ବରୁଣଙ୍କୁ ଆକ୍ରମଣ କରିଥିଲେ। ଜିଲା ସଦର ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ନଭେମ୍ବର ୧୬ ଯାଏ ଘେରି ଉଚ୍ଛେଦ ସ୍ଥଗିତ

■ ଅବୈଧ ଘେରି ଚିହ୍ନଟ ପରେ ହେବ ଉଚ୍ଛେଦ
■ ଭିତରକନିକା ଓ ଚାଷୀଙ୍କ ପାଇଁ ବଢ଼ିଲା ବିପଦ
■ ୨୦ ହଜାର ଏକରରୁ ଊର୍ଦ୍ଧ୍ୱ ଜମିରେ ହେଉଛି ଚିଙ୍ଗୁଡ଼ି ଚାଷ

**କେନ୍ଦ୍ରାପଡ଼ା ଅଫିସ, ୨୫।୯**

ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଥିଲା । ତେବେ କେତେଜଣ ମାଲିକ ଘେରି ଅବୈଧ ହୋଇ ନ ଥିବା ଦର୍ଶାଇ ଉଚ୍ଚ ନ୍ୟାୟାଳୟରେ ୩ ମାମଲା ରୁଜୁ କରିଥିଲେ। ଗତ ୨୩ ତାରିଖରେ ଏହି ମାମଲାର ଶୁଣାଣି କରି ଡିଭିଜନ ବେଞ୍ଚର ଚିଫ୍ ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି.ମହାପାତ୍ର ନଭେମ୍ବର ୧୬ ପର୍ଯ୍ୟନ୍ତ ଘେରି ଉଚ୍ଛେଦକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟସୀମା ମଧ୍ୟରେ ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଅବୈଧ ଘେରି ଚିହ୍ନଟ କରି ସତ୍ୟପାଠ ଜରିଆରେ କୋର୍ଟରେ ସମସ୍ତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ପ୍ରଥମ ମାମଲାରେ ୯ ଜଣ ଅଭିଯୋଗକାରୀ ଅଛନ୍ତି । ସେମାନେ ଦର୍ଶାଇଛନ୍ତି, ଜୀବନ ଜୀବିକା ପାଇଁ ନିଜ ଜମିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ଏଥିରେ ପ୍ରଦୂଷଣଜନିତ ସମସ୍ୟା ନାହିଁ। ଦ୍ୱିତୀୟ ଆବେଦନପତ୍ରରେ ୧୭ ଜଣ ଆବେଦନକାରୀ ଦର୍ଶାଇଛନ୍ତି, ଅତ୍ୟାଧୁନିକ ପ୍ରଣାଳୀରେ ନିଜ ଜମିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ସେହିପରି ତୃତୀୟ ଆବେଦନପତ୍ରରେ ଆଇନ ଅନୁଯାୟୀ ଚିଙ୍ଗୁଡ଼ି ଘେରି କରୁଥିବା ୧୭ ଜଣ ଆବେଦନକାରୀ ଦର୍ଶାଇଛନ୍ତି। ଫଳରେ ବୈଧ ଓ ଅବୈଧ ଘେରିକୁ ନେଇ ପ୍ରଶ୍ନ ଉଠିବାରୁ ଚିହ୍ନଟ ପାଇଁ ଜିଲା ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି ।


ଚିଙ୍ଗୁଡ଼ି ଘେରି

ସାମାଜିକ କର୍ମୀ ବୀରେନ କୁମାର ଦାସ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ି ଘେରି ଜାତୀୟ ଉଦ୍ୟାନ ଭିତରକନିକା ଓ ଘେରି ନିକଟ ଚାଷୀଙ୍କ ପାଇଁ ବିପଦ ସାଜିଛି । ଏହା ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରୁଥିବା ବେଳେ ଘେରି ନିକଟ ଚାଷଜମି ଲୁଣା ପାଲଟିଛି। ଫଳରେ ଚାଷୀ ଓ ଘେରିମାଲିକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି । ଏପରିକି ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଏଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ନିକଟରେ ରାଜନଗର ବ୍ଲକ କୁରୁଣ୍ଡି ପଞ୍ଚାୟତରେ ଗୁଳିମାଡ଼ ଘଟଣା ଘଟିଥିଲା। ସେହିପରି ମହାକାଳପଡ଼ା ତହସିଲ ପେଟ୍‌ଛେଲା ରାଜସ୍ୱ ଗ୍ରାମ ଅଞ୍ଚଳରେ ୩୯ ଏକର ଗ୍ରାମ୍ୟ ଜଙ୍ଗଲ ଓ ଗୋଚରରେ ଚିଙ୍ଗୁଡି ଘେରି ନିର୍ମାଣକୁ ନେଇ ଘେରି ମାଲିକ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ରାଜକନିକା ଅଞ୍ଚଳରେ ଘେରି ପାଇଁ ନିର୍ମିତ ନାଳରେ ଲୁଣା ପାଣି ଆସୁଥିବା ନେଇ ବାଦବିବାଦ ଲାଗିଛି। ଜିଲାରେ ୨୦ ହଜାରରୁ ଅଧିକ ଏକର ଜମିରେ ଚିଙ୍ଗୁଡ଼ି ଘେରି ହୋଇଛି ବୋଲି ସେ ଦର୍ଶାଇଛନ୍ତି।

ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଥିବା ନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେଉଛି। ଘେରିରୁ ବାହାରୁ ଥିବା ପ୍ରଦୂଷିତ ଜଳ ଓ ବାୟୁ ସ୍ଥାନୀୟ ଭିତରକନିକାକୁ ନଷ୍ଟ କରୁଛି । ଏହାର ସଦ୍ୟତମ ଉଦାହରଣ ଭିତରକନିକାର ଜଗତଯୋର ଅଞ୍ଚଳରେ ଦେଖିବାକୁ ମିଳୁଛି। ଘେରିର ବିଷାକ୍ତ ଜଳ ସାମୁଦ୍ରିକ ପ୍ରାଣୀଙ୍କ କ୍ଷତି କରୁଥିବା ବେଳେ ନିକଟରେ ଥିବା ହେନ୍ତାଳବଣକୁ ନଷ୍ଟ କରୁଛି। ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇ ନ ପାରିବାର ଅନ୍ୟତମ କାରଣ ଚିଙ୍ଗୁଡି ଘେରି । ୨୦୧୬ରେ ୟୁନେସ୍କୋ ପକ୍ଷରୁ ଆସିଥିବା ଟିମ୍ ଭିତରକନିକାରେ ଚିଙ୍ଗୁଡ଼ି ଘେରିକୁ ଅନୁଧ୍ୟାନ କରି କ୍ଷୋଭ ପ୍ରକାଶ କରିଥିଲେ । ଜିଲା ପ୍ରଶାସନ ତୁରନ୍ତ ଜଙ୍ଗଲ ଜମିରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରିବାକୁ ସେ ଦାବି କରିଛନ୍ତି ।

ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କାର୍ଯ୍ୟ ଚାଲିଛି । ତେବେ କେତେଜଣ ଚିଙ୍ଗୁଡ଼ି ଘେରି ମାଲିକ ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା କରିଛନ୍ତି । ଆବେଦନକାରୀଙ୍କ ଘେରି ସମ୍ପର୍କରେ ତଦନ୍ତ କରାଯାଇ ଉଚ୍ଚ ନ୍ୟାୟାଳୟକୁ ଅବଗତ କରାଯିବ ବୋଲି ଉପଜିଲାପାଳ ବେହେରା କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଶାଗ ବୁଦି ବୁଦି**
**ଭାଉଜ ଗୋଡ଼ରେ ଯାଉଁଳି ମୁଦିଲୋ**
**ଚାଲୁଥାଏ କୁଦି କୁଦି**

ମହିଳାମାନେ ସାଧାରଣତଃ ଗହଣାପ୍ରିୟ ହୋଇଥାନ୍ତି। ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। ଗୋଡ଼ରେ ସାମାନ୍ୟ ମୁଦିଟିଏ ପିନ୍ଧି ଅନ୍ୟ ଆଗରେ ଛଇଛଟକ ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଳ ଗଦା ଚେକି ଚେକି**
**ସିନ୍ଦୂର ଟିକାରେ ପଡ଼ିଲା ଆଖି**
**ନାକ ଫୁଲଗୁଣା ଦେଖି।**

ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ତରୁଣୀର ବେଶ ପରିପାଟୀ ଦେଖି ଆଖି ଲାଖିରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା

**କାଲିମେଲା/ଏମ୍‌ଭି ୭୯, ୨୫।୯ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି ୭୯ ଥାନା ଅନ୍ତର୍ଗତ କୋଟମେଟଲା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସୁବା ପଡ଼ିଆମି(୬୧)ଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଛି। ଖବରରୁ ଜଣାପଡ଼ିଛି ସୁବା ଶୁକ୍ରବାର ରାତିରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ପ୍ରଥମେ ଗଳାର ଉପର ଭାଗ ଏବଂ ପରେ ବାମହାତକୁ ହାଣିଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ସୁବା ନିକଟରେ ରହୁଥିବା ତାଙ୍କ ପୁଅ ଘରକୁ ପଳାଇଥିଲେ। ଘରର ଦ୍ୱାର ମୁହଁରେ ପଡ଼ିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୁବା ଜଣେ ଜଣାଶୁଣା ଗୁଣିଆ ଥିଲେ। ତାଙ୍କ ଗ୍ରାମ ତଥା ଆଖପାଖ ଅଞ୍ଚଳର ଲୋକମାନଙ୍କ ଶର୍ଦ୍ଦି ,କାଶ,ଜ୍ୱର ହେଲେ ଝଡ଼ାଫୁଙ୍କା କରି ସେ ଭଲ କରିଦିଅନ୍ତି । ତାଙ୍କ ବାପାଙ୍କ ଗୁଣିଆ କାମକୁ କେହି ବିରୋଧକରି ତାଙ୍କୁ ଏପରି ହତ୍ୟା କରିଥାଇପାରେ ବୋଲି ତାଙ୍କ ପୁଅ କହିଛନ୍ତି । ଖବରପାଇ ଏମ୍‌ଭି-୭୯ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବେଆଇନ ବନ୍ଧୁକ ଜବତ: ୫ ଗିରଫ

**ଦେବଗଡ,୨୫।୯(ଡି.ଏନ.ଏ)**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ମର୍ହା ଗ୍ରାମ ନିକଟ ତାଲବିଲା ଜଙ୍ଗଲ ରାସ୍ତା କଡରୁ ବେଆଇନ ବନ୍ଧୁକ ଜବତ ହୋଇଛି। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମର୍ହା ଗ୍ରାମର ସୁରେଶ ଶବର(୫୬), ରିଆମାଳ ଥାନା ମଧ୍ୟପୁର ଗ୍ରାମର ହେମନ୍ତ କିସାନ(୪୦) ଓ ବେଣୁଧର କିସାନ(୩୨), ତେନ୍ତୁଲାବାହାଲ ଗ୍ରାମର ରେବତୀ ମୋହନ ମୁଣ୍ଡା(୩୪) ଓ ଭାଲିଆଡିହି ଗ୍ରାମର ଲୋକନାଥ ନୃଶଳ(୫୦)। ସେମାନଙ୍କ ନିକଟରୁ ୩ଟି ଦେଶୀ ବନ୍ଧୁକ, ୨ଟି ଜୀବନ୍ତ ବୋମା, ବୋମା ପ୍ରସ୍ତୁତ ସାମଗ୍ରୀ, ଧନୁତୀର, ହରିଣ ସିଂଘ, ହାତୀ କଳ ଦାନ୍ତ ଓ ୩୬୦ ମୟୂର ପୁଚ୍ଛ ଜବତ କରାଯାଇଛି ବୋଲି ଶନିବାର ମଧ୍ୟାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ କିଶୋର ପାଇକରାୟ ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳରେ ବେଆଇନ ବନ୍ଧୁକ ଥିବା ସୂଚନା ପାଇ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ନଜର ରଖିଥିଲେ। ଶୁକ୍ରବାର ପାଟ୍ରୋଲିଂ ବେଳେ ମର୍ହା ଗ୍ରାମ ନିକଟସ୍ଥ ତାଲବିଲା ଜଙ୍ଗଲ ରାସ୍ତାରେ ୫ ଜଣ ବ୍ୟକ୍ତି ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ପଚରାଉଚୁରା ସହ ଯାଞ୍ଚ କରିଥିଲା। ଗିରଫ ଅଭିଯୁକ୍ତଙ୍କ କୌଣସି ଅସାମାଜିକ ସଙ୍ଗଠନ, ବେଆଇନ ଜନ୍ତୁଶିକାର ଅବା କୌଣସି ମାଓବାଦୀ ସଙ୍ଗଠନ ସହ ସମ୍ପୃକ୍ତିକୁ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି ପାଇକରାୟ ସୂଚନା ଦେଇଛନ୍ତି। ସେହିପରି ଅଭିଯୁକ୍ତ ସୁରେଶ ଶବରଙ୍କ ନାମରେ ପୂର୍ବରୁ ବାରକୋଟ ଥାନାରେ ୩ ଏବଂ ବାରକୋଟ ଫରେଷ୍ଟ ରେଞ୍ଜରେ ୨ଟି ମାମଲା ରହିଥିବା ପାଇକରାୟ ସୂଚନା ଦେଇଥିଲେ ।


ଗିରଫ ଅଭିଯୁକ୍ତ ଏବଂ ଜବତ କରାଯାଇଥିବା ଜିନିଷ ।

# ଭାରତ ବନ୍ଦ ସଫଳ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ

■ ସକାଳ ୬ ରୁ ଅପରାହ୍ନ ୪ଟା ବନ୍ଦ ପାଳନ
■ ସମର୍ଥନ ଦେଲା କଂଗ୍ରେସ, ସମାଜବାଦୀ ପାର୍ଟି

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖ ଶହୀଦ୍ ଭଗତ ସିଂଙ୍କ ଜନ୍ମ ଦିବସରେ ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ୩ କୃଷି ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ରଦ୍ଦ, ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିମନ୍ତେ ଆଇନଗତ ବ୍ୟବସ୍ଥା ସମେତ ମହିଳା, ଛାତ୍ର, ଯୁବକ, କୃଷି ଶ୍ରମିକ, ଆଦିବାସୀ, ଦଳିତ ଆଦି ସବୁ ବର୍ଗର ୨୧ଦଫା ଦାବି ନେଇ ଏହି ଆନ୍ଦୋଳନ କରାଯିବ। ଏଥିରେ ସାମିଲ ହେବା ସହ ବନ୍ଦକୁ ସଫଳ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛି କିଷାନ ମୋର୍ଚ୍ଚା। ଭାରତ ବନ୍ଦ ପୂର୍ବରୁ ରବିବାର ମଶାଲ ଶୋଭାଯାତ୍ରା ହେବ। ଏଥିପାଇଁ ରାଜ୍ୟଠାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପ୍ରସ୍ତୁତି ଜାରି ରହିଛି ବୋଲି ଶନିବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୋର୍ଚ୍ଚାର ରାଜ୍ୟ ସଭାପତି ସୁରେଶ ପାଣିଗ୍ରାହୀ କହିଛନ୍ତି। ଏହି ବନ୍ଦ ସକାଳ ୬ ଘଣ୍ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାରି ରହିବ। ବନ୍ଦ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଏବଂ ସାଧାରଣ ଜନତାଙ୍କ ସମର୍ଥନରେ ସଙ୍ଗଠିତ ହେବ। ସମସ୍ତ ପ୍ରକାର ଜରୁରିକାଳୀନ ସେବାଗୁଡ଼ିକୁ ବନ୍ଦ କାର୍ଯ୍ୟକ୍ରମରୁ ବାଦ୍ ଦିଆଯିବ। କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ବଜାର, ଶପିଂ ମଲ୍, କାରଖାନା, ଶିକ୍ଷାନୁଷ୍ଠାନ, ମାଲ ପରିବହନ କ୍ଷେତ୍ର, ଜାତୀୟ ରାଜପଥ ଏବଂ ରେଳ ଚଳାଚଳ ଇତ୍ୟାଦି ବନ୍ଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ବନ୍ଦକୁ ଭାରତୀୟ ଜାତୀୟ କଂଗ୍ରେସ ଓ ସମାଜବାଦୀ ପାର୍ଟି ସମର୍ଥନ କରିଛି। ଏନେଇ ଶନିବାର ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାସ୍ତରରେ ବନ୍ଦକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାପାଇଁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଜିଲା ସଭାପତିଙ୍କୁ ପତ୍ର ଲେଖାଯାଇଥିବା ଉଲ୍ଲେଖ କରାଯାଇଛି। ସେହିପରି ସମାଜବାଦୀ ପାର୍ଟିର ସଭାପତି ରବି ବେହେରା ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛନ୍ତି, କେନ୍ଦ୍ର ସରକାର ନିଜର ଜିଦ୍ ଓ ଅହଙ୍କାର ଯୋଗୁ କୃଷକଙ୍କ ସହିତ କଥାବାର୍ତ୍ତା ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସମସ୍ତ ବାମ ଗଣତାନ୍ତ୍ରିକ ରାଜନୈତିକ ଦଳ ଭାରତ ବନ୍ଦକୁ ସଫଳ କରିବା ପାଇଁ ସେ ନିବେଦନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବନ୍ଦ ପାଳନ ସମ୍ପର୍କରେ ସୂଚନା ଦିଆଯାଉଛି।

# ଭିମ୍‌ସାରରେ ସିଟିସ୍କାନ ମେଶିନ ଅଚଳ

## ଘରୋଇ ମେଡିକାଲକୁ ଯାଉଛନ୍ତି ରୋଗୀ

**ସମ୍ବଲପୁର,୨୫।୯(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ପ୍ରାୟ ଏକ ମାସ ହେବ ସିଟିସ୍କାନ ମେଶିନ ଅଚଳ ହୋଇରହିଛି। ଫଳରେ ରୋଗୀମାନେ ଘରୋଇ ମେଡିକାଲକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ନେଇ ଗୁରୁତର ରୋଗୀ, କୋଭିଡ୍ ଆକ୍ରାନ୍ତ, ଭିମ୍‌ସାରରେ ଚିକିତ୍ସିତ ହେଉଥିବା ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଯୋଗ ସତ୍ତ୍ୱେ ମରାମତି କରାଯାଉ ନାହିଁ। ଅନ୍ୟପକ୍ଷେ ମେଶିନ ଯୋଗାଇଥିବା କମ୍ପାନୀ ଚୁକ୍ତି କରି ଅବହେଳା କରୁଥିବା ଭିମ୍‌ସାର କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି। ଏପରିସ୍ଥଳେ କମ୍ପାନୀ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ଭିମ୍‌ସାରକୁ ପ୍ରତିଦିନ ଜିଲା ତଥା ପଡୋଶୀ ଜିଲା ଓ ରାଜ୍ୟ ବାହାରୁ ରୋଗୀମାନେ ଆସୁଛନ୍ତି। ପ୍ରତ୍ୟହ ୫୦ରୁ ଅଧିକ ରୋଗୀଙ୍କ ମାଗଣା ସିଟିସ୍କାନ ହୋଇଥାଏ। ହେଲେ ମେଶିନ ଖରାପ ଥିବାରୁ ରୋଗୀମାନେ ବାଧ୍ୟ ହୋଇ ଘରୋଇ ମେଡିକାଲକୁ ଯାଉଛନ୍ତି। ଏଥିପାଇଁ ରୋଗୀ ପିଛା ୧୫୦୦ ଶହରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ବୁର୍ଲାରେ ଗୋଟିଏ ମାତ୍ର ଘରୋଇ ମେଡିକାଲରେ ସିଟିସ୍କାନ କରିବା ସୁବିଧା ରହିଛି। ତେଣୁ ଉକ୍ତ ଘରୋଇ ମେଡିକାଲ ରୋଗୀ ଅନୁଯାୟୀ କେତେଜଣ ଡାକ୍ତରଙ୍କୁ କମିଶନ ଦେଉଥିବା ଅଭିଯୋଗ ହେଉଛି। କିଛିଦିନ ପୂର୍ବରୁ ସଡକ ଦୁର୍ଘଟଣାରେ ପୁଟିଆପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଭଣଜା ଗୁରୁତର ହୋଇଥିଲେ। ସେମାନେ ସଙ୍ଗେ ସଙ୍ଗେ ତାଙ୍କୁ ବୁର୍ଲା ମେଡିକାଲ ନେଇଥିଲେ। ପ୍ରଥମେ ଜରୁରିକାଳୀନ ବିଭାଗରେ ତାଙ୍କର ଚିକିତ୍ସା କରାଯାଇଥିଲା। ପରେ ଡାକ୍ତର ତାଙ୍କୁ ସିଟିସ୍କାନ କରିବାକୁ ପରାମର୍ଶ ଦେଇଥିଲେ। ଘରୋଇ ମେଡିକାଲର ନାମ ନେଇ ସେଠାରୁ ଶୀଘ୍ର ସିଟିସ୍କାନ କରିଆଣ ବୋଲି କହିଥିଲେ। ଚିକିତ୍ସାରେ ଅବହେଳା ଓ ମେଶିନ ଅଚଳ ଥିବାରୁ ପରିବାର ବର୍ଗ ଆଉ ଭରସା ନ କରି କଟକ ବଡମେଡିକାଲ ନେଇଯାଇଥିଲେ। ସେଠାରେ ଏବେ ସେ ସାମାନ୍ୟ ସୁସ୍ଥ ଅଛନ୍ତି। ସିଟିସ୍କାନ ଅଚଳ ହେବା ନେଇ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେରଙ୍କୁ ସ୍ୱାମୀ ଅଗ୍ନିବେଶ ବିଚାରମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଭିମ୍‌ସାରରେ ଗଚ୍ଛିତ ଥିବା ଅନୁଦାନ କିମ୍ବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂତନ ମେଶିନ କିଣିବା ପାଇଁ ଯୋଜନା କରାଯାଉ। ଏ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କୁ ମଧ୍ୟ ମେଲ୍ ଜରିଆରେ ମଞ୍ଚ ଅଭିଯୋଗ କରିଛି। ଏ ସମ୍ପର୍କରେ ନିର୍ଦ୍ଦେଶକ ପ୍ରଫେସର ମେହେର କହିଛନ୍ତି, ସିଟିସ୍କାନ ମେଶିନ ଏବେ ଖରାପ ହୋଇ ପଡିଛି। କମ୍ପାନୀକୁ ମରାମତି କରିବାକୁ ସୂଚନା ଦିଆଯାଇଛି। କିଛିଦିନ ପୂର୍ବରୁ ମରାମତି ହୋଇଥିଲା। ହେଲେ ପୁଣି ଖରାପ ହୋଇଯାଇଛି।



ସିଟି ସ୍କାନ ମେଶିନ ଥିବା କୋଠରୀରେ ତାଲା ଝୁଲୁଛି।

# ନିଖୋଜ ଓଡ୍ରାଫ୍ ଯବାନଙ୍କ ମୃତଦେହ ମିଳିଲା

## ହାତୀ ଉଦ୍ଧାର ବେଳେ ବୋଟ୍ ଓଲଟିବା ଘଟଣା

■ ଫସିଥିବା ହାତୀର ପତ୍ତା ମିଳି ନାହିଁ
■ ଯବାନଙ୍କୁ ଉଦ୍ଧାର କଲେ ପୋଲିଓ ଆକ୍ରାନ୍ତ ଯୁବକ

**କଟକ ଅଫିସ/ଖୁଣ୍ଟୁଣୀ, (ଡି.ଏନ୍.ଏ.),୨୫।୯**

କଟକ ମୁଣ୍ଡଳି ବ୍ୟାରେଜରେ ଶୁକ୍ରବାର ଫସିଥିବା ହାତୀକୁ ଉଦ୍ଧାରବେଳେ ବୋଟ ଓଲଟିବା ଘଟଣାରେ ନିଖୋଜ ଥିବା ଓଡ୍ରାଫ ଟିମ୍‌ର ବରିଷ୍ଠ ଡ୍ରାଇଭର ସୀତାରାମ ମୁର୍ମୁଙ୍କ ମୃତଦେହ ଶନିବାର ମିଳିଛି। ଘଟଣାସ୍ଥଳରୁ ପ୍ରାୟ ୮ କିଲୋମିଟର ଦୂର ଆଠଗଡ଼ ମାହାଳପଡ଼ା ଗ୍ରାମର ଘୁମେଇ ସାହି ନିକଟ ମହାନଦୀରେ ମୃତଦେହ ଭାସିଯାଉଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଏହାପରେ ଓଡ୍ରାଫ ଟିମ୍ ପହଞ୍ଚି ସୀତାରାମଙ୍କ ମୃତଦେହକୁ ମୁଣ୍ଡଳି କ୍ୟାମ୍ପକୁ ନେଇଥିଲା। ସେଠାରୁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ମୃତଦେହ ନିଆଯାଇ ବ୍ୟବଚ୍ଛେଦ କରାଯିବା ପରେ ସୀତାରାମଙ୍କ ପୈତୃକ ଗ୍ରାମ ମୟୂରଭଞ୍ଜର ଡକେଇପାଳକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ବ୍ୟାରେଜରେ ଫସିଥିବା ଉକ୍ତ ହାତୀଟିର ମଧ୍ୟ କୌଣସି ଖୋଜଖବର ମିଳି ନାହିଁ । ମହାନଦୀର ମୁଣ୍ଡଳିଠାରେ ଜୀବନ ସହ ସଂଘର୍ଷ ପରେ ହାତୀଟି ବ୍ରିଜ ତଳକୁ ଭାସି ଯାଇଥିବାର ଜଣାପଡିଛି। ମହାନଦୀର ତଳଆଡକୁ ଖସିଯାଇଥିବାର ଏସିଏଫ୍ ସଂଗ୍ରାମ କେଶରୀ ମହାନ୍ତି କହିଛନ୍ତି। ତେବେ ସେ ମୃତ କି ଜୀବିତ ତାହା ମଧ୍ୟ ସ୍ପଷ୍ଟ ହୋଇ ନାହିଁ।

ସୂଚନା ମୁତାବକ, ମୁଣ୍ଡଳି ବ୍ୟାରେଜରେ ହାତୀକୁ ଉଦ୍ଧାର କରିବାକୁ ଓଡ୍ରାଫ୍ ଟିମ୍‌ର ୫ ସଦସ୍ୟଙ୍କ ସହ ଜଣେ ଖବରଦାତା ଓ କ୍ୟାମେରାମ୍ୟାନ ବୋଟ୍‌ରେ ଯାଇଥିଲେ। ବ୍ୟାରେଜ ନିକଟରେ ବୋଟ୍‌ଟି ଓଲଟି ପଡ଼ିବାରୁ ୫ଜଣ ଉଦ୍ଧାର ହୋଇଥିବାବେଳେ ଖବରଦାତାଙ୍କ ମୃତ୍ୟୁ ହେବା ସହ ଓଡ୍ରାଫ ଯବାନ ସୀତାରାମ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସୀତାରାମଙ୍କ ପତ୍ତା ମିଳି ନ ଥିଲା। ତେବେ ଶନିବାର ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ବାରୁଣୀ ଘାଟ ଦେଇ ମହାନଦୀରେ ଏକ ମୃତଦେହ ଭାସି ଯାଉଥିବାର ସ୍ଥାନୀୟ ଲୋକେ ଦେଖି କାଳେ ଏହା ଓଡ୍ରାଫ ଟିମର ନିଖୋଜ ସଦସ୍ୟ ହୋଇଥିବ ଭାବି ମୁଣ୍ଡଳି ଓଡ୍ରାଫ ଟିମକୁ ଖବର ଦେଇଥିଲେ। ମୃତଦେହଟି ଭାସି ମାହାଳପଡା ଗ୍ରାମ ନଦୀ ନିକଟରେ ଥିବାବେଳେ ଘୁମେଇ ସାହିର ପୋଲିଓ ଆକ୍ରାନ୍ତ ସୁଶାନ୍ତ ବେହେରା ଦେଖିଥିଲେ। ସେ ତତ୍‌କ୍ଷଣାତ୍ ନଦୀରେ ପହଁରି ମୃତଦେହକୁ କୂଳକୁ ଟାଣି ଆଣିବା ସହ ସ୍ଥାନୀୟ ଲୋକଙ୍କୁ ଡାକ ପକାଇଥିଲେ। ଖବରପାଇ ଓଡ୍ରାଫ ଟିମ ଆସି ମୃତଦେହରେ ଲାଗିଥିବା ଟି-ଶାର୍ଟରେ ଓଡ୍ରାଫ ଲୋଗୋ ଥିବା ଓ ଏହା ତାଙ୍କ ସହଯୋଗୀ ସୀତାରାମଙ୍କର ଚିହ୍ନଟ କରି ନେଇଥିଲେ। ଯଦି ମୃତଦେହଟି ନଦୀ ତଳକୁ ଚାଲିଯାଇଥାନ୍ତା ତେବେ ମହାନଦୀ ବ୍ୟାରେଜର ପ୍ରଖର ସ୍ରୋତରେ କୌଣସି ପତ୍ତା ମିଳି ନ ଥାନ୍ତା ବୋଲି ସ୍ଥାନୀୟ ନଦୀକୂଳବାସୀ କହିଛନ୍ତି।


ଓଡ୍ରାଫ୍ ଯବାନ ସୀତାରାମଙ୍କୁ ଉଦ୍ଧାର କରାଯାଉଛି।

## ଯବାନଙ୍କ ଗ୍ରାମରେ ଶୋକାକୁଳ ପରିବେଶ

**ଠାକୁରମୁଣ୍ଡା, ୨୫।୯ (ଡି.ଏନ.ଏ.):** କଟକ ମୁଣ୍ଡଳି ବ୍ୟାରେଜ ନିକଟରେ ମହାନଦୀରେ ଶୁକ୍ରବାର ଫସିଥିବା ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ବୋଟ୍ ଓଲଟି ପଡ଼ିବାରୁ ଓଡ୍ରାଫ୍ ଯବାନ ସୀତାରାମ ମୁର୍ମୁ ନିଖୋଜ ହୋଇଯାଇଥିଲେ। ଶନିବାର ଅପରାହ୍ନରେ ତାଙ୍କ ମୃତଦେହ ମିଳିଛି। ମୃତ ସୀତାରାମଙ୍କ ଘର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଜରକ ପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝୋରୀ ସାହିରେ। ତାଙ୍କ ମୃତଦେହ ମିଳିବା ପରେ ଗ୍ରାମ ସମେତ ଠାକୁରମୁଣ୍ଡା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୀତାରାମ ୨୦୦୧ରେ ପୋଲିସ ଯବାନ ଭାବେ କଟକରେ ଚାକିରି କରୁଥିଲେ। ପରେ ଓଡ୍ରାଫ୍ ଟିମ୍‌ରେ ସେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁରେ ସ୍ତ୍ରୀ ଦାନଗୀ, ୧୨ ବର୍ଷର ପୁଅ ଆଲୋକ ଓ ୪ ବର୍ଷର ଝିଅ ରାଣୀଙ୍କ ସମେତ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ଅରିନ୍ଦମଙ୍କ ପରିବାରକୁ ୪ ଲକ୍ଷ ସହାୟତା

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ଶୁକ୍ରବାର ମହାନଦୀ ମୁଣ୍ଡଳୀ ନିକଟରେ ଓଡ୍ରାଫ୍ ଟିମ୍ ବୋଟ୍ ବୁଡ଼ି ଘଟଣାରେ ପ୍ରାଣ ହରାଇଥିବା ଖବରଦାତା ଅରିନ୍ଦମ ଦାସଙ୍କ ପରିବାରକୁ ରାଜ୍ୟ ସରକାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୪ ଲକ୍ଷ ଟଙ୍କାର ସହାୟତା ଦେବାକୁ ମଞ୍ଜୁର କରିଛନ୍ତି । ଓଡ଼ିଶା କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଅରିନ୍ଦମଙ୍କ ପରିବାରକୁ ଏହି ସହାୟତା ମିଳିବ। ମୁଖ୍ୟମନ୍ତ୍ରୀଙ୍କ ସହାୟତା ମଞ୍ଜୁରୀ ନେଇ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଟୁଇଟ୍ କରି ସୂଚନା ଦେଇଛନ୍ତି।

# ଜନ୍ମମାଟିରେ ଅରିନ୍ଦମଙ୍କ ଶେଷକୃତ୍ୟ



**ପାଟଣା,୨୫।୯(ସ୍ୱ.ପ୍ର.)**

କଟକ ମୁଣ୍ଡଳି ବ୍ୟାରେଜ ନିକଟ ମହାନଦୀରେ ଶୁକ୍ରବାର ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ଓଡ୍ରାଫ ଟିମ୍‌ର ବୋଟ୍ ଦୁର୍ଘଟଣାରେ ଓଟିଭି ରିପୋର୍ଟର ଅରିନ୍ଦମ ଦାସ ପ୍ରାଣ ହରାଇଥିଲେ। ତାଙ୍କ ମର ଶରୀର ରାତିରେ ନିଜ ଗାଁ କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ରାଜନଗର ପଞ୍ଚାୟତ ରାଇକଳା ଗ୍ରାମରେ ପହଞ୍ଚିଥିଲା। ଆତ୍ମୀୟସ୍ୱଜନଙ୍କ ବୁକୁ ଫଟା କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ସାରା ଗାଁରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। ବୈତରଣୀ ନଦୀ କୂଳରେ ଶନିବାର ସକାଳେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ତାଙ୍କ କକା ପୁଅ ଭାଇ ମାନସ ମୁଖାଗ୍ନି ଦେଇଛନ୍ତି। ଅରିନ୍ଦମଙ୍କ ଅକାଳ ବିୟୋଗ ଖବର ଶୁଣି ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପୈତୃକ ଘରେ ଓ ଶ୍ମଶାନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ପାଟଣା ବିଧାୟକ ଜଗନ୍ନାଥ ନାଏକ, ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, କଂଗ୍ରେସ ବ୍ଲକ ସଭାପତି ଶତ୍ରୁଘ୍ନ ସିଂ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ବିଜେଡି ନେତା ସୌମ୍ୟ ଶଙ୍କର ଚକ୍ର ପ୍ରମୁଖ ଶେଷ ଦର୍ଶନ କରିଥିଲେ।



# ଫିଟ୍‌ନେସ୍ ମନ୍ତ୍ରଃ ଯୋଗ

**ଯୁବାବସ୍ଥା! ପ୍ରତ୍ୟେକ ମଣିଷ ଜୀବନର ଏମିତି ଏକ ସମୟ, ଯେଉଁଠି ସେ ଥାଏ ସବୁଠୁ ଅଧିକ କାର୍ଯ୍ୟକ୍ଷମ ତଥା କର୍ମତତ୍ପର। ହେଲେ ବିଡ଼ମ୍ବନାର ବିଷୟ, ଏହି ବୟସରେ ଆଜି ଦେଖିବାକୁ ମିଳୁଛି ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା, ଯେଉଁଥିପାଇଁ ସେମାନଙ୍କ ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ମୁଖ୍ୟତଃ ଦାୟୀ। ତେବେ ଏହାକୁ ସୁଧାରିବା ସହ ଏକ ସୁସ୍ଥ ଓ ନୀରୋଗ ଜୀବନ ଜିଇବାକୁ ବର୍ତ୍ତମାନର ସଚେତନ ଯୁବପିଢ଼ି ନିଜ ଫିଟ୍‌ନେସ୍ ମନ୍ତ୍ର ଭାବେ ଆପଣେଇଛନ୍ତି ଯୋଗକୁ...**

ବର୍ତ୍ତମାନ ଅନେକଙ୍କଠାରେ ବିଶେଷ କରି ଯୁବପିଢ଼ିଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟ କାରଣ ପାଲଟିଛି ସେମାନଙ୍କ ପରିବର୍ତ୍ତିତ ଖାଦ୍ୟାଭ୍ୟାସ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ । ଏମିତିରେ ନିଜକୁ ଫିଟ୍ ରଖିବା ଲାଗି ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟପକ୍ଷେ ବରଦାନ ସଦୃଶ...

**ରକ୍ଷା କରେ ମାନସିକ ସନ୍ତୁଳନ:** ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କଠାରେ ପାଠପଢ଼ାର ଚାପ, କର୍ମ କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତାର ଚାପ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଚିଡ଼ିଚିଡ଼ାପଣ, ଅବସାଦ ଭଳି ସମସ୍ୟା ଦେଖିବାକୁ ମିଳୁଛି। ହେଲେ ଏମିତିରେ ନିୟମିତ ଯୋଗାସନ କରିବାଦ୍ୱାରା ମାନସିକ ସନ୍ତୁଳନ ରକ୍ଷା ହେବା ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ, ଯାହାକି ମାନସିକ ଶାନ୍ତି ଦେଇଥାଏ।

**ଦୂର କରେ ଶାରୀରିକ ଯନ୍ତ୍ରଣା:** ଡେସ୍କ ଜବ୍ କରୁଥିବା ଅଧିକାଂଶ ଯୁବପିଢ଼ିଙ୍କଠାରେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହିବାକୁ ହେଉଥିବାରୁ ପିଠି, ଆଣ୍ଠୁଗଣ୍ଠି, ବେକ ଆଦି ସ୍ଥାନରେ ଯନ୍ତ୍ରଣା ହେବା ସହ ସ୍ପଣ୍ଡିଲାଇଟିସ୍ ଭଳି ମାରାତ୍ମକ ରୋଗ ମଧ୍ୟ ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ଅଧିକ ସମୟ ଟିଭି ଦେଖିବା, ମୋବାଇଲ୍ ବ୍ୟବହାର କରିବା ଯୋଗୁ ମଧ୍ୟ ଅନେକଙ୍କଠାରେ ଶାରୀରିକ ଯନ୍ତ୍ରଣା ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ଦୂର କରିବା ଲାଗି ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ ଆଦି ବେଶ୍ ସାହାଯ୍ୟ କରୁଛି।

**ଫିଗରକୁ ରଖେ ସ୍ଲିମ୍ ଫିଟ୍:** ସ୍ଲିମ୍ ଫିଗର ଯୁବପିଢ଼ିଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ। ହେଲେ ବର୍ତ୍ତମାନ ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍, ପ୍ୟାକେଜ୍‌ଡ ଫୁଡ୍, ସଫ୍ଟ ଡ୍ରିଙ୍କ୍ସ ଆଦି ଅଧିକାଂଶଙ୍କ ପ୍ରଥମ ପସନ୍ଦ ପାଲଟିଛି। ଆଉ ଏହି ଖାଦ୍ୟାଭ୍ୟାସ ଅନେକଙ୍କଠାରେ ମେଦବହୁଳତାର କାରଣ ସାଜୁଛି, ଯାହାକି ନା କେବଳ ସେମାନଙ୍କ ବ୍ୟକ୍ତିତ୍ୱରେ ଆଞ୍ଚ ଆଣୁଛି ବରଂ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ମଧ୍ୟ ସାଜୁଛି। ତେଣୁ ଏମିତିରେ ନିଜ ଫିଗରକୁ ସ୍ଲିମ୍ ଫିଟ୍ ରଖିବା ଲାଗି ପ୍ରତିଦିନ ଯୋଗାଭ୍ୟାସ ଖୁବ୍ ଉପକାରୀ।

**ବଢ଼ାଏ ସୌନ୍ଦର୍ଯ୍ୟ:** ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁ ରୂପେ ହୋଇଥାଏ। ଫଳରେ ଶରୀରର ପ୍ରତ୍ୟେକ ଅଙ୍ଗକୁ ଅମ୍ଳଜାନ ଠିକ୍ ଭାବେ ପହଞ୍ଚିଥାଏ, ଯାହାକି କେଶ ଏବଂ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

**ଦୂର କରେ ସ୍ୱାସ୍ଥ୍ୟ ସମସ୍ୟା:** ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ। ଏହା ସୁଚାରୁରୂପେ ଶ୍ୱାସକ୍ରିୟା, ପାଚନକ୍ରିୟା ସମ୍ପାଦନ କରିବାରେ ସାହାଯ୍ୟ କରୁଥିବାରୁ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ବିଶେଷ କରି ଏହା ମେଦବ ହୁଳତା ହ୍ରାସ କରିବା ସହ ମଧୁମେହ, ହୃଦ୍‌ରୋଗ ଆଦିର ଆଶଙ୍କାକୁ ଏଡାଇବାରେ ସାହାଯ୍ୟ କରିଥାଏ।



## ବିନା ଖର୍ଚ୍ଚରେ ଫିଟ୍ ରହିବାର ଉପାୟ ଯୋଗ



ସାଧାରଣତଃ ଯୁବାବସ୍ଥାରେ ସମସ୍ତେ ସୁସ୍ଥ ଜୀବନଶୈଳୀ ଭିତରେ ବଞ୍ଚିବାକୁ ଚାହାନ୍ତି। ହେଲେ ବ୍ୟସ୍ତତା ବା ନିଜ ଅବହେଳାରୁ ଚାହିଁଲେ ବି ଅନେକେ ନିଜ ଦାୟିତ୍ୱକୁ ଅଣଦେଖା କରି ଶରୀରର ଯତ୍ନ ନେଇପାରନ୍ତି ନାହିଁ। ଯାହାର ଫଳସ୍ୱରୂପ ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ଏ ସବୁକୁ ଆଖି ଆଗରେ ରଖି ଯଦି ଜଣେ ମଣିଷ ପ୍ରତିଦିନ ନିଜ ପାଇଁ ମାତ୍ର ୧୫ ମିନିଟ ସମୟ ଦେଇ ପ୍ରାତଃରେ ହେଉ କି ସନ୍ଧ୍ୟାରେ ଯୋଗ ଏବଂ ବ୍ୟାୟାମ କରେ, ତା'ହେଲେ ନିଜ ଶରୀରର ସୁସ୍ଥ ରଖିପାରିବ ସେଥିରେ ସନ୍ଦେହ ନାହିଁ। ବିଶେଷ କରି ଯୁବପିଢି ଏକ ଟୋନ୍‌ଡ୍ ଆଟ୍ରାକ୍ଟିଭ୍ ଫିଗର ପାଇବା ସହ ରୋଗ ମୁକ୍ତ ଜୀବନ ଜିଇଁବା ଲାଗି ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବା ନିହାତି ଆବଶ୍ୟକ। ଏହି ବାର୍ତ୍ତା ସଭିଙ୍କ ପାଖରେ ପହଞ୍ଚାଇବା ଲାଗି ଓଡ଼ିଶାର ପ୍ରଥମ ଫିଟ୍‌ନେସ ମୋଟିଭେଟର ଭାବରେ ଏସ୍‌ଏସ୍‌ଏମ୍ ଫିଟ୍‌ନେସ ୟୁଟ୍ୟୁବ୍ ଚାନେଲ ମାଧ୍ୟମରେ ସବୁବେଳେ ଚେଷ୍ଟା କରୁଛି। ମୁଁ ନିଜେ ମଧ୍ୟ ଫିଟ୍‌ନେସ୍ ମନ୍ତ୍ର ଭାବେ ଯୋଗକୁ ବାଛି ନେଇଛି। ଆଉ ପ୍ରତ୍ୟେକ ବୟସର ମଣିଷ ଘରର ଖାଇବା ଖାଇ, ଘରେ ରହି, ବିନା କୌଣସି ଖର୍ଚ୍ଚରେ ଯୋଗ କରି ନିଜକୁ କିପରି ନୀରୋଗ ସ୍ୱାସ୍ଥ୍ୟକୁ ଗଢ଼ି ପାରିବ, ସୌନ୍ଦର୍ଯ୍ୟ ବଢାଇ ପାରିବ ଏବଂ ସର୍ବୋପରି ଡାକ୍ତରଖାନାର ଅଯଥା ଖର୍ଚ୍ଚରୁ ବଞ୍ଚାଇ ପାରିବ ସେଥିପାଇଁ ସଚେତନ କରାଉଛି।

– **ମୁକେଶ**, ଫିଟ୍‌ନେସ୍ ମୋଟିଭେଟର, ଆଙ୍କର





## କ'ଣ କୁହନ୍ତି ଏମାନେ...



**ବିଶ୍ୱଜିତ୍ ପରିଡ଼ା** (ଭୁବନେଶ୍ୱର)– ଦିନରେ ଯେତେ ବି କାମ ଆସୁ ସେ ସବୁ ଟିକେ ମାତ୍ର ଥକା ଲାଗିବନି ଯଦି ଆପଣ ସକାଳୁ କେଇ ସମୟ ଯୋଗରେ ବିତାଉଛନ୍ତି। ମୁଁ ମଧ୍ୟ ପ୍ରତ୍ୟେକ ଦିନ ଅଧଘଣ୍ଟା ଯୋଗ କରେ। ଏହା ମୋ ମନ ଏବଂ ଶରୀରକୁ ଫୂର୍ତ୍ତି ଦେବାସହ ମାନସିକ ଶାନ୍ତି ଦେଇଥାଏ। ମୋ ମତରେ ବର୍ତ୍ତମାନ ମଣିଷଙ୍କ ପରିବର୍ତ୍ତିତ ଜୀବନଶୈଳୀରେ ଯୋଗ ହିଁ ଏକମାତ୍ର ସଞ୍ଜୀବନୀ ସଦୃଶ ଔଷଧ, ଯିଏ ମଣିଷକୁ ଫିଟ୍ ଆଉ ଫାଇନ ରଖିବାର ଏକମାତ୍ର ବଳିଷ୍ଠ ମାଧ୍ୟମ।



**ରାଜଶ୍ରୀ ପରିଡ଼ା (ସାକ୍ଷୀଗୋପାଳ, ପୁରୀ)**– ପ୍ରତିଦିନ ସକାଳୁ ଅତିକମ୍‌ରେ ଯୋଗ ପାଇଁ ଏକ ଘଣ୍ଟା ସମୟ ଦିଏ। ପ୍ରାୟ ପାଞ୍ଚ ବର୍ଷ ହେବ ମୁଁ ଏହା କରିଆସୁଛି। ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର, କପାଳଭାତୀ ଆଦିକୁ ସବୁଦିନ କରିଥାଏ। ସୂର୍ଯ୍ୟ ନମସ୍କାର କଷ୍ଟ ଲାଗୁଥିଲେ ବି କରେ, କାରଣ ତାହା ମୋତେ ପରବର୍ତ୍ତୀ ସମୟରେ ଉର୍ଜା ଯୋଗାଇଥାଏ। ସେହିପରି ବ୍ୟସ୍ତତା ଭିତରେ ବି ସନ୍ଧ୍ୟାରେ ଯୋଗ ପାଇଁ ଅଧ ଘଣ୍ଟା ସମୟ ବାହାର କରେ। ଯୋଗ ଦ୍ୱାରା ମୋର ଓଜନ ନିୟନ୍ତ୍ରଣରେ ରହିବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥିବା ଅନୁଭବ କରୁଛି। ପାଠ ପଢ଼ିବାରେ ମଧ୍ୟ ଏକାଗ୍ରତା ରହୁଛି।

## ଏ ସପ୍ତାହର ପ୍ରଶ୍ନ

୧– ପଞ୍ଚ ସିଦ୍ଧାନ୍ତିକା ପୁସ୍ତକର ଲେଖକ...... ?
୨– ............... ଉପାଦାନର ଉପସ୍ଥିତି ଯୋଗୁ ମଙ୍ଗଳ ଗ୍ରହର ପୃଷ୍ଠ ଲାଲ୍ ରଙ୍ଗ ଦେଖାଯାଇଥାଏ ?
୩– ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଡେପୁଟି ଗଭର୍ନର........... ?
୪– ................. ଭିଟାମିନ୍‌କୁ କ୍ୟାଲ୍‌ସିଟ୍ରାଇଅଲ୍ ମଧ୍ୟ କୁହାଯାଇଥାଏ ?
୫– ଲେନ୍ସ ପାୱାରର ଏସ୍ ଆଇ ୟୁନିଟ୍ ............ ?

## ଗତ ଥରର ଉତ୍ତର

୧ ଆଲିଗଡ଼
୨ ଆଇଆଇଟି, ବମ୍ବେ
୩ ବନୱାରୀଲାଲ୍ ପୁରୋହିତ
୪ ସେପ୍ଟେମ୍ବର ୯ ତାରିଖ
୫ ଜଳଶକ୍ତି ମନ୍ତ୍ରଣାଳୟ

## ଉତ୍ତରଦାତା



ଚିତ୍ତରଞ୍ଜନ ପୂଜାରୀ, ସୁବର୍ଣ୍ଣପୁର



ସଚିତ୍ ସାଗର, ଭୁବନେଶ୍ୱର



ସ୍ୱସ୍ତିକ ଷଡ଼ଙ୍ଗୀ, ରସୁଲଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

## ରୁଚି ଦେଇଛି ପରିଚୟ

ବାଲେଶ୍ୱର ଜିଲା ଚାନ୍ଦିପୁର ଗ୍ରାମର ମା' ମମତା ଏବଂ ବାପା କୃଷ୍ଣ କୁମାର ମହାନ୍ତିଙ୍କ କନ୍ୟା ପ୍ରତ୍ୟାଶା ପ୍ରିୟମ୍ବଦା। ନୃତ୍ୟ କରିବାକୁ ପିଲାଟିଦିନୁ ତାଙ୍କର ରୁଚି ରହିଆସିଛି। ଚତୁର୍ଥ ଶ୍ରେଣୀରେ ପଢ଼ିବା ବେଳେ ବିଦ୍ୟାଳୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ଥର ନୃତ୍ୟ ଓ ଅଭିନୟ ପରିବେଷଣ କରିଥିଲେ। ଏହା ପରେ ସେ ଦୁଇ ବର୍ଷ ଓଡ଼ିଶୀ ନୃତ୍ୟ ଶିକ୍ଷା ଗ୍ରହଣ କଲେ। ପରେ ସ୍କୁଲ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାରଣରୁ ସେ ଦୀର୍ଘଦିନ ନିଜ ରୁଚିଠାରୁ ଦୂରେଇ ରହିଥିଲେ। କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା ତଥା ସାମ୍ବାଦିକ ରୁଦ୍ରରଂଜନ ଶେଜପଡ଼ାଙ୍କ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ପାଇଁ ସୁଯୋଗ ପାଇଲେ। ଯେଉଁଥିରେ ବିନା ଡାଇଗଲ୍‌ରେ କେବଳ ଅଭିନୟ ଦ୍ୱାରା ସମାଜକୁ ମୃତ୍ତିକା ସଂରକ୍ଷଣ ଉପରେ ବାର୍ତ୍ତା ଦେଇ ସେ ଦର୍ଶକଙ୍କ ମନ ଜିଣି ପାରିଥିଲେ। ଏହା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ଦି ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ର ପ୍ରତିଯୋଗିତା ପର୍ଯ୍ୟାୟକୁ ମନୋନୀତ ହୋଇ ଚର୍ଚ୍ଚାରେ ରହିଛି। ସାମ୍ବାଦିକତା କରୁଥିବା ପ୍ରତ୍ୟାଶାଙ୍କର ଗପ ରଚନାରେ ରୁଚି ରହିଛି। ତାଙ୍କର ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ଆଦୃତ ହୋଇଥିବା ବେଳେ ଗଳ୍ପ ରଚନା ପାଇଁ ପୁରସ୍କାର ମଧ୍ୟ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ବାଲେଶ୍ୱର ପରୀ–୨୦୧୯ ସମ୍ମାନ, କ୍ଷୁଦ୍ର ଗଳ୍ପ ପାଇଁ ଉଦୟ ରାଗ ସମ୍ମାନ–୨୦୧୯। ଏହାବ୍ୟତୀତ ତାଙ୍କ ଅଭିନୀତ କ୍ଷୁଦ୍ର ଚଳଚ୍ଚିତ୍ର 'ଫୁଲ୍' ଦୁଇଥର ପୁରସ୍କୃତ ହୋଇସାରିଛି।



ପ୍ରତ୍ୟାଶା

ଟପ୍ ୧୦

## ଦାମୀ କାର୍–୨୦୨୧



୧– ୧୯୬୩ ଫରାରୀ ୨୫୦ ଜିଟିଓ................................ ୭ କୋଟି ଡଲାର
୨– ବୁଗାଟି ଲା ଭୋଇଚର୍ ନଏର୍......................... ୧ କୋଟି, ୮୭ ଲକ୍ଷ ଡଲାର
୩– ପାଗାନି ଜୋଣ୍ଡା ଏଚ୍‌ପି ବାର୍‌ଚେଟା.................. ୧ କୋଟି, ୭୬ ଲକ୍ଷ ଡଲାର
୪– ବୁଗାଟି ସେଣ୍ଟୋଡିସି............................................ ୯୦ ଲକ୍ଷ ଡଲାର
୫– ବୁଗାଟି ଡିଭୋ............................................... ୬୦ ଲକ୍ଷ ଡଲାର
୬– ବୁଗାଟି ଚିରନ୍ ସୁପର ସ୍ପୋର୍ଟ ୩୦୦+ ............. ୫୭ ଲକ୍ଷ ୪୦ ହଜାର ଡଲାର
୭– ଗର୍ଡନ୍ ମୁରେ ଟି.୫୦ ............................... ୩୦ ଲକ୍ଷ ୮୦ ହଜାର ଡଲାର
୮– କୋଏନିସେଗ୍ ଜେସ୍କୋ ........................................ ୩୦ ଲକ୍ଷ ଡଲାର
୯– ମର୍ସେଡିସ୍ ଏଏମ୍‌ଜି ୱାନ୍ ........................................ ୨୭ ଲକ୍ଷ ଡଲାର୍
୧୦– ଅଷ୍ଟନ୍ ମାର୍ଟିନ୍ ଭାଲ୍‌ହାଲା ......................................... ୧୩ ଲକ୍ଷ ଡଲାର୍

ୟୁଥ୍ ଆଲର୍ଟ

## ପର୍‌ଫ୍ୟୁମ୍ ବ୍ୟବହାର କରୁଥିଲେ...

**ଆଜିର ଯୁବପିଢ଼ିଙ୍କୁ ପର୍‌ଫ୍ୟୁମ୍ କେତେ ପସନ୍ଦ, ତାହା ନ କହିବା ଭଲ। ଏହା ମୁଡ୍ ଫ୍ରେସ୍ ରଖିବା ସହ ଶରୀରରୁ ଝାଳଗନ୍ଧ ଦୂର କରିଥାଏ। ହେଲେ ଅନ୍ୟପଟେ ଏହାର ଅଧିକ ବ୍ୟବହାର, ଆମ ଶରୀର ବିଶେଷକରି ଫୁସ୍‌ଫୁସ୍‌ରେ କ୍ଷତି ପହଞ୍ଚାଏ। ତେବେ ଏହା ଆମ ପାଇଁ କେତେ କ୍ଷତିକାରକ, ଜାଣିରଖନ୍ତୁ...**

➤ପୃଥିବୀରେ ଥିବା ବିଭିନ୍ନ ଗବେଷଣା ସଂସ୍ଥା ପକ୍ଷରୁ ପର୍‌ଫ୍ୟୁମ୍‌ଗୁଡ଼ିକରେ ବ୍ୟବହାର କରାଯାଉଥିବା ବିଭିନ୍ନ ରାସାୟନିକ ଉପାଦାନ ଉପରେ ଏବେ ଗବେଷଣା ଚାଲିଛି। ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହା ଆମ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ପର୍‌ଫ୍ୟୁମ୍‌ରେ ଥିବା ସୁଗନ୍ଧଯୁକ୍ତ ଉପାଦାନ ମାଇଗ୍ରେନ୍‌ଠାରୁ ଆରମ୍ଭ କରି କ୍ୟାନ୍‌ସର ସୃଷ୍ଟି କରିଥାଏ।

➤ଅଧିକାଂଶ ପର୍‌ଫ୍ୟୁମ୍‌ରେ କେମିକାଲ୍ ଉପାଦାନ 'ଇଥାନଲ୍', 'କୋଲୋଜେନ୍' ରହିଛି, ଯଦ୍ୱାରା ଚର୍ମରୋଗ, ବିଭିନ୍ନ ପ୍ରକାରର ଆଲର୍ଜି ହେବାର ଆଶଙ୍କା ଥାଏ।

➤ଏଥିରେ ଥିବା କେମିକାଲ୍ ଆମେ ନିଃଶ୍ୱାସପ୍ରଶ୍ୱାସ ନେବା ସମୟରେ ଶରୀର ଭିତରକୁ ପ୍ରବେଶ କରିଥାଏ। ଏହା ଫୁସ୍‌ଫୁସ୍‌କୁ ବହୁମାତ୍ରାରେ ପ୍ରଭାବିତ କରିବା ସହ ଶ୍ୱାସକ୍ରିୟାରେ ମଧ୍ୟ ବାଧା ସୃଷ୍ଟି କରେ।

➤ଶ୍ୱାସ ରୋଗୀମାନେ ଏଥିରେ ବେଶି ଆକ୍ରାନ୍ତ ହୋଇଥା'ନ୍ତି। ବେଳେବେଳେ ଏହି ବାସ୍ନା ସାଧାରଣ ଲୋକଙ୍କଠାରେ ମଧ୍ୟ ଅନେକ ଲକ୍ଷଣ ଯଥା ନାକରୁ ପାଣି ବୋହିବା, ଆଖି କୁଣ୍ଡେଇ ହେବା, ଦେହ ଫଳିଯିବା, ବାନ୍ତି ଲାଗିବା ଆଦି ଦେଖାଦିଏ।

➤ସବୁଠୁ ବଡ଼ କ୍ଷତି ଏହା ପରିବେଶର କରିଥାଏ। କାରଣ ଏଥିରୁ ବାହାରୁଥିବା କେମିକାଲ୍ ଭ୍ୟାପର୍, ଭୋଲାଟାଇଲ୍ ଅର୍‌ଗାନିକ୍ କମ୍ପାଉଣ୍ଡ୍ ସୂର୍ଯ୍ୟକିରଣ ସହ ପ୍ରତିକ୍ରିୟା କରି ଓଜୋନ୍ ସ୍ତରରେ ରନ୍ଧ୍ର ସୃଷ୍ଟି କରେ, ଯାହା ଆମ ପାଇଁ ବିପଦ ଆଣିଥାଏ।



**ସଂକ୍ଷେପରେ**

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ବୈପାରିଗୁଡ଼ା,୨୫।୯ (ଡି.ଏନ୍.ଏ.): ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଘୁମର ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଦାମ ନାୟକ। ସେ ମଧ୍ୟାହ୍ନ ସମୟରେ ଖାଇସାରି ବାହାରେ ହାତ ଧୋଉଥିବା ସମୟରେ ବଜ୍ରପାତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦାମଙ୍କୁ ମୃତ ଘୋଷଣା କରଥିଲେ। ଏ ନେଇ ବୈପାରିଗୁଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛଇ। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ । ଦାମଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଅବକାରୀ ଚଢ଼ାଉ: ୨ ଗିରଫ

ଜୟପୁର, ୨୫।୯ (ନି.ପ୍ର.): ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣ ଚୋରା ମଦ ବେପାରିଙ୍କୁ ଗିରଫ କରିଛି । ସେମାନେ ହେଲେ ନିଳାଗୁଡ଼ାର ପ୍ରଫୁଲ ନାଗ ଓ ଯମୁନାଗୁଡ଼ାର ମିନ ବିଷୋୟୀ । ଉଭୟେ ଏକ ସ୍କୁଟିରେ ନିଳାଗୁଡ଼ାରୁ ମଦ ଧରି ଜୟପୁର ସହରକୁ ଆସି ଯମୁନାଗୁଡ଼ା ଠାରେ ମଦ ବିକ୍ରି କରୁଥିବା ଅବକାରୀ ବିଭାଗ ହାତରେ ଧରାପଡିଥିଲେ। ସେମାନଙ୍କଠାରୁ ୩୭ ଲିଟର ଦେଶୀ ମଦ ଓ ସ୍କୁଟି ଜବତ କରାଯାଇଛି। ଗିରଫ ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ଜିଲା କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା ପରେ କଂଗ୍ରେସରେ ଅସନ୍ତୋଷ

ମାଲକାନଗିରି,୨୫।୯(ଡି.ଏନ୍.ଏ.)- ମାଲକାନଗିରି ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଦଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ର ଏକ ପ୍ରେସ୍ ଇସ୍ତାହାରରେ ପଡ଼ିଆ ବ୍ଲକ କଂଗ୍ରେସ କମିଟିକୁ ରଦ୍ଦ କରିବା ନେଇ ଜଣାଇଲା ପରେ ଏହାକୁ ନେଇ ପଡ଼ିଆ ବ୍ଲକ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଜିଲା ସଭାପତି ବ୍ଲକ କଂଗ୍ରେସ କମିଟି ସଙ୍ଗଠନ ଓ କାର୍ଯ୍ୟକ୍ରମ ଉପରେ ହସ୍ତକ୍ଷେପ କରିପାରିବେ ନାହିଁ କିମ୍ବା କମିଟିକୁ ବାତିଲ କରିବା କ୍ଷମତା ତାଙ୍କର ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି ପଡ଼ିଆ ବ୍ଲକର କଂଗ୍ରେସ ନେତା ମହମ୍ମଦ ଫାରୁକ୍। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ କଂଗ୍ରେସରେ ଏପରି ଗୋଷ୍ଠୀ କନ୍ଦଳ ପଞ୍ଚାୟତ ନିର୍ବାଚନ ଉପରେ ପଡିବ ବୋଲି ଆଲୋଚନା ହେଉଛି।

## ବୃଦ୍ଧିପାଉଛି ବୁଲା ଗୋରୁ ଉପଦ୍ରବ

ଗଞ୍ଜାମ,୨୫।୯(ଡି.ଏନ.ଏ.):ଗଞ୍ଜାମ ସହର ସାନ ବଜାର ଓ ବଡ଼ ବଜାରଠାରେ ବୁଲା ଗୋରୁଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବୁଲା ଗୋରୁଙ୍କ ପାଇଁ ଅତିଷ୍ଠ ହୋଇ ପଡ଼ିଲେଣି ଅଞ୍ଚଳବାସୀ। ସନ୍ଧ୍ୟା ହେବା ମାତ୍ରେ ଶହ ଶହ ଗାଈ ବଳଦ ବଜାର ସାରା ଛାଉଣୀ ହୋଇଯାଉଛନ୍ତି। ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଛୋଟ ବଡ଼ ଦୁର୍ଘଟଣା ବି ଘଟୁଛି। ଏ ନେଇ ଏନଏସି ପ୍ରଶାସନକୁ ବାରମ୍ବାର ଅବଗତ କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନି । ଏନଏସି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

# ନୂଆଁଖାଇ ନୃତ୍ୟ ସମାବେଶ

ଛତ୍ରପୁର,୨୫।୯(ଡି.ଏନ.ଏ.)



କଳାକାରଙ୍କ ସହ ଅତିଥି ।

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସମଗ୍ର ଓଡ଼ିଶାରେ ପାଳିତ ହୋଇ ଆସୁଛି । ଚାଷ ଦ୍ୱାରା ମାଟି ମା'ର କୋଳରୁ ସଂଗୃହୀତ ଫସଲ ପ୍ରଥମେ ଦେବଦେବୀଙ୍କୁ ଅର୍ପଣ କରି ତାକୁ ସସ୍ନେହେ ଓ ଆନନ୍ଦର ସହ ଗ୍ରହଣ କରିଥାନ୍ତି । ସେହି ସମୟରେ ଆନନ୍ଦଉଲ୍ଲାସରେ ନାଚଗୀତର ଆସର ଜମେ। ଏହି ଅବସରରେ ଶନିବାର ଗଞ୍ଜାମ ଜିଲ୍ଲାର ସଦରମହକୁମା ଛତ୍ରପୁରଠାରେ ପ୍ରଥମ କରି ପାଳନ କରାଯାଇଛି । ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ନୂଆଁଖାଇ-୨୦୨୧ ନୃତ୍ୟ ସମାବେଶ କାର୍ଯ୍ୟକ୍ରମ ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଓଡ଼ିଶାର ପ୍ରାଚୀନ ପର୍ବ, କୃଷିର ପର୍ବ, ସମ୍ପର୍କ ପର୍ବ ନୂଆଁଖାଇ ପର୍ବ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ)ଲୀନା କୁମାରୀ ଖେସ ଯୋଗ ଦେଇଥିଲେ । ସମସ୍ତଙ୍କୁ ନୂଆଁଖାଇ ଜୁହାର ସହ ପଶ୍ଚିମ ଓଡ଼ିଶା ଭାଷାରେ ନୂଆଁଖାଇ ଭେଟଭାଟ ପର୍ବ ସମ୍ପର୍କରେ ସୂଚନା ଦେଇଥିଲେ । ସେହିପରି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଓ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା ଏକ ଭାଇଚାରାର ପର୍ବ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ କ୍ୟୁୟର୍ସ ଅନୁଷ୍ଠାନ ସମ୍ପାଦକ ଅରୁଣ କୁମାର ଶତପଥୀ ସଂଯୋଜନା କରିଥିବା ବେଳେ ଛତ୍ରପୁରର ବିବିଧା ଫାଉଣ୍ଡେଶନ ଫୋର ଆର୍ଟ ଏଣ୍ଡ କଲଚର, ପ୍ରଗତି କଳାକେନ୍ଦ୍ର, ଷ୍ଟାର ବୟଜ ଡ୍ୟାନ୍ସ ଗ୍ରୁପ୍, ସମୀର କାଠପାଦ ରଣପା ଡ୍ୟାନ୍ସ ଗ୍ରୁପ୍, ଡ୍ରିମ୍ ଡ୍ୟାନ୍ସ ଏକାଡେମୀ, କଳା ବିକାଶ କେନ୍ଦ୍ର, ଜେଡିସି ଡ୍ୟାନ୍ସ ଗ୍ରୁପ୍ ଓ ଆର୍ମି ପବ୍ଲିକ ସ୍କୁଲ(ଗୋପାଳପୁର) କଳାକାରମାନଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶା ସମ୍ବଲପୁରୀ ଡ୍ୟାନ୍ସ ପରିବେଷିତ ହୋଇଥିଲା ।

# ମା,ପୁଅ ସମେତ ୪ ଗିରଫ

## ନକଲି ସୁନା ଦେଇ ୧୯ ଲକ୍ଷ ହଡ଼ପ ଘଟଣା

ବ୍ରହ୍ମପୁର ଅଫିସ,୨୫।୯

ନକଲି ସୁନା ଦେଇ ଗୋଲ୍ଡ ଲୋନ୍ ସଂସ୍ଥାରୁ ଟଙ୍କା ଠକେଇ ଘଟଣାରେ ପୋଲିସ ମା'ପୁଅଙ୍କ ସମେତ ୪ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆସିକା ରୋଡ୍ ଏମ୍.ଜି ରୋଡ୍ ନିବାସୀ ଏନ୍. ରାଜେଶ ଆଚାରୀ, ସୋମନାଥନଗରର ପି. ଶିବ କୁମାର ଓ ତାଙ୍କ ମା' ପି. ଲତା ଏବଂ ଶ୍ରୀରାମନଗରର ଜେ.ମନୋଜ କୁମାର ଆଚାରୀ। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ. ୨୫୩/୨୧ରେ ମାମଲା ରୁଜୁ କରାଯାଇଛି। ବୈଦ୍ୟନାଥପୁର ଥାନା ମାନାପୁରମ୍ ଫାଇନାନ୍ସ ଲିମିଟେଡ୍ କମାପଲ୍ଲୀ ଶାଖାରେ ନକଲି ସୁନା ବନ୍ଧା ପକାଇ ୧୯ ଲକ୍ଷ ୫ ହଜାର ୩୧୪ ଟଙ୍କା ଲୋନ୍ ନେଇଥିବା ନେଇ ସଂସ୍ଥାର ମ୍ୟାନେଜର୍ ସୁଧାଂଶୁ ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ଅପୂର୍ବତନ ଶାଖା ମୁଖ୍ୟ ସ୍ମିତାରୂପା ପାଢ଼ୀ ଏହି ଲୋନ୍ ପ୍ରଦାନ କରିଥିଲେ। ସେ ସମୟରେ ପ୍ରାୟ ୨୬ଟି ଲୋନ୍ ଦିଆଯାଇଥିବା ପୋଲିସର ତଦନ୍ତରେ ଜଣାପଡ଼ିଥିଲା। ସଂସ୍ଥା ତରଫରୁ ଅଡିଟ୍ ବେଳେ ଗ୍ରାହକମାନେ ଦେଇଥିବା ସୁନା ଗୋଲ୍ଡ କୋଟେଡ୍ ବୋଲି ଜଣାପଡ଼ିଥିଲା। ଏ ନେଇ ପୋଲିସ ଲୋନ୍ ନେଇଥିବା ଗ୍ରାହକଙ୍କ ଠିକଣା ବାହାର କରି ସେମାନଙ୍କୁ ଗିରଫ କରିଛି। ଜାନୁଆରି ୨୦୨୧ରୁ ମେ ୨୦୨୧ ମଧ୍ୟରେ ଏହି ଲୋନ୍ ଦିଆଯାଇଥିବା ପୋଲିସ କହିଛି।

## ବିଦ୍ୟାଳୟସ୍ତରୀୟ ସ୍ୱଚ୍ଛତା ପରିଚାଳନା ନେଇ କର୍ମଶାଳା

ଶେରଗଡ଼,୨୫।୯(ଡି.ଏନ.ଏ.)

ଶେରଗଡ଼ ବ୍ଲକ ତାକରଡ଼ା ଶହୀଦ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ୱଚ୍ଛତା ପରିଚାଳନା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ଭାସ୍କର ଲେଙ୍କା ଅଧ୍ୟକ୍ଷତା କରିଥିଲେ । ଏବିଇଓ ସୌରିଶଙ୍କର ବେହେରାଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଓାସର ରାଜ୍ୟ କନସେଲଣ୍ଟେଟ ଏମ୍.ଏସ୍ ଖାନ, ୟୁନିସେଫ୍ ଆଞ୍ଚଳିକା ସଂଯୋଜକ ଅନିଲ କୁମାର ବେହେରା, ଅନ୍ୟତମ ସଭ୍ୟ ବ୍ଲୋରିନ କୁମାର ମହାନ୍ତି, ତାକରଡ଼ା ହୋମିଓପାଥିକ ଡାକ୍ତର ନିବେଦିତା ଦୋରା, ଶହୀଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପ୍ରଧାନ ଯୋଗ ଦେଇ ବିଦ୍ୟାଳୟସ୍ତରୀୟ ସ୍ୱଚ୍ଛତା ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ୪ ବ୍ଲକର ସିଆର୍‌ସିସିମାନେ ନିଜ ବ୍ଲକ ପାଇଁ ଏକ ପରିକଳ୍ପନା କରିବା ସହ ସମସ୍ତ ବିଦ୍ୟାଳୟରେ କାର୍ଯ୍ୟକାରୀ ଦିଗରେ ସହାୟକ ହେବାକୁ କୁହାଯାଇଥିଲା। ବିଇଓ ପ୍ରଥମେ ନିଜ ସ୍ତରରେ ଯୋଜନା ପ୍ରସ୍ତୁତ କରି ବିଦ୍ୟାଳୟଗୁଡ଼ିକ ସାମିଲ କରିବା ନେଇ କହିଥିଲେ। ଯେପରି ଆଗାମୀ କିଛି ଦିନ ମଧ୍ୟରେ ଶେରଗଡ଼ ବ୍ଲକ, ଧରାକୋଟ ବ୍ଲକ, କବିସୂର୍ଯ୍ୟନଗର ବ୍ଲକ, ଆସିକା ବ୍ଲକର ୫୨ ଜଣ ସିଆର୍‌ସିସି ଉକ୍ତ କର୍ମଶାଳାରେ ଭାଗ ନେଇଥିଲେ। କର୍ମଶାଳାକୁ ତାକରଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ୍, ବାଦଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଗୌଡ଼ଙ୍କ ସମେତ ରମେଶ ଚନ୍ଦ୍ର ମଳିକ ପରିଚାଳନା କରିଥିଲେ।

# କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନିତ କଲେ ବିଧାୟକ



କୋଭିଡ୍ ଯୋଦ୍ଧାଙ୍କୁ ବିଧାୟକ ସମ୍ମାନିତ କରୁଛନ୍ତି ।

ଛତ୍ରପୁର, ୨୫।୯(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରପଞ୍ଚ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କାଳିପଲ୍ଲୀ ପଞ୍ଚାୟତର କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନିତ କରାଯାଇଛି । ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପଞ୍ଚାୟତର ଶିକ୍ଷକ,ଶିକ୍ଷୟିତ୍ରୀ, ଅଙ୍ଗନୱାଡି ଓ ଆଶା କର୍ମୀ, ଏଏନ୍ଏମ, ସିଆରପି ମେମ୍ବରମାନଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହା ସହ କୋଭିଡ୍ ମହାମାରୀ ସମୟରେ ସମସ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ବିଧାୟକ ବେହେରା ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଓ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ମୁଖ୍ୟବକ୍ତା ଭାବେ ଛତ୍ରପୁର ବିଇଓ ଅବିନାଶ ଶତପଥୀ ଯୋଗଦେଇ କୋଭିଡ୍ ଯୋଦ୍ଧାମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପି.ଅର୍ଦ୍ଧରାଜୁଲୁ ରେଡ୍ଡୀ, କେ.ପୁରୁଷୋତ୍ତମ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ, ଯୁବନେତା ବି. ଚନ୍ଦ୍ରମଣି ପାତ୍ର, ସିଏଚ. ରଘୁନାଥ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ। ସଭା କାର୍ଯ୍ୟକୁ ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାସ ପରିଚାଳନା କରିଥିବା ବେଳେ ସିଆରସିସି ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ହତ୍ୟା ଉଦ୍ୟମ ମାମଲାରେ ୨ ଦୋଷୀ ସାବ୍ୟସ୍ତ

କୋରାପୁଟ,୨୫।୯(ସ୍ୱ.ପ୍ର.)

କୋରାପୁଟ ସହକାରୀ ଦୌରାଜଜ୍ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦୀପାନ୍ତର ଚୌଧୁରୀ ଓ ଚକିତ ଚୌଧୁରୀ। ଦୀପାନ୍ତଙ୍କୁ ବିଚାରପତି ହୃଷୀକେଶ ସାହୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୫୦୦ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ଆଉ ୨ ମାସ କାରାଦଣ୍ଡ ଭୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚକିତ ଚୌଧୁରୀଙ୍କୁ ୨ ମାସ କାରାଦଣ୍ଡ ଏବଂ ୧୫୦୦ ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧୫ଦିନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ୨୦୧୬ ମାର୍ଚ୍ଚ ୨ରେ ଦାମନଯୋଡ଼ିର ଦିବାକର ଚୌଧୁରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଦିବାକର ଦାମନଯୋଡ଼ି ଥାନାରେ ଏତଲା ଦେଇଥିଲେ । ପରେ ଚିକିତ୍ସା ପାଇଁ ଡାକ୍ତରଖାନା ଯିବା ସମୟରେ ଦୀପାନ୍ତ ଓ ଚକିତ ପୁଣି ଥରେ ତାଙ୍କୁ ଆକ୍ରମଣକରି ମାଡ଼ ମାରିଥିଲେ। ଏନେଇ ଦାମନଯୋଡ଼ି ଥାନାରେ କେସ୍ ନଂ. ୧୫/୧୬ରେ ମାମଲା ରୁଜୁ ହୋଇଥିଲା।

# ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ



ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥିମାନେ।

ପାରଳାଖେମୁଣ୍ଡି,୨୫।୯(ଡି.ଏନ୍.ଏ.)

ରଘୁନାଥ ଆୟର, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର ଓଡ଼ିଶା ତଥା ଗଜପତି ଜିଲା ନୋଡାଲ ଅଧିକାରୀ ଶୁକ୍ରବାରରୁ ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡି ସଦର ମହକୁମାରେ ରାତ୍ରି ଯାପନ କରିଥିଲେ। ଶନିବାର ପ୍ରଦୀପ କୁମାର ନାଗ ଜିଲା ଶିକ୍ଷାଧିକାରୀଙ୍କ ସହ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ବିଦ୍ୟାଳୟ(ଗୁରାଣ୍ଡି), ସରକାରୀ ଉଚ୍ଚ ବିଦ୍ୟାଳୟ(ଦଉଳା), ଗଣ୍ଡହାତୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡିର ମହାରାଜା ଉଚ୍ଚ ବାଳକ ବିଦ୍ୟାଳୟ ପରିଦର୍ଶନ କରିବା ସହ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ଏଥିସହ ସରକାରଙ୍କ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ଦୁଇଟି ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ଉନ୍ନତି ମୂଳକ ପରାମର୍ଶ ପ୍ରଦାନ କରିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପ୍ରଧାନ ଶିକ୍ଷକମାନଙ୍କ ସହ ଏକ ସମୀକ୍ଷା ବୈଠକ କରି ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ ସମ୍ପର୍କରେ ଆଲୋଚନା କରିଥିଲେ।

## ଚିନିଶିଳ୍ପ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ଆସିକା,୨୫।୯(ଡି.ଏନ.ଏ.)

ଆସିକା ସମବାୟ ଚିନିଶିଳ୍ପ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା । ସଭାପତି ଭାବେ ରାମକୃଷ୍ଣ ପଣ୍ଡା, ଉପସଭାପତି ନିଲୁ ପାଢୋଶୀ ଓ ଅଳକନାଥ ମିଶ୍ର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ନାହାକ, ସୁଜିତ କୁମାର ପୃଷ୍ଟି କୋଷାଧ୍ୟକ୍ଷ, ଏସ୍. ନାଗେଶ୍ୱର ଓ ଏମ. ରାମବାବୁ ଦୋରା ଯୁଗ୍ମ ସମ୍ପାଦକ, ଅନ୍ତର୍ଯ୍ୟାମି ନାହାକ ଓ ଶମ୍ଭୁ ନାହାକ ସହ ସମ୍ପାଦକ ରହିଥିଲା ବେଳେ ୧୩ଜଣଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ବରିଷ୍ଠ ଆଇନଜୀବୀ ବିଦେଶୀ ନାହାକ ସଂଘର ଉପଦେଷ୍ଟା ଭାବେ ମନୋନିତ ହୋଇଥିବା ଜଣାଯାଇଛି ।

## ଜବତ ନକଲି ସାମଗ୍ରୀ ନଷ୍ଟ କଲା ପୋଲିସ



ନକଲି ସାମଗ୍ରୀଗୁଡ଼ିକୁ ନଷ୍ଟ କରୁଛି ପୋଲିସ।

ବ୍ରହ୍ମପୁର ଅଫିସ,୨୫।୯

ବ୍ରହ୍ମପୁର ବଡବଜାର ଅଞ୍ଚଳରୁ ଜବତ ହୋଇଥିବା ୭ ହଜାର ୨୩୦ କେଜି ସାମଗ୍ରୀକୁ ନଷ୍ଟ କରିଛି ପୋଲିସ। ଅଦାଲତଙ୍କ ନିର୍ଦ୍ଦେଶ ପ୍ରକାରେ ଶନିବାର ପୋଲିସ ଓ ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମହୁଡ଼ା ସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ନଷ୍ଟ କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ରାଉତରାୟଙ୍କ ସୂଚନା ପ୍ରକାରେ, ଚଳିତବର୍ଷ ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ନକଲି ସାମଗ୍ରୀ ପ୍ରସ୍ତୁତ କରୁଥିବା ବିଭିନ୍ନ କାରଖାନା ଓ ଗୋଦାମରେ ଚଢାଉ କରାଯାଇଥିଲା। ପୋଲିସ ଚଢାଉ ବେଳେ ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ଅପମିଶ୍ରିତ ଟମାଟ ସ୍, ଚିଲି ସସ୍, ସୋୟା ସସ୍, ଘିଅ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଆଦି ଜବତ କରିଥିଲା । ଏ ନେଇ ବଡବଜାର ଥାନାରେ ବିଭିନ୍ନ ସମୟରେ ପୃଥକ ଭାବେ ୫ଟି ମାମଲା ରୁଜୁ ହୋଇଥିବା ବେଳେ ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତି ପାଇଁ ରଖାଯାଇଥିବା କଞ୍ଚାମାଲ ଓ ମେସିନ ଜବତ ହୋଇଥିଲା। ସେହିପରି ଅପମିଶ୍ରଣ କାରବାରରେ ସଂପୃକ୍ତ ଏକାଧିକ ଲୋକଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିଲା। ଏହି ମାମଲାଗୁଡ଼ିକର ବିଚାରଣା ଅଦାଲତରେ ଚାଲୁ ରହିଛି। ଏପଟେ ଜବତ ସାମଗ୍ରୀକୁ ପୋଲିସ ନିର୍ଦ୍ଦିଷ୍ଟ ସ୍ଥାନରେ ଜବତ କରି ରଖିଥିଲା। ଏହି ନକଲି ସାମଗ୍ରୀ ଗୁଡ଼ିକର ମାନ ଯାଞ୍ଚ ପାଇଁ ଭୁବନେଶ୍ୱର ଲ୍ୟାବ୍‌କୁ ପଠାଯାଇଥିଲା । ସେଠାରୁ ଆସିଥିବା ରିପୋର୍ଟରେ ଜବତ ଖାଦ୍ୟ ସାମଗ୍ରୀଗୁଡ଼ିକ ବେନାମୀ ଓ ଅସୁରକ୍ଷିତ ବୋଲି ସ୍ପଷ୍ଟ ହୋଇଥିଲା । ସେହିକ୍ରମରେ ପୋଲିସ ପକ୍ଷରୁ ଜବତ ୭ ହାଜର ୨୩୦ କେଜିର ବିଭିନ୍ନ ପ୍ରକାର ସାମଗ୍ରୀକୁ ନଷ୍ଟ କରିଦେବାକୁ ବ୍ରହ୍ମପୁର ଏସଡିଜେଏମ ଅଦାଲତରେ ଆବେଦନ କରାଯାଇଥିଲା। ଅନୁମତି ମିଳିବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଯୁଗ୍ମ ସହକାରୀ ନିର୍ଦ୍ଦେଶକଙ୍କ ସମେତ ବ୍ରହ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ବିଷ୍ଣୁପ୍ରସାଦ ପତି ପ୍ରମୁଖଙ୍କ ଉପସ୍ଥିତିରେ ଜବତ ସାମଗ୍ରୀ ଗୁଡ଼ିକୁ ନଷ୍ଟ କରାଯାଇଥିଲା।

# ଶତାଧିକ କଂଗ୍ରେସ, ଭାଜପା କର୍ମୀ ବିଜେଡିରେ ସାମିଲ

ନୂଆଗଡ଼/ଆର୍.ଉଦୟଗିରି (ଡି.ଏନ୍.ଏ.), ୨୫।୯



ନୂଆଗଡ଼ ସମାରୋହରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

ନୂଆଗଡ଼ ବ୍ଲକରେ ବିଜେଡି ପକ୍ଷରୁ ବିଶାଳ ବାଇକ୍ ରାଲି ସହ ଏକ ଯୁବ ସମାବେଶ ବିଜେଡି ବ୍ଲକ ଯୁବ ସଭାପତି ଅର୍ମିଏଲ୍ ଏଡଲା, ଜିଲା ସଭାପତି ଏସ୍.ଲିଙ୍ଗରାଜଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଖଜୁରିପଦା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ବାଇକ୍ ରାଲି ଆରମ୍ଭ ହୋଇ ଖଜୁରିପଦା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଜେଡି ଯୁବବାହିନୀ କର୍ମୀଙ୍କୁ ନେଇ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗଜପତି ଜିଲା ପର୍ଯ୍ୟବେକ୍ଷକ ବରିଷ୍ଠ ବିଧାୟକ ଅତନୁ ସବ୍ୟସାଚୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ପ୍ରଦୀପ ନାୟକ, ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ନୂଆଗଡ଼ ବ୍ଲକ ସଭାପତି ଏନୋସ୍ ରଇତ ପ୍ରମୁଖ ଯୋଗଦେଇଥିଲେ। ପରେ ଶତାଧିକ କଂଗ୍ରେସ, ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେହିପରି ମୋହନା ନିର୍ବାଚନମଣ୍ଡଳୀ ସ୍ତରୀୟ ଯୁବ ସମାବେଶ ଜିଲା ପର୍ଯ୍ୟବେକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ପୁନର୍ବାସୀ ନାୟକ, ଜଗଦୀଶ ରାଓ, ବସନ୍ତ ଦାସ, ଏସ୍. ଲିଙ୍ଗରାଜ, ନର୍ମଦା ଦଳାଇ, ରାମ ଦଳବେହେରା, ରଞ୍ଜୀବ ଶବର, ଡ. ତିରୁପତି ପାଣିଗ୍ରାହୀ, ରୂପେଶ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ପର୍ଯ୍ୟବେକ୍ଷକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ଜିଲାକୁ ୧ ତାରିଖରେ ଆସି ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଲୋକଙ୍କୁ ବଣ୍ଟନ କରିବେ ବୋଲି ଘୋଷଣା କରଥିଲେ।

# ବନ୍ୟାଜଳ ଛାଡ଼ିବା ନେଇ ସତର୍କ ସୂଚନା

ବୁଗୁଡ଼ା,୨୫।୯(ଡି.ଏନ.ଏ.)



ସତର୍କ ସୂଚନା ଦେଉଛି ପ୍ରଶାସନ।

ଅତ୍ୟଧିକ ବର୍ଷ ହେବାର ପୂର୍ବ ଅନୁମାନକୁ ଆଖି ଆଗରେ ରଖି ବାଘୁଆ ଜଳ ଭଣ୍ଡାରର ସୁରକ୍ଷା ସକାଶେ ନଦୀରେ ବନ୍ୟାଜଳ ଛାଡ଼ିବାକୁ ଜଳସେଚନ ଉପବିଭାଗ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତାମୂଳକ ସୂଚନା ଶନିବାର ଜାରି କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ ରବି ଓ ସୋମବାର ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇ ଅତ୍ୟଧିକ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ତେଣୁ ବନ୍ଧର ସୁରକ୍ଷା ଦୃଷ୍ଟିରୁ ବନ୍ୟାଜଳକୁ ଯେ କୌଣସି ସମୟରେ ବାଘୁଆ ନଦୀ ମାଧ୍ୟମରେ ନିଷ୍କାସନ କରାଯିବାର ସମ୍ଭାବନା ଦେଖାଦେଇଛି। ବାଘୁଆ ଜଳସେଚନ ପ୍ରକଳ୍ପର ଜଳ ଧାରଣ କ୍ଷମତା ୧୧୩.୮୫ ମିଟର ଉଚ୍ଚତା ସ୍ଥଳେ ବର୍ତ୍ତମାନ ଏହାର ଜଳ ଧାରଣ କ୍ଷମତା ୧୧୨.୦୮ ମିଟର ଉଚ୍ଚତାରେ ପହଞ୍ଚିଲାଣି। ଅତ୍ୟଧିକ ବର୍ଷା ହେଲେ ଜଳଭଣ୍ଡାର ପ୍ରତି ବିପଦ ଦେଖାଦେବାର ସମ୍ଭାବନା ରହିଛି। ତେଣୁ ଏହାର ସୁରକ୍ଷା ଦୃଷ୍ଟିରୁ ଯେକୌଣସି ମୁହୂର୍ତ୍ତରେ ଜଳ ଭଣ୍ଡାରରୁ ବନ୍ୟାଜଳ ବାଘୁଆ ନଦୀ ମଧ୍ୟରେ ନିଷ୍କାସନ କରାଯିବ ବୋଲି ସହ ନିର୍ବାହୀ ଯନ୍ତ୍ରୀ ଇଂ.ବିଷ୍ଣୁ ଚରଣ ସାହୁ ସତର୍କ ସୂଚନା ଜାରି କରିଛନ୍ତି। ଏଥିସହ ନଦୀ କୂଳରେ ଅବସ୍ଥିତ ସମସ୍ତ ଗ୍ରାମବାସୀମାନେ ସତର୍କ ରହି ନଦୀ ଗର୍ଭକୁ ଯିବେ ନାହିଁ କି ଗୃହପାଳିତ ପଶୁମାନଙ୍କୁ ଛାଡ଼ିବେ ନାହିଁ ବୋଲି କୁହାଯାଇଛି।

## ଅତୁଲ୍ୟ ସିହ୍ନାଙ୍କୁ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ,୨୫।୯: ଦକ୍ଷିଣ-ପୂର୍ବ ରେଳପଥର ନୂଆ ଅତିରିକ୍ତ ମହାପ୍ରବନ୍ଧକ (ଏଜିଏମ୍) ଭାବେ ଅତୁଲ୍ୟ ସିହ୍ନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଇଷ୍ଟର୍ନ ରେଲ୍‌ୱେର ଚିଫ୍ ୱାର୍କଶପ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ୧୯୮୬ ବ୍ୟାଚ୍‌ର ଭାରତୀୟ ରେଳ ସେବାର ମେକାନିକାଲ ଇଞ୍ଜିନିୟର ସିହ୍ନା ୧୯୮୮ରେ ଦକ୍ଷିଣ କେନ୍ଦ୍ରୀୟ ରେଳପଥର ଅତିରିକ୍ତ ମେକାନିକାଲ ଇଞ୍ଜିନିୟର ଭାବେ ଭାରତୀୟ ରେଳରେ ଚାକିରି ଜୀବନ ଆରମ୍ଭ କରିଥିଲେ।

### ସଂକ୍ଷେପରେ

## ଟିକସ ଫାଙ୍କି ଅଭିଯୋଗରେ ହୀରା କମ୍ପାନୀରେ ଚଢ଼ାଉ

ନୂଆଦିଲ୍ଲୀ,୨୫।୯: କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ଆୟକର ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଗୁଜରାଟର ହୀରା ବ୍ୟବସାୟୀଙ୍କ ବ୍ୟବସାୟିକ ଅନୁଷ୍ଠାନ ସମେତ ୨୩ଟି ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲା। ବିଭାଗର କହିବା କଥା, କୋଟି କୋଟି ଟଙ୍କାର ଟିକସ ଫାଙ୍କିବା ଏବଂ ବ୍ୟବସାୟିକ ହିସାବପତ୍ର ଠିକ୍ ଭାବେ ପୈଠକରି ନ ଥିବାରୁ ଆୟକର ବିଭାଗ ଗୁଜରାଟର ଏକ ହୀରା ତିଆରି ଓ ରପ୍ତାନି କରୁଥିବା ସଂସ୍ଥାର ବିଭିନ୍ନ ସଂସ୍ଥାରେ ଏକକାଳୀନ ଚଢ଼ାଉ ହୋଇଛି। ସେପ୍ଟେମ୍ବର ୨୨ରୁ ସଂସ୍ଥାର ୨୩ଟି ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଥିବା ଜଣାପଡିଛି। ହୀରା ବ୍ୟବସାୟ ସହ ଚଢ଼ାଉର ସମ୍ମୁଖୀନ ହୋଇଥିବା କମ୍ପାନୀ ଟାଇଲ୍ସ ଉତ୍ପାଦନ ମଧ କରିଥାଏ। ସୁରଟ, ନଭସାରି, ମୋରବି ଓ ଗୁଜରାଟ ଏବଂ ମୁମ୍ବାଇ ଭଳି ସ୍ଥାନରେ କମ୍ପାନୀର ଅନେକ ପ୍ରକାର ବ୍ୟବସାୟ ଚାଲିଛି ବୋଲି ଆୟକର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୮୭୩ କୋଟି ଟଙ୍କାର ଜରିମାନା

ନୂଆଦିଲ୍ଲୀ ୨୫।୯ : ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ (ସିସିଆଇ) ନିକଟରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିୟର ବିକ୍ରି ଓ ବିପଣନରେ ହେଉଥିବା ବ୍ୟବସାୟିକ ଗୋଷ୍ଠୀ ଲାଗି ୩ଟି ବିୟର କମ୍ପାନୀଙ୍କ ସମେତ ବିଭିନ୍ନ ଲୋକଙ୍କ ଉପରେ ୮୭୩ କୋଟି ଟଙ୍କାର ଜରିମାନା କରିଛନ୍ତି। ବଜାର ନିୟମର ଉଲ୍ଲଂଘନ ଲାଗି ସିସିଆଇ ଏହି ଜରିମାନା ୟୁନାଇଟେଡ୍ ବ୍ରିୱେରିଜ ଲିମିଟେଡ୍ (ୟୁବିଏଲ୍), କାର୍ଲ୍ସବର୍ଗ ଇଣ୍ଡିଆ ଓ ଅଲ୍ ଇଣ୍ଡିଆ ବ୍ରୁଓର୍ସ ଆସୋସିଏସନ (ଏଆଇବିଏ)ଙ୍କ ଉପରେ ଲଗାଇଛନ୍ତି। ସିସିଆଇ ଭାରତରେ ବିୟର ପ୍ରସ୍ତୁତ କରୁଥିବା ୩ କମ୍ପାନୀଙ୍କ ବିରୋଧରେ ମଧ ଏକ ଅନ୍ତରୀଣ ଆଦେଶ ଜାରି କରିଛନ୍ତି। ଆୟୋଗଙ୍କ ପକ୍ଷରୁ ଜାରି ହୋଇଥିବା ବୟାନରେ ଏହି କମ୍ପାନୀଗୁଡ଼ିକ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବିୟର ବିକ୍ରି ଓ ଯୋଗାଣରେ ବ୍ୟବସାୟିକ ଗୋଷ୍ଠୀ କରିବା ଗତିବିଧିରେ ଜଡିତ ବୋଲି କହିଛନ୍ତି। ଆୟୋଗଙ୍କ ସୂଚନା ଅନୁସାରେ ୟୁବିଏଲ୍‌କୁ ୪୦%, ସିଆଇପିଏଲ୍‌କୁ ୨୦% ଓ ଏବିଇନବେଭକୁ ୧୦୦% ରିହାତି ଦିଆଯାଇଥିବା କହିଛନ୍ତି।

# 'ହସ୍ତତନ୍ତରେ ଜିଏସ୍‌ଟି ଜିଜିଆ କର'

*ସାରା ଭାରତ, ଏପରିକି ବିଦେଶରେ ମଧ ନିଜ ସଂସ୍ଥାର ନାମକୁ ପରିଚୟ କରାଇପାରିଛନ୍ତି ଭୁବନେଶ୍ୱରର ପ୍ରତିଷ୍ଠିତ ବ୍ୟବସାୟୀ ଲଲାଟେନ୍ଦୁ ମହାନ୍ତି। ଚାକିରି ପଛରେ ନ ଗୋଡ଼ାଇ ବ୍ୟବସାୟ କରିବାର ଇଚ୍ଛା ତାଙ୍କର ପିଲାଦିନରୁ ଥିଲା। ସେ ଦିଗରେ ନିଷ୍ଠାପର ଉଦ୍ୟମ ତାଙ୍କ ପାଇଁ ସଫଳତା ଆଣିଦେଇଛି। ଏକ ଭିନ୍ନ ବ୍ୟବସାୟ କରିବା ଲକ୍ଷ୍ୟରେ ସେ ୟୁନିଟ୍-୨ ମାର୍କେଟ୍‌ରେ ୧୯୮୯ରେ ଖୋଲିଥିଲେ 'ପ୍ରିୟଦର୍ଶନୀ' ନାମରେ ହସ୍ତତନ୍ତ ପୋଷାକର ଏକ ଏକ୍ସକ୍ଲୁସିଭ ଶୋ'ରୁମ୍। ହସ୍ତତନ୍ତ ପୋଷାକରେ ସବୁ ଋତୁରେ ଆରାମ ସାଙ୍ଗକୁ ଆକର୍ଷଣୀୟ ଲୁକ୍ ଦେବା ଲକ୍ଷ୍ୟରେ କାରବାରକୁ ଆଗେଇନେଇଥିବା ଲଲାଟେନ୍ଦୁଙ୍କ ସହ 'ଧରିତ୍ରୀ'ର ଅଭୟ କୁମାର ଦାଶଙ୍କ ସ୍ୱତନ୍ତ୍ର ଆଳାପ।*

**ପ୍ରଶ୍ନ- ହସ୍ତତନ୍ତ ପୋଷାକ ବ୍ୟବସାୟ ପାଇଁ କାହିଁକି ମନ ବଳାଇଲେ?**

ଉତ୍ତର- ୯୦ ଦଶକରେ ଭୁବନେଶ୍ୱର ସାରା ଭିନ୍ନ ଭିନ୍ନ ବ୍ୟବସାୟ ଚାଲିଥିଲା। ପୋଷାକ ବ୍ୟବସାୟ କହିଲେ ସୂତା, ପଲିଷ୍ଟର, କଟନ ଆଦିର ଚାହିଦା ରହିଥିଲା। ସେହି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହସ୍ତତନ୍ତ ପୋଷାକର ଆଦର ବଢୁଥିଲା। ଏପରିକି ବିଦେଶୀମାନେ ସମ୍ବଲପୁର ଶାଢ଼ି କିଣିବା ପାଇଁ ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିଲେ। ଏଭଳି କିଛି ଘଟଣା ଓ ସମସ୍ୟାକୁ ଆଖି ଆଗରେ ରଖି ହସ୍ତତନ୍ତ ବ୍ୟବସାୟ କରିବାକୁ ମନ ବଳାଇଥିଲି। ଗୋଟେ କିଛି ନୂଆ କରିବାର ଇଚ୍ଛା ଓ ସହରରେ ନ ଥିବା ବ୍ୟବସାୟକୁ ବଜାରକୁ ଆଣିବାର ଲକ୍ଷ୍ୟ ଯୋଗୁ ଏହା ସମ୍ଭବ ହୋଇପାରିଛି।

**ପ୍ରଶ୍ନ- ଆପଣଙ୍କ ବ୍ୟବସାୟରେ ବୁଣାକାର କିଭଳି ସହାୟତା ପାଉଛନ୍ତି?**

ଉତ୍ତର- ହସ୍ତତନ୍ତ ବ୍ୟବସାୟ ବିଭିନ୍ନ ଜିଲାର ବୁଣାକାର ପରିବାର ଓ ଅନୁଷ୍ଠାନ ସହଯୋଗରେ କରାଯାଉଛି। ସେଥିପାଇଁ ବୁଣାକାର ଅନୁଷ୍ଠାନ ଜରିଆରେ ଆମ ସଂସ୍ଥା ପରୋକ୍ଷ ଭାବେ ୫୦୦ ବୁଣାକାରଙ୍କ ସହଯୋଗରେ ଆବଶ୍ୟକ ପୋଷାକ ଉତ୍ପାଦନ କରିଥାଏ। ବୁଣାକାରମାନଙ୍କ ଦ୍ୱାରା ଉତ୍ପାଦିତ ଭିନ୍ନ ଭିନ୍ନ ପୋଷାକ ସଂଗ୍ରହ କରାଯାଇ ବିକ୍ରି ପାଇଁ ଅଣାଯାଉଛି। ଏହାଦ୍ୱାରା ବୁଣାକାର ରୋଜଗାର ପାଇଥାନ୍ତି ତା' ସହିତ ବଜାରର ଚାହିଦା ପୂରଣ ହୋଇଥାଏ।

**ପ୍ରଶ୍ନ- କେଉଁ ପୋଷାକର ଚାହିଦା ବଜାରରେ ଅଧିକ ରହିଛି?**

ଉତ୍ତର- ସାଧାରଣତଃ ହସ୍ତତନ୍ତ ପୋଷାକର ଚାହିଦା ଭଲ ରହିଥାଏ। ବିଶେଷକରି ଭିନ୍ନ ଭିନ୍ନ ସମ୍ବଲପୁରୀ ପୋଷାକର ଡିମାଣ୍ଡ ରହିଛି। ବ୍ୟବହାର କରୁଥିବା ଲୋକ ହିଁ ଜାଣି ଥାଏ ଏହି



ଲଲାଟେନ୍ଦୁ ମହାନ୍ତି

ପୋଷାକର ସ୍ୱତନ୍ତ୍ରତା କ'ଣ। ସେଥିପାଇଁ ଏହାର ଦାମ ୧୦ ହଜାରରୁ ଆରମ୍ଭ ହୋଇ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ସ୍ୱତନ୍ତ୍ର ପୋଷାକ ପାଇଁ ଦାମ ଅଧିକ ରହିଥାଏ। ସମ୍ବଲପୁର ପାଟ ସମେତ ବରଗଡ଼, କଟକ, ନୟାଗଡ଼ ଓ ଜଗତ୍‌ସିଂହପୁର ଅଞ୍ଚଳରୁ ପ୍ରସ୍ତୁତ ହେଉଥିବା ଭିନ୍ନ ଭିନ୍ନ ଶାଢ଼ି ଓ ପୋଷାକର ଚାହିଦା ମଧ ରହିଛି।

**ପ୍ରଶ୍ନ- ହସ୍ତତନ୍ତ ବ୍ୟବସାୟରେ ଜିଏସ୍‌ଟିକୁ କିଭଳି ଦେଖୁଛନ୍ତି?**

ଉତ୍ତର- ସ୍ୱାଧୀନତାର ୭୦ ବର୍ଷ ପରେ ହସ୍ତତନ୍ତ ବ୍ୟବସାୟରେ କେନ୍ଦ୍ର ସରକାର ଏକ ଜିଜିଆ କର ଆଦାୟ କଲା ଭଳି ୫% ଜିଏସ୍‌ଟି ଆଦାୟ କରୁଛନ୍ତି, ଯାହାକୁ ନେଇ ଉଭୟ ବ୍ୟବସାୟୀ ଓ ବୁଣାକାର ଅସନ୍ତୁଷ୍ଟ ରହିଛନ୍ତି। ଯେହେତୁ ଏହା ଏକ ଲଘୁ ଶିଳ୍ପ ଏବଂ ଏକ ସୀମିତ ଅଞ୍ଚଳରେ ପରିବ୍ୟାପ୍ତ, ଏହା ଉପରେ କୌଣସି ଟିକସ ଆଜି ପର୍ଯ୍ୟନ୍ତ ଲାଗି ନ ଥିଲା। ସେଥିପାଇଁ ଜିଏସ୍‌ଟି ଏକ ବୋଝ ଭଳି ମନେ ହେଉଛି।

**ପ୍ରଶ୍ନ- ଅବସର ସମୟରେ କ'ଣ କରିବାକୁ ପସନ୍ଦ କରନ୍ତି?**

ଉତ୍ତର-ବ୍ୟବସାୟୀ ଓ ବ୍ୟବସାୟରେ ଅବସର ନ ଥାଏ। ହେଲେ ଏହା ମଧ୍ୟରେ ସମୟ ବାହାର କରି ବିଦେଶ ବୁଲିବାକୁ ପସନ୍ଦ କରେ। ସେହିଭଳି ଘରେ ରହିଲେ ସାଙ୍ଗ ଓ ବନ୍ଧୁ ପରିଜନଙ୍କ ସହ ଭୋଜିଭାତରେ ସମୟ ବିତାଇବାକୁ ଭଲଲାଗେ।

**ପ୍ରଶ୍ନ- ସରକାରୀ ସୁବିଧା ଓ ସହାୟତାକୁ କିପରି ଦେଖୁଛନ୍ତି?**

ଉତ୍ତର- ହସ୍ତତନ୍ତର ପ୍ରଚାର ଓ ପ୍ରସାର ପାଇଁ ସରକାର ଯାହା କିଛି କରୁଛନ୍ତି, ଭଲ ନ ଥିଲେ ମଧ ମନ୍ଦ ନାହିଁ। ସରକାର ସବ୍‌ସିଡି ସାଙ୍ଗକୁ ବୁଣାକାରମାନଙ୍କ ଆବଶ୍ୟକତା ପୂରଣ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ସହ କଲରିଂ ୟୁନିଟ୍ ସ୍ଥାପନ କରାଇଲେ ହସ୍ତତନ୍ତର ଚାହିଦା ଆହୁରି ବଢ଼ିବ।

## ଅକ୍ଟୋବରରେ ୨୧ଦିନ ବନ୍ଦ ରହିବ ବ୍ୟାଙ୍କ

ନୂଆଦିଲ୍ଲୀ ୨୫।୯ : ଅକ୍ଟୋବର ମାସରେ ପାର୍ବଣ ସହ ଅନ୍ୟ ଦିବସ ଏବଂ ଛୁଟିଦିନ ପଡୁଥିବାରୁ ସାରା ଦେଶରେ ୨୧ ଦିନ ବ୍ୟାଙ୍କ ରହିବ ବୋଲି ଜଣାପଡ଼ିଛି। ଏହି ୨୧ ଛୁଟି ମଧ୍ୟରୁ ୧୪ଟି ଆର୍‌ବିଆଇ ଘୋଷଣା କରିଛି। ବଳକା ୭ଟି ଛୁଟି ସାଧାରଣ ଭାବେ ବ୍ୟାଙ୍କ ବନ୍ଦ ରହିବ। ହେଲେ ଏହି ବ୍ୟାଙ୍କ ଛୁଟି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିପାରେ ବୋଲି କୁହାଯାଇଛି। ଏହି ଛୁଟି ମଧ୍ୟରେ ୨ଟି ଶନିବାର ଓ ୫ ରବିବାର ସାମିଲ ରହିଛି। ଆର୍‌ବିଆଇ ପକ୍ଷରୁ ଜାରି ଧାର୍ମିକ ଛୁଟି ଆଧାରରେ ଅକ୍ଟୋବରରେ ଅକ୍ଟୋବର ୧ ବ୍ୟାଙ୍କ ଖାତାର ଅର୍ଦ୍ଧବାର୍ଷିକ ସମାପନ (ଗ୍ୟାଙ୍ଗଟକ), ୨ତାରିଖ ଗାନ୍ଧୀ ଜୟନ୍ତୀ, ୬ ମହାଳୟା (ଅଗରତାଲା, ବେଙ୍ଗାଲୁରୁ, କୋଲକାତା), ୭ ଲେନିଙ୍ଗଥୋ ସନମହୀ (ଇମ୍ଫାଲ), ୧୨ ଦୁର୍ଗାପୂଜା (ମହାସପ୍ତମୀ),୧୩ ଦୁର୍ଗାପୂଜା (ମହାଅଷ୍ଟମୀ), ୧୪ ଦୁର୍ଗାପୂଜା (ମହା ନବମୀ), ୧୫ ଦଶହରା ବା ବିଜୟା ଦଶମୀ, ୧୬ ଦୁର୍ଗାପୂଜା (ଦସେନ),୧୮ କଟି ବିହୁ (ଗୁଆହାଟୀ), ୧୯ ଇଦ୍-ଏ-ମିଲାଦ-ଇଦ୍-ଏ-ମିଲାଦୁନ୍‌ବି,ମିଲାଦ-ଏ-ଶରିଫ, ୨୦ ମହର୍ଷି ବାଲ୍ମିକୀଙ୍କ ଜନ୍ମଦିନ, ଲକ୍ଷ୍ମୀପୂଜା, ଇଦ୍-ଏ-ମିଲାଦ, ୨୨ ଇଦ୍-ଏ-ମିଲାଦ-ଉଲ୍-ନବୀ (ଜମ୍ମୁ, ଶ୍ରୀନଗର),୨୬ ପରିଗ୍ରହଣ ଦିବସ (ଜମ୍ମୁ, ଶ୍ରୀନଗର) ଏବଂ ଅକ୍ଟୋବର ୯ ଓ ୨୩ରେ ଦ୍ୱିତୀୟ ଓ ଚତୁର୍ଥ ଶନିବାର ସମେତ ୩, ୧୦, ୧୭, ୨୪ ଓ ୩୧ ତାରିଖ ରବିବାର ସ୍ୱାଭାବିକ ଛୁଟି ରହିଥାଏ।

## ଭିଆଇଟି-ଆପ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମାବର୍ତ୍ତନ ଉତ୍ସବ

ଅମରାବତୀ,୨୫।୯

ଆନ୍ଧ୍ରପ୍ରଦେଶର ଭେଲୋର ବୈଷୟିକ ଶିକ୍ଷାନୁଷ୍ଠାନ (ଭିଆଇଟି-ଆପ୍,ବିଶ୍ୱବିଦ୍ୟାଳୟ)ପକ୍ଷରୁ ଚଳିତ ବର୍ଷର ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲିଥିୟମ ଆୟନ ବ୍ୟାଟେରି ଉଦ୍ଭାବନ ପାଇଁ ୨୦୧୯-ନୋବେଲ ପୁରସ୍କାର ବିଜେତା ଡ. ଏମ୍. ଷ୍ଟାନ୍‌ଲେ ହ୍ୱିଟିଂହାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ମହାତ୍ମା ଗାନ୍ଧୀ, ନୀଲମ ସଞ୍ଜୀବା ରେଡ୍ଡୀ, ସାବିତ୍ରୀ ବାଈ ଫୁଲେ ଓ ରକ୍ ପ୍ଲାଜା ନାମରେ ନାମିତ ବ୍ଲକଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଭିଆଇଟିର କୁଳପତି ଡ. ଜି. ବିଶ୍ୱନାଥନଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଯଥାବିଧି ସମ୍ପାଦନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଶେକର ବିଶ୍ୱନାଥନ, ଡ. ଶଙ୍କର ବିଶ୍ୱନାଥନ, ଜି.ଭି. ସେଲ୍‌ଭାମ, ଡ. ସନ୍ଧ୍ୟା ପେଣ୍ଡାରେଡ୍ଡୀ, କାଦମ୍ବରୀ ବିଶ୍ୱନାଥନ, ଡ. ଏସ୍‌ଭି କୋଟା ରେଡ୍ଡୀ, ଡ. ସି.ଏଲ୍.ଭି. ଶିବକୁମାରଙ୍କ ସମେତ ଭିଆଇଟିର କର୍ମଚାରୀ ଉପସ୍ଥିତ ଥିଲେ। ସମାବର୍ତ୍ତନ ଉତ୍ସବରେ ୨ ଜଣଙ୍କୁ ପିଏଚ୍.ଡି., ୧୦ ଜଣଙ୍କୁ ସ୍ୱର୍ଣ୍ଣପଦକ ସହ ଛାତ୍ରୀଛାତ୍ରମାନଙ୍କୁ ଅନ୍ୟାନ୍ୟ ଡିଗ୍ରୀ ପ୍ରଦାନ କରାଯାଇଥିଲା। କୋଭିଡ୍ କଟକଣା ଓ ସରକାରୀ ଗାଇଡ୍‌ଲାଇନ ଅନୁସାରେ ସମାବର୍ତ୍ତନ ଉତ୍ସବ ପାଳନ କରାଯାଇଥିଲା।




## ଏଏମ୍-ଏନ୍‌ଏସ୍‌କୁ ଏସ୍.ସି. ଦେ ମେମୋରିଆଲ ଟ୍ରଫି

ଭୁବନେଶ୍ୱର,୨୫।୯

ଏଏମ୍-ଏନ୍‌ଏସ୍ ଇଣ୍ଡିଆର ୪ ଜଣିଆ ଟେକ୍‌ଏଲିଟ୍ ଟିମ୍ (ସବିତା କୁମାରୀ ରାଉତ, ଶିବକ୍ରିଷ୍ଣା ଗୋଲାଗାନି, ହରିପ୍ରସାଦ ଏବଂ ରାଜଶ୍ରୀ ସିହ୍ନା) ୨୦୨୧ ଅଗଷ୍ଟ ୨୮ ଏବଂ ୨୯ରେ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ହୋଇଥିବା ଟିକ୍ୟୁଏମ୍ ଗ୍ଲୋବାଲ ସମ୍ମିଟ ସମ୍ମିଳନୀରେ ଅଂଶଗ୍ରହଣ କରି ଗ୍ରୀନ୍ ବଲ୍ ଡିଫର ମେଶିନକୁ ହ୍ରାସ କରି ଲୁହାପଥର ପେଲେଟର ଗୁଣବତ୍ତାକୁ କିପରି ଉନ୍ନତ କରାଯିବ ତାହା ଉପରେ ଆଲୋଚନା କରିଥିଲେ।ଏହି ପରିପେକ୍ଷୀରେ ଏଏମ୍-ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି.ସୁରେଶ କହିଛନ୍ତି, ଆମ ଦଳ ପକ୍ଷରୁ ଲୁହାପଥର ପେଲେଟ ଉପରେ କରାଯାଇଥିବା ଗବେଷଣା ଗ୍ଲୋବାଲ ସମ୍ମିଳନୀରେ ପ୍ରଶଂସାର ପାତ୍ର ହୋଇଥିବାରୁ ଏହା ଆମ ପାଇଁ ପ୍ରକୃତରେ ଗର୍ବର ବିଷୟ। ଉକ୍ତ କାର୍ଯ୍ୟକ୍ରମ ପଶ୍ଚିମବଙ୍ଗର ଟେକ୍ନୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା, ଯେଉଁଠାରେ ଇଣ୍ଡିଆର କ୍ୱାଲିଟି ସର୍କଲ ଫୋରମ ସହ ଆୟୋଜକ ଥିଲା। ଏହି କାର୍ଯ୍ୟକ୍ରମକୁ ଡେମିଂ ପ୍ରାଇଜ କମିଟି, ଜେୟୁଏସ୍‌ଇ (ଜାପାନୀ ବୈଜ୍ଞାନିକ ଏବଂ ଇଞ୍ଜିନିୟର ସଂଘ)ର ପରିଚାଳନା ନିର୍ଦ୍ଦେଶକ ତଥା ସାଧାରଣ ସମ୍ପାଦକ ନୋରିହୀକୋ ନାକାଜିମା ଉଦ୍‌ଘାଟନ କରିଥିଲେ।

### ଫୁରସତ୍

## ଗର୍ଭ ନିରୋଧକ ହିଁ ବିକଳ୍ପ

ପୃଥିବୀର ଜନସଂଖ୍ୟା ଯୋଗୁ ସଙ୍କଟ ବଢ଼ିବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧିର ବହୁ କାରଣ ରହିଛି। ସେଗୁଡ଼ିକ ମଧ୍ୟରେ ପାଠପଢ଼ାର ଅଭାବ, ଲୋକଙ୍କ ଆର୍ଥିକ ସ୍ଥିତି, ସ୍ୱାସ୍ଥ୍ୟସେବାର ଅଭାବ ଆଦି ମୁଖ୍ୟ କାରଣ।ତେବେ ଜନସଂଖ୍ୟା ବୃଦ୍ଧିକୁ ରୋକିବା କ୍ଷେତ୍ରରେ ଗର୍ଭ ନିରୋଧକ ଏକ ବିକଳ୍ପ ଭାବେ ଉଭା ହୋଇଛି। ୨୦୩୦ ସୁଦ୍ଧା ବିଶ୍ୱସ୍ତରରେ ସ୍ଥାୟୀ ବିକାଶ ଆଜେଣ୍ଡା ଲକ୍ଷ୍ୟ ନେଇ ୧୯୯୪ ସେପ୍ଟେମ୍ବର ୨୬ରେ ଅନୁଷ୍ଠିତ ହୋଇଥିବା ଜନସଂଖ୍ୟା ଏବଂ ବିକାଶ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ବିଶ୍ୱ ଗର୍ଭ ନିରୋଧକ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୨୬କୁ ବିଶ୍ୱ ଗର୍ଭ ନିରୋଧକ ଦିବସ ଭାବରେ ପାଳନ କରାଯାଇ ଆସୁଛି। ଏହି ଦିନ




ବିଶ୍ୱବ୍ୟାପୀ ପରିବାର ଯୋଜନା, ସୂଚନା ଏବଂ ଶିକ୍ଷା ଏବଂ ପ୍ରଜନନ ସ୍ୱାସ୍ଥ୍ୟକୁ ନେଇ ଜାତୀୟ ରଣନୀତି ଏବଂ କାର୍ଯ୍ୟକ୍ରମର ଏକୀକରଣ ଉପରେ ଗୁରୁତ୍ୱାରୋପ କରାଯିବା ସହିତ ସଚେତନତା ସୃଷ୍ଟି କରାଯାଇଥାଏ।

## ଇତିହାସ ବଖାଣେ ନଦୀ

ପ୍ରାଚୀନ ମଣିଷ ସଭ୍ୟତା ନଦୀକୂଳରେ ହିଁ ଗଢ଼ି ଉଠିଥିଲା। ଚାଷ ବାସ ପିଇବା ପାଣିର ସୁବିଧା ସହିତ ନଦୀ ବାଟେ ସଭ୍ୟ ସମାଜର ବାଣିଜ୍ୟର ପଥ ମଧ ବିକଶିତ ହୋଇ ପାରିଥିଲା। ମାନବ ସଭ୍ୟତାର ଇତିହାସ ସହିତ ନଦୀ ଅତି ଅନ୍ତରଙ୍ଗ ଭାବେ ଜଡ଼ିତ।

ଫସଲ ଉତ୍ପାଦନ, କଶକ୍ତି ବିକାଶ ଏବଂ ପରିବହନ ପାଇଁ ନଦୀର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ନଦୀ ଦ୍ୱାରା ଇକୋସିଷ୍ଟମର ବହୁବିଧ ବିକାଶ ସମ୍ଭବ ହୋଇ ପାରିଥାଏ। ମାନବ ସମାଜ ସହିତ ବନ୍ୟପ୍ରାଣୀଙ୍କ ପାଇଁ ନଦୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ସଂରକ୍ଷଣ, ବିକାଶ ତଥା ଏହା ପ୍ରତି ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି। ନଦୀଗୁଡ଼ିକ କେବଳ ସ୍ଥାନ ନୁହେଁ ଲୋକ, ସେମାନଙ୍କର ରୀତିନୀତି, ଅଭ୍ୟାସ, ପରମ୍ପରା ଏବଂ ଜୀବନଶୈଳୀକୁ ମଧ ପ୍ରଭାବିତ କରିଥାଏ। ନଦୀଗୁଡ଼ିକ କେବଳ ଘରୋଇ ଆବଶ୍ୟକତା ଏବଂ କୃଷି ଉଦ୍ଦେଶ୍ୟ ପାଇଁ ଜଳ ଯୋଗାଇ ନ ଥାଏ ବରଂ ଲୋକଙ୍କୁ ଜଳପଥ ଦେଇ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାରେ ସୁବିଧା ପ୍ରଦାନ କରିଥାଏ।

୨୦୦୫ରେ ଜାତିସଂଘ ପକ୍ଷରୁ ଜଳ ଉତ୍ସ ପାଇଁ ଉତ୍ତମ ଯତ୍ନର ଆବଶ୍ୟକତା ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି 'ୱାଟର ଫର୍ ଲାଇଫ' ଦଶନ୍ଧି ଆରମ୍ଭ କରାଯାଇଥିଲା। ଏହା ପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ନଦୀ ଆଡ୍‌ଭୋକେଟ ମାର୍କ ଆଞ୍ଜେଲୋଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପ୍ରସ୍ତାବ ଅନୁସାରେ ବିଶ୍ୱ ନଦୀ ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନଦୀର ଗୁରୁତ୍ୱ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ଚତୁର୍ଥ ରବିବାରକୁ ବିଶ୍ୱ ନଦୀ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ୨୦୨୧ ସେପ୍ଟେମ୍ବର ୨୬ରେ ଏହା ପାଳିତ ହେଉଛି।




## ଗିନିଜ୍ ବୁକ୍ ରେକର୍ଡ କଲା କୁକୁର

**ୱାଶିଂଟନ:** ଲମ୍ବା କାନ ପାଇଁ ବୁକ୍ ରେକର୍ଡ କରିଛି କୁକୁର। ଏହି କୁକୁର କାନର ଲମ୍ବ ୧୨.୩୮ ଇଞ୍ଚ। ଗିନିଜ୍ ଗିନିଜ୍ ୱାଲର୍ଡ ରେକର୍ଡ ଅଧିକାରୀ କହିଛନ୍ତି, ୩ ବର୍ଷୀୟ କୁକୁର ଲୁ'ର କାନ ବହୁତ ଲମ୍ବା, ଯାହା ଅନ୍ୟ କୁକୁରମାନଙ୍କଠାରୁ ଢେର୍ ଅଧିକ। କୁକୁରର ମାଲିକ କୁହନ୍ତି, ଲୁ'ର କାନ ଅସାଧାରଣ ଭାବେ ବଢୁଥିଲା। କରୋନା ସମୟରେ ସେ ଥରେ କୁକୁରର କାନକୁ ମାପିଥିଲେ।



ପରେ ସେ ଜଣେ ପ୍ରାଣୀ ଚିକିତ୍ସକଙ୍କୁ ଡାକିଥିଲେ। ସେ ଲୁ'କୁ ଦେଖିବା ପରେ କହିଥିଲେ, ଓଗେଗନ ପ୍ରଜାତିର ମାଈ କୁକୁରଙ୍କ କାନ ଅନ୍ୟ କୁକୁରମାନଙ୍କ ଅପେକ୍ଷା ଲମ୍ବା ହୋଇଥାଏ।

ଜନ୍ମଦିନ ଶୁଭେଚ୍ଛା



ଶ୍ରୀ ଅମୀୟ ପ୍ରସାଦ ପ୍ରିୟଦର୍ଶୀ (ପ୍ରିନ୍ସ)
ପ୍ରହରାଜପୁର, ମଣ୍ଡାସାହି, ଜଗତ୍‌ସିଂହପୁର
ମୋର ଜନ୍ମଦିନର ଶୁଭେଚ୍ଛା ସହ ମୋତେ ୧୬ବର୍ଷ ଚାଲିଲା। ଆଶୀର୍ବାଦ ସହ ବାପା, ଆଈ, ବିଦୂର ଅଙ୍କଲ, ଆଣ୍ଟି, ମୋର ବଡ଼ଭାଇ ତପୁ, ଲିସି, ରାଜା, ଆଣ୍ଟି ମୋର ଚଲାପଥ ସୁଖମୟ ହେଉ ମାଆ ତାରିଣୀଙ୍କ ପାଖରେ ମୋର ପ୍ରାର୍ଥନା।
Mobile No.- 9937796500, 9556972120
ଧ-୨୧୫୭୧


ଜନ୍ମଦିନ ଶୁଭେଚ୍ଛା



ଗୁଡୁଲ୍ (ଶ୍ୱେତା)
Unit-IX, Road-3, Bhubaneswar
ଆଜି ୨୬।୦୯।୨୧ ରବିବାର ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡେଇ ରଖନ୍ତୁ, ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ, ଭଲ ମଣିଷଟିଏ କରନ୍ତୁ।
ଶୁଭେଚ୍ଛା ସହ ତୋର ଅଜା: (ଧଡୁ)), ଆଈ: (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁଗାମା), ଗେହ୍ଲୁ ସାନଭାଇ (ଆଶୁ) ଓ (ସାନୁ) ସାନ ଭଉଣୀ।
ଧ-୨୧୭୫୪

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି



୰ହାଡୁ ମେହେର
ସାଗରପାଳି, ସୁବର୍ଣ୍ଣପୁର
ଆବିର୍ଭାବ- ତା୦୧।୦୭।୧୯୫୨
ତିରୋଧାନ- ତା୦୬।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ଜୀବନର ପଥପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଅନୁରୋଧ
-:ଶୋକସନ୍ତପ୍ତ:-
ପରିବାରବର୍ଗ, ଆତ୍ମୀୟସ୍ୱଜନ, ଅଞ୍ଚଳବାସୀ।
ଧ-୨୧୭୬୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଇନ୍ଦୁମତୀ ନାୟକ
ସତ୍ୟନଗର, ଡୁମୁଡୁମା, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ଭଲପାଇବା, ସ୍ନେହ, ଆଦର, କର୍ତ୍ତବ୍ୟ ପରାୟଣତା ଆମର ସର୍ବଦା ମନେ ରହିବ।
-: ଶୋକସନ୍ତପ୍ତ :-
କାଳିଆ, ପିଣ୍ଟୁ, ଚିଣ୍ଟୁ, ସ୍ମିପା, ନାତୁଣୀ-ଶ୍ରାୟା ଏବଂ ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୨୧୬୯

ଶ୍ରଦ୍ଧାଞ୍ଜଳୀ



୰ସୁଧାଂଶୁ ମୋହନ ରାଉତରାୟ
(କବି, ପ୍ରଶାସକ)
ପ୍ଲଟ ନଂ - ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ - ୧୪.୧୨.୧୯୩୨
ତିରୋଧାନ - ୨୭.୯.୧୯୯୧
"ତୁମେ ନାହିଁ" ତୁମେନାହିଁ ମନଟାକୁ କରୁନି ବିଶ୍ୱାସ
"ପକ୍ଷହୀନ କପୋତ"ଟି ତୁମକୁ ଦେଲା ଅମୃତ ପରଶି
"ସଂଜ ସକାଳ" ଘୋଷିଜାଣ ବଞ୍ଚିଥିବ ଯଶ ରାଶି ରାଶି
"ତୁମପାଇଁ କବିତା" ର ଗୀତି କେତେ ସ୍ମୃତି ହୃଦୟେ ଭରିଛି
"ଶେଷ ଶ୍ରାବଣ" ଶେଷ କଥା ଶେଷ କବିତାରେ ଶେଷ ସ୍ମୃତି।
ଆଶୀର୍ବାଦ ଭିକାରୀ
ତୁମର
ବନ୍ଧୁ ଓ ପରିବାର ବର୍ଗ
ଧ-୨୧୭୫୯

## ବିବାହ ପରେ ନୂଆ ଘରକୁ ଶିଫ୍ଟ କରିବେ ଆଲିଆ

**ମୁମ୍ବାଇ:** ବଲିଉଡ୍ ନାୟିକା ଆଲିଆ ଭଟ୍ଟ ଏବେ ନିଜ ପର୍ସନାଲ ଲାଇଫରେ ବ୍ୟସ୍ତ ଅଛନ୍ତି । ବଲିଉଡ ଅଭିନେତା ରଣବୀର କପୁରଙ୍କୁ ଆଲିଆ ବିବାହ କରିବେ ବୋଲି ଶୁଣିବାକୁ ମିଳିଥିବା ବେଳେ ସେ ଏବେ ଅଧିକାଂଶ ସମୟରେ ରଣବୀରଙ୍କ ମା' ନିତୁ କପୁର ଓ ଭଉଣୀ ରିଦ୍ଧିମା କପୁରଙ୍କ ସହ ନଜର ଆସୁଛନ୍ତି । କେତେବେଳେ ପାର୍ଟିରେ ତ କେତେବେଳେ ମାର୍କେଟରେ ପୁଣି କେତେବେଳେ ଆଲିଆ ନିତୁ କପୁରଙ୍କ ଘରେ ନଜର ଆସୁଛନ୍ତି । ଏବେ ରଣବୀରଙ୍କର ଏକ ନୂଆ ଘରର କନଷ୍ଟ୍ରକଶନ କାମ ଚାଲିଥିବା ବେଳେ ମଝିରେ ମଝିରେ ଆଲିଆ ସେଠାକୁ ଯାଉଥିବା ଦେଖାଯାଇଛି। ଆଲିଆ ରଣବୀରଙ୍କୁ ବିବାହ କରିବା ପରେ ଏହି ଘରକୁ ସିଫ୍ଟ କରିବେ ବୋଲି ଚର୍ଚ୍ଚା ହେଉଛି। ତେଣୁ ତାଙ୍କ ହିସାବରେ ବି ଘରର ଡିଜାଇନ କରାଯାଉଥିବା ନେଇ ଖବର ପ୍ରକାଶ ପାଇଛି।



CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

TOWER VISION COMPANY Regd.
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ। ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ, ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କୋହଲି-ରୋହିତ ମୁକାବିଲା ଆଜି

**ଆଇପିଏଲ୍-୧୪**

ଦୁବାଇ,୨୫ା୯

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରବିବାର ଦୁଇ ଭାରତୀୟ ତାରକା ମୁକାବିଲାରେ ଅବତୀର୍ଣ୍ଣ ହେବେ। କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ରୋହିତଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଲିଗ୍ ୩୯ତମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କ ନେତୃତ୍ୱ ଏବେ ପରୀକ୍ଷାର ସମ୍ମୁଖୀନ ହୋଇଛି। କୋହଲି ବିଶ୍ୱକପ୍ ପରେ ଟି୨୦ ନେତୃତ୍ୱ ଛାଡିବେ ଓ ରୋହିତ ଦଳରେ ନେତୃତ୍ୱ ନେବେ। ତେଣୁ ବିଭିନ୍ନ ଦୃଷ୍ଟିକୋଣରୁ ଉଭୟ ପରୀକ୍ଷାର ସମ୍ମୁଖୀନ ହେବେ। ବାଙ୍ଗାଲୋର ଓ ମୁମ୍ବାଇ ଗତ ମ୍ୟାଚ୍‌ରେ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ।

ବାଙ୍ଗାଲୋର ଏବେ ମଧ୍ୟ ପଏଣ୍ଟ ତାଲିକାର ଶ୍ରେଷ୍ଠ ୪ରେ ରହିଛି। ୯ଟି ମ୍ୟାଚ୍ ଖେଳି ବାଙ୍ଗାଲୋର ୫ ବିଜୟ, ୪ ପରାଜୟ ସହ ୧୦ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ କ୍ରମାଗତ ଦୁଇଟି ପରାଜୟ ବରଣ କରି ଷଷ୍ଠ ସ୍ଥାନକୁ ଖସିଛି। ମୁମ୍ବାଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୫ ପରାଜୟ ହସ ୮ ପଏଣ୍ଟ ପାଇଛି। ଭାରତୀୟ ଦଳର ତାରକା ବ୍ୟାଟ୍ସମ୍ୟାନମାନେ ଦୁଇ ଦଳ ତରଫରୁ ଖେଳୁଛନ୍ତି। ଏମାନେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ବିଶ୍ୱକପ୍ ଟି୨୦ ଦଳରେ ସ୍ଥାନ ପାଇଥିବା କୋହଲି, ରୋହିତ, ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ହାର୍ଦ୍ଦିକ ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ଝାଡଖଣ୍ଡର ସୌରଭ ତିୱାରୀଙ୍କୁ ସୁଯୋଗ ଦିଆଯାଇପାରେ। ଶାରଜାରେ କୋହଲି ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ଭଲ ଫର୍ମରେ ଥିବା ସୂଚନା ଦେଇଛନ୍ତି। ତେବେ ରୋହିତ ଏ ପର୍ଯ୍ୟନ୍ତ ନିଜ ଦକ୍ଷତା ଅନୁରୂପ ଖେଳିବାରେ ସମର୍ଥ ହୋଇନାହାନ୍ତି। ସୂର୍ଯ୍ୟକୁମାର ଯାଦବ ମଧ୍ୟ ଫର୍ମରେ ନାହାନ୍ତି। ଇଂଲଣ୍ଡରେ ଅନ୍ତିମ ଦୁଇଟି ଟେଷ୍ଟ ପାଇଁ ତାଙ୍କୁ ଡକାଯାଇଥିଲେ ମଧ୍ୟ ସେ ବେଞ୍ଚରେ ବସିଥିଲେ। ଟି୨୦ ବିଶ୍ୱକପ୍ ପୂର୍ବରୁ ଇଶାନ ମଧ୍ୟ ଫର୍ମକୁ ଫେରିବା ଜରୁରୀ ହୋଇପଡିଛି। ତେଣୁ ଦୁଇ ଦଳରେ ସାମିଲ ଥିବା ତାରକା ବ୍ୟାଟ୍ସମ୍ୟାନଙ୍କୁ ନିଜର ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାକୁ ହେବ।


ବ୍ୟାଟିଂ ପରାମର୍ଶଦାତା ସଞ୍ଜୟ ବାଙ୍ଗରଙ୍କ ସହ ବିରାଟ କୋହଲି।

ଆଇପିଏଲ ଦ୍ୱିତୀୟ ଫେଜ୍‌ରେ ମୁମ୍ବାଇ ଓ ବାଙ୍ଗାଲୋର କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ଉଭୟ ଦଳ ସମାନ ବିପକ୍ଷ ଟିମ୍ କୋଲକାତା ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇଛନ୍ତି। ଉଭୟ ଦଳର ବୋଲିଂ ଉଚ୍ଚକୋଟୀର ହୋଇପାରିନାହିଁ। ତେବେ ମୁମ୍ବାଇ ପାଇଁ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଉପଯୋଗୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ଅନ୍ୟମାନେ ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। ସେହିପରି ବାଙ୍ଗାଲୋର ସ୍ପିନର ଯୁଜବେନ୍ଦ୍ର ଚହଲ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ୟମାନେ ସହାୟ ହୋଇନାହାନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ବାଙ୍ଗାଲୋର କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ଗତ ସଂସ୍କରଣରେ ବାଙ୍ଗାଲୋର ୫ଟି ପରାଜୟ ବରଣ କରିଥିଲା। ବାଙ୍ଗାଲୋରର ବୋଲିଂ ମଧ୍ୟ ଆଶାନୁରୂପ ହୋଇପାରିନାହିଁ। ନବଦୀପ ସଇନି ୩୦ ମ୍ୟାଚ୍ ଖେଳି ୧୭ଟି ଉଇକେଟ ହାସଲ କରିଛନ୍ତି। ତେଣୁ ତାଙ୍କ ଉପରେ କୋହଲି ଭରସା କରିପାରୁନାହାନ୍ତି। ଚେନ୍ନାଇ ବିପକ୍ଷରେ ବ୍ୟାଟିଂରେ କୋହଲି ଓ ଦେବଦତ୍ତ ପଡିକାଲ ପ୍ରଥମ ଉଇକେଟରେ ୧୧୧ ରନ ସଂଗ୍ରହ କରିଥିଲେ। କିନ୍ତୁ ଅନ୍ୟମାନେ ବିଫଳ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭାରତ ଓ ହର୍ଷଲ ପଟେଲଙ୍କ ଭଳି ଉପଯୋଗୀ ବ୍ୟାଟ୍ସମ୍ୟାନ ଦଳରେ ଥିଲେ ମଧ୍ୟ କୋହଲି ଓପନିଂ କରିବାକୁ ଆସୁଛନ୍ତି। ତାରକା ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ, ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବି ଡିଭିଲର୍ସ ଏହି ମ୍ୟାଚ୍‌ରେ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବେ ବୋଲି କୋହଲି ଆଶା ରଖିଥିବେ। ସମ୍ମାନର ପ୍ରଶ୍ନ ହୋଇଥିବାରୁ ଉଭୟ ଦଳ ମଧ୍ୟରେ ଏହି ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍**

## ଭାରତକୁ ଦୁଇ ରୌପ୍ୟ ପଦକ

ୟାଙ୍କଟନ(ଯୁକ୍ତରାଷ୍ଟ୍ର ଆମେରିକା), ୨୫ା୯ (ପି.ଟି.)

କଲମ୍ବିଆଠାରୁ ପରାସ୍ତ ହେବାରୁ ଏଠାରେ ଚାଲିଥିବା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଏବଂ ମିକ୍ସଡ ଯୋଡ଼ି କମ୍ପାଉଣ୍ଡ ଆର୍ଚେରୀ ଟିମ୍ ୨ ରୌପ୍ୟ ପଦକ ଲାଭ କରିଛି। ଏହି ୱାର୍ଲ୍ଡ ଇଭେଣ୍ଟରେ ଭାରତ ପ୍ରଥମଥର ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଥିଲା। ଭାରତ ଏହି ଇଭେଣ୍ଟରେ ୧୦ ଥର ପୋଡିୟମ ଫିନିଶ କରିଛି। ୮ଥର ଫାଇନାଲରେ ପ୍ରବେଶ କରି ପ୍ରତ୍ୟେକ ଥର ରୌପ୍ୟ ଜିତିପାରିଛି। ହେଲେ ଥରେ ହେଲେ ସ୍ୱର୍ଣ୍ଣ ହାସଲ କରିପାରି ନାହିଁ। ଚତୁର୍ଥ ର୍ୟାଙ୍କିଙ୍ଗପ୍ରାପ୍ତ ଭାରତର ଷ୍ଟାର ମିକ୍ସଡ ଯୋଡ଼ି ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନାମ୍ ପ୍ରଥମେ ଏକ ପଏଣ୍ଟ ଅଗ୍ରଣୀ ଲାଭ କରିଥିଲେ। କିନ୍ତୁ ପରବର୍ତ୍ତୀ କାଳରେ କଲମ୍ବିଆ ପ୍ରାଧାନ୍ୟ ବିସ୍ତାର କରିଥିଲା। ଭାରତୀୟ ଯୋଡ଼ି ୪ ପଏଣ୍ଟ ବ୍ୟବଧାନ (୧୫୦-୧୫୪)ରେ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ ଜ୍ୟୋତି, ମୁସ୍କାନ କିରାର୍ ଓ ପ୍ରିୟା ଗୁର୍‌ଜାରଙ୍କୁ ନେଇ ୭ମ ସିଡ୍ ମହିଳା ଦଳ ୫ ପଏଣ୍ଟ (୨୨୪-୨୨୯) ବ୍ୟବଧାନରେ ବିପକ୍ଷ ଦଳର ସାରା ଲୋପେଜ୍, ଆଲେଜାଣ୍ଡ୍ରା ଉସ୍‌କ୍ୱିଆନୋ ଓ ନୋରା ଭାଲ୍‌ଡେଜ୍‌ଙ୍କଠାରୁ ପରାଜିତ ହୋଇଥିଲେ।

**ସଂକ୍ଷେପରେ**

## ସାନିଆ ମିର୍ଜା ଟାଇଟଲ ନିକଟତର



ଓଷ୍ଟ୍ରାଭା (ଚେକ୍ ରିପବ୍ଲିକ୍), ୨୫ା୯ (ପି.ଟି.): ଭାରତର ଭେଟେରାନ ଟେନିସ ଖେଳାଳି ସାନିଆ ମିର୍ଜା ଚଳିତ ସିଜନରେ ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଓ ତାଙ୍କ ପାର୍ଟନର ଶୁଆଇ ଝାଙ୍ଗ୍ ଏଠାରେ ଚାଲିଥିବା ଓଷ୍ଟ୍ରାଭା ଓପନ୍‌ରେ ମାକୋଟୋ ନୋନୋମିୟା ଓ ଇରି ହୋଜୁମିଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଦ୍ୱିତୀୟ ସିଡ୍ ଇଣ୍ଡୋ-ଚାଇନିଜ୍ ଯୋଡ଼ି ସେମିଫାଇନାଲରେ ଜାପାନିଜ୍ ଯୋଡ଼ିଙ୍କୁ ୬-୨, ୭-୫ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ମହିଳା ଡବଲ୍ସ ମ୍ୟାଚ ଏକ ଘଣ୍ଟା ୨୧ ମିନିଟରେ ଶେଷ ହୋଇଥିଲା। ସିଜନ ୨୦୨୧ରେ ୩୪ ବର୍ଷୀୟା ସାନିଆଙ୍କ ଲାଗି ପ୍ରଥମ ଟାଇଟଲ ଜିତିବା ସୁଯୋଗ ଉପନୀତ ହୋଇଛି। ୩୪ ବର୍ଷୀୟା ସାନିଆଙ୍କ ଆଗରେ ବର୍ତ୍ତମାନ ୨୦୨୧ ସିଜନରେ ତାଙ୍କର ପ୍ରଥମ ଟାଇଟଲ ଜିତିବା ସୁଯୋଗ ଉପନୀତ ହୋଇଛି। ଗତ ମାସରେ ସେ କ୍ରିଷ୍ଟିନା ମ୍ୟାକ୍‌ହେଲ୍‌ଙ୍କ ସହ ଡବ୍ଲ୍ୟୁଟିଏ ୨୫୦ କ୍ଲେଭଲାଣ୍ଡ ଇଭେଣ୍ଟରେ ରନର୍ସଅପ୍ ହୋଇଥିଲେ।

## ଅଲ୍‌ଟିମେଟ ଲଦାଖ ସାଇକ୍ଲିଂ ଚ୍ୟାଲେଞ୍ଜ

ଲେହ,୨୫ା୯(ପି.ଟି.): କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଶନିବାର ଅଲ୍‌ଟିମେଟ ଲଦାଖ ସାଇକ୍ଲିଂ ଚ୍ୟାଲେଞ୍ଜର ଦ୍ୱିତୀୟ ସଂସ୍କରଣକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ସହଯୋଗରେ ଲଦାଖ ପୋଲିସ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା 'ଆଜାଦୀ କା ଅମୃତ ମହୋତ୍ସବ' ଓ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ'ର ହେଉଛି ଏକ ଅଂଶବିଶେଷ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଫିଟ୍ ଇଣ୍ଡିଆ ମୁଭମେଣ୍ଟ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ପରିକଳ୍ପନା। ଭାରତର ଲୋକମାନଙ୍କ ମଧ୍ୟରେ ଫିଟ୍‌ନେସ୍ ଚେତନା ବୃଦ୍ଧି କରିବା



ଏହାର ମୂଳ ଉଦ୍ଦେଶ୍ୟ। ଆମେ ସାଇକ୍ଲିଂ କରିବା, ଫିଟ୍ ରହିବା ଓ ଭାରତକୁ ଫିଟ୍ ରଖିବା। ଯୁବ ସମାଜ ଫିଟ୍ ରହିଲେ ଦେଶ ଫିଟ୍ ରହିବ। ସମୁଦ୍ର ପତନଠାରୁ ୧୧,୦୦୦ ଫୁଟ୍ ଉଚ୍ଚରେ ଅନୁଷ୍ଠିତ ଏହି ସାଇକ୍ଲିଂ ପ୍ରତିଯୋଗିତାରେ ଲଦାଖ ଅଞ୍ଚଳର ବହୁ ଯୁବକ ଅଂଶଗ୍ରହଣ କରିବା ଖୁସିର ବିଷୟ। ପାର୍ଲାମେଣ୍ଟ ସଦସ୍ୟ ଜାମୟାଙ୍ଗ୍ ତିସରିଂ ନାମ୍‌ଗ୍ୟାଲ୍ ଓ ସିଇସି ତାଶି ଗ୍ଯାଲସନଙ୍କ ସହ ମନ୍ତ୍ରୀ ନିଜେ ମଧ ଏକ ସାଇକ୍ଲିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ।

**ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଆରମ୍ଭ**

## ଜାଡୁ ବୁଡେକଙ୍କୁ ଏକାଧିକ ସଫଳତା

ଭୁବନେଶ୍ୱର,୨୫ା୯(ସ୍ପୋର୍ଟ୍ସ ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସୁଇମିଂ ପୁଲ କମ୍ପ୍ଲେକ୍ସରେ ଶନିବାରଠାରୁ ୬୧ତମ ଓଡ଼ିଶା ରାଜ୍ୟ



ସୁଇମିଂ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ଆନୁକୂଲ୍ୟରେ ଏହି ଚାମ୍ପିୟନଶିପ୍ ଆୟୋଜିତ ହେଉଛି। ରାଜ୍ୟର ୧୬ ଜିଲାରୁ ମୋଟ ୨୦୦ ସନ୍ତରଣକାରୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ଚାମ୍ପିୟନଶିପ୍‌ରୁ ଜାତୀୟ ଇଭେଣ୍ଟ ପାଇଁ ସନ୍ତରଣକାରୀମାନେ ଯୋଗ୍ୟତା ହାସଲ କରିବେ। କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ସୁଇମିଂ ଚାମ୍ପିୟନଶିପ୍ କାର୍ଯ୍ୟକାରୀ ଅଧକ୍ଷ ପ୍ରଦୀପ ପାଢ଼ୀ ଏହି ଅବସରରେ ଉପସ୍ଥିତ ଥିଲେ। ବରଗଡ଼ର ଜାଡୁ ବୁଡ଼େକ ବାଳକ ୨୦୦ ମି. ଫ୍ରିଷ୍ଟାଇଲ, ୧୦୦ ମି. ବ୍ୟାକ୍ ଷ୍ଟ୍ରୋକ୍, ୫୦ ମି. ବଟରଫ୍ଲାଏ, ୫୦ ମି. ବ୍ୟାକ୍‌ଷ୍ଟ୍ରୋକ୍, ୫୦ ମି. ଫ୍ରିଷ୍ଟାଇଲରେ ଚାମ୍ପିୟନ ହୋଇଛନ୍ତି।

## ଭୁବନେଶ୍ୱରରେ ୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ୨୮ରୁ



ଖବରଦାତା ସମ୍ମିଳନୀରେ ଓସିଏ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୨୫ା୯ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି (ପ୍ଲେଟ୍ ଗ୍ରୁପ୍) ୨୦୨୧-୨୨ ଆୟୋଜନ କରିବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଅଧିକାର ପ୍ରଦାନ କରିଛି। ଶନିବାର ଓସିଏ କର୍ମକର୍ତ୍ତାଙ୍କ ଏକ ବୈଠକ ପରେ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଭୁବନେଶ୍ୱରର ୩ଟି ଭେନ୍ୟୁ କିଟ୍ ୟୁନିଭର୍ସିଟି, ବିକାଶ ସ୍କୁଲ ଓ ଇଷ୍ଟକୋଷ୍ଟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ବିସିସିଆଇର ଗାଇଡ୍‌ଲାଇନ୍ ଅନୁସାରେ ଖେଳାଳି, ଷ୍ଟାଫ୍ ଓ ମ୍ୟାଚ ଅଫିସିଆଲମାନଙ୍କ ଲାଗି ବାୟୋ ସିକିଓର ବବଲ ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ବୈଠକ ପୂର୍ବରୁ ପରଲୋକ ଗମନ କରିଥିବା ଖବରଦାତା ଅରିନ୍ଦମ ଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିଯୋଗିତାରେ ନାଗାଲାଣ୍ଡ, ସିକିମ, ଅରୁଣାଚଳ ପ୍ରଦେଶ, ଜମ୍ମୁ କଶ୍ମୀର, ମେଘାଳୟ ଓ ମଣିପୁର ଦଳ ଭାଗ ନେବେ। ଖେଳାଳିମାନେ ୨୧ରୁ ୨୫ କ୍ୱାରାଣ୍ଟାଇନରେ ରହି ସାରିଛନ୍ତି। ରବିବାର ଓ ସୋମବାର ଦଳଗୁଡ଼ିକ ଅଭ୍ୟାସ କରିବେ। ମ୍ୟାଚ୍‌ଗୁଡ଼ିକ ସେପ୍ଟେମ୍ବର ୨୮ ଓ ୨୯ ଏବଂ ଅକ୍ଟୋବର ୧, ୨ ଓ ୪ ତାରିଖରେ ଖେଳାଯିବ। ଶନିବାର ଅନୁଷ୍ଠିତ ବୈଠକରେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ମେହେତାବ ଖାଁ, କୋଷାଧକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନ୍‌ସିଲ ସଦସ୍ୟ ଶୁଭାଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁ ଏଫ୍‌ସି ସେମିଫାଇନାଲରେ

**ଡୁରାଣ୍ଡ କପ୍ ଫୁଟ୍‌ବଲ**

କୋଲକାତା, ୨୫ା୯(ପି.ଟି.)

ବେଙ୍ଗାଲୁରୁ ଏଫ୍‌ସି ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟରଫାଇନାଲରେ ଦଳ ଆର୍ମି ଗ୍ରୀନ୍‌କୁ ୩-୨ଗୋଲରେ ପରାସ୍ତ କରିଛି। ଦଳ ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଏଫ୍‌ସି ଗୋଆକୁ ଭେଟିବ। ବେଙ୍ଗାଲୁରୁ ତରଫରୁ ଉଙ୍ଗନଗାୟାମ ମୁଇରାଙ୍ଗ୍ (୨୦ତମ ମିନିଟ୍), ଲିଅନ ଅଗଷ୍ଟିନ (୪୭ ତମ) ଓ ନାମ୍‌ଗ୍ୟାଲ୍ ଭୁଟିଆ (୭୪ତମ) ଗୋଲ ସ୍କୋର କରିଥିବା ବେଳେ ଆର୍ମି ଗ୍ରୀନ୍ ପକ୍ଷରୁ ଲ ଲାଲମ୍‌କିମା (୯ମ) ଓ ଭିବିନ ଟି.ଭି. (୮୯ତମ) ଗୋଲ୍ ଦେଇଥିଲେ। ଖେଳ ଆରମ୍ଭରେ ଆର୍ମି ଦଳ ଚାପ ସୃଷ୍ଟି କରି ଖେଳିଥିଲା।

## କ୍ଲିନ୍‌ସୁଇପ୍ ରୋକିବାକୁ ଚେଷ୍ଟା କରିବ ଭାରତ

ମ୍ୟାକ୍‌କେ (ଅଷ୍ଟ୍ରେଲିଆ), ୨୫ା୯ (ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ମଧ୍ୟରେ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ରବିବାର ଖେଳାଯିବ। ଏହି ମ୍ୟାଚ ଜିତିଲେ ଘରୋଇ ଦଳ ୩-୦ରେ କ୍ଲିନ୍ ସୁଇପ୍ ସିରିଜ ବିଜୟୀ ହେବ। ଏହାଦ୍ୱାରା ଅନ୍ତର୍ଜାତୀୟ ଦିନିକିଆରେ ଦଳର କ୍ରମାଗତ ବିଜୟ ଧାରା ୨୭କୁ ବୃଦ୍ଧି ପାଇବ। ଦଳକୁ ଏଥିରୁ ରୋକିବାକୁ ହେଲେ ଚାପରେ ରହିଥିବା ଭାରତୀୟ ବୋଲରମାନଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡ଼ିବ। ଫାଇନାଲ ଓଭରରେ ଝୁଲଣ ଗୋସ୍ୱାମୀଙ୍କ ନୋଲ ବଲ୍ ଯୋଗୁ ଭାରତକୁ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହେବାକୁ ପଡ଼ିଥିଲା। ରାଚେଲ ହେନ୍ସଙ୍କ ଅନୁପସ୍ଥିତିରେ ଓପନିଂ କରିଥିବା ବେଥ୍ ମୁନି ଦୁଇ ଖେଳାଳି ତାହଲିଆ ମ୍ୟାକ୍‌ଗ୍ରା ଓ ନିକୋଲା କାରେଙ୍କ ସହ ଚମତ୍କାର ବ୍ୟାଟିଂ କରି ମ୍ୟାଚ୍‌କୁ ଯେପରି ଭାବେ ଛଡ଼ାଇ ନେଲେ ତାହା ଭାରତୀୟ ଦଳକୁ ଖୁବ୍ ବାଧିଥିବ। ଦଳ ଏହାକୁ ଅନେକ ଦିନ ଧରି ମନେ ରଖିବ। ସେମାନଙ୍କ ଶ୍ରେଷ୍ଠ ବ୍ୟାଟର ଅଲ୍ୟସା ହିଲି ଓ ଆଇକନିକ ଅଧିନାୟିକା ମେଗ୍ ଲାନିଂଙ୍କ ଅବଦାନ ବିନା ବିଜୟ ହାସଲ କରିପାରିଥିଲା। ଏହି ପରାଜୟକୁ ଭାରତୀୟ ଦଳ ଅନେକ ଦିନ ଧରି ମନେ ରଖିବ। ଝୁଲଣ ୨୦୨୧ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ଅମିତା ଶର୍ମାଙ୍କ ପରେ ତାଙ୍କୁ ଏପର୍ଯ୍ୟନ୍ତ ଉପଯୁକ୍ତ ନୂଆ ବଲ୍ ପାର୍ଟନର ମିଳିପାରି ନାହାନ୍ତି। ଶିଖା ପାଣ୍ଡେ ଜଣେ କଠିନ ପରିଶ୍ରମୀ କ୍ରିକେଟର। ମାତ୍ର ଝୁଲଣଙ୍କ ସହ ସେ ମାତ୍ର କାମ ଚଳାଇ ପାରୁଛନ୍ତି। ମାନସୀ ଯୋଶୀ, ପୂଜା ବସ୍ତ୍ରାକାର, ମୋନିକା ପଟେଲଙ୍କ ଉପରେ ଏବେ ସୁଦ୍ଧା ଆସ୍ଥା ପ୍ରକଟ କରାଯାଇ ପାରୁ ନାହିଁ। ମେଘନା ସିଂ ଅଭିଜ୍ଞ ନୁହନ୍ତି।

## ସେମିରେ ଓଡ଼ିଶା ବାଳିକା, ବାଳକ ଦଳ


ଓଡ଼ିଶା ଓ ତେଲଙ୍ଗାନା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚ୍।

**ଜାତୀୟ ଜୁନିୟର ଖୋ ଖୋ**

ଭୁବନେଶ୍ୱର, ୨୫ା୯(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଆୟୋଜକ ଓଡ଼ିଶା ଶନିବାର ଉଭୟ ବାଳିକା ଓ ବାଳକ ବିଭାଗ ସେମିଫାଇନାଲରେ ପ୍ରବେଶ କରିଛି। ବାଳକ ବିଭାଗ ସେମିରେ ଓଡ଼ିଶା ଓ ମହାରାଷ୍ଟ୍ର ପରସ୍ପରକୁ ଭେଟିବେ। ସେହିପରି ଦ୍ୱିତୀୟ ସେମିରେ ଦିଲ୍ଲୀ ଓ ପଶ୍ଚିମବଙ୍ଗ ମୁହାଁମୁହିଁ ହେବେ। ଅନ୍ୟପଟେ ବାଳିକା ବିଭାଗ ପ୍ରଥମ ସେମିରେ ଓଡ଼ିଶା ପ୍ରତିପକ୍ଷ ମହାରାଷ୍ଟ୍ରକୁ ଭେଟିବ। ସେହିପରି ଦ୍ୱିତୀୟ ସେମିରେ କର୍ଣ୍ଣାଟକ ଓ କୋହ୍ଲାପୁର ମୁହାଁମୁହିଁ ହେବେ। ସେମିଫାଇନାଲ ମ୍ୟାଚ୍‌ଗୁଡିକ ରବିବାର ସକାଳ ୮.୩୦ରେ ଆରମ୍ଭ ହେବ।

ବାଳକ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଶନିବାର ୧୧ ପଏଣ୍ଟରେ ତେଲଙ୍ଗାନାକୁ ହରାଇ ସେମିକୁ ଉଠିଛି। ସେହିପରି ମହାରାଷ୍ଟ୍ର ୨ ପଏଣ୍ଟ ଓ ଏକ ଇନିଙ୍ଗ୍‌ସରେ ଛତିଶଗଡ଼କୁ ହରାଇ ସେମିରେ ପ୍ରବେଶ କରିଛି। ଅନ୍ୟ ଏକ କ୍ୱାର୍ଟରରେ ଦିଲ୍ଲୀ ୧ ପଏଣ୍ଟରେ ଆନ୍ଧ୍ର ପ୍ରଦେଶକୁ ହରାଇ ପ୍ରଥମଥର ପାଇଁ ସେମିକୁ ଉଠିଛି। ସେହିପରି ପଶ୍ଚିମବଙ୍ଗ-କୋହ୍ଲାପୁର ମ୍ୟାଚ୍ ଟାଇ ହୋଇଥିଲା। ତେବେ ମିନିମମ୍ ଚେଜ୍‌ରେ ପଶ୍ଚିମବଙ୍ଗ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି।

ଅପରପକ୍ଷରେ ବାଳିକା ବିଭାଗରେ ଓଡ଼ିଶା ୮ ପଏଣ୍ଟ ଓ ଏକ ଇନିଙ୍ଗ୍‌ସରେ ପଶ୍ଚିମବଙ୍ଗକୁ ହରାଇ ସେମିକୁ ଉଠିଛି। ସେହିପରି ମହରାଷ୍ଟ୍ର ୨ ପଏଣ୍ଟ ଓ ଏକ ଇନିଙ୍ଗ୍‌ସରେ ତାମିଲନାଡୁକୁ ହରାଇ ସେମିରେ ପ୍ରବେଶ କରିଛି। ଅନ୍ୟ ସେମିଫାଇନାଲଗୁଡିକରେ କୋହ୍ଲାପୁର ୧ ପଏଣ୍ଟରେ ପଞ୍ଜାବକୁ, କର୍ଣ୍ଣାଟକ ୨ ପଏଣ୍ଟରେ ରାଜସ୍ଥାନକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

# ସୁପରକିଙ୍ଗ୍ସ ପାଇଁ ବରୁଣ ଚ୍ୟାଲେଞ୍ଜ

ଆବୁଧାବି,୨୫ା୯

ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ର ରବିବାର ପ୍ରଥମ ମୁକାବିଲାରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ଇଅନ ମୋର୍ଗାନଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ମୁହାଁମୁହିଁ ହେବେ। କୋଲକାତା ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଚେନ୍ନାଇ ପାଇଁ ବିପଦ ସୃଷ୍ଟି କରିଛନ୍ତି। ଚେନ୍ନାଇ ତରଫରୁ ଘରୋଇ କ୍ରିକେଟ ଖେଳୁଥିବା ବରୁଣ ସୁପରକିଙ୍ଗ୍ସ ପାଇଁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛନ୍ତି। ବରୁଣଙ୍କ ଅତିରିକ୍ତ ବାଉନ୍ସ ଓ ଅପ୍ରତ୍ୟାଶିତ ଆଙ୍ଗଲ୍ ଚେନ୍ନାଇ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବ। ଚେନ୍ନାଇ ଓ କୋଲକାତା ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବେ। ଏହି ଦ୍ୱିତୀୟ ଡବଲ ହେଡର ମୁକାବିଲାରେ ଉଭୟ ଦଳ ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେବେ।

ଉଭୟ ଚେନ୍ନାଇ ଓ କୋଲକାତା ଦ୍ୱିତୀୟ ଫେଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ତେଣୁ ଉଭୟ ଦଳ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛନ୍ତି। ଗତ ସଂସ୍କରଣରେ ବରୁଣ ଚେନ୍ନାଇ ବ୍ୟାଟ୍ସମ୍ୟାନଙ୍କ ଲାଗି ପରୀକ୍ଷା ସୃଷ୍ଟି କରିଥିଲେ। ଚେନ୍ନାଇର ଋତୁରାଜ ଗାଏକ୍ୱାଡ, ଫାଫ୍ ଡୁପ୍ଲେସି, ଅମ୍ବାତି ରାୟୁଡୁ ଓ ଅଧିନାୟକ ଧୋନୀ ସତର୍କତାର ସହ ବରୁଣଙ୍କୁ ମୁକାବିଲା କରିବେ ବୋଲି ଆଶା କରାଯାଉଛି। ଉଭୟ ଦଳ ବାଙ୍ଗାଲୋର ଓ ଗତଥରର ଚାମ୍ପିୟନ ମୁମ୍ବାଇ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ଚେନ୍ନାଇ ମୁମ୍ବାଇ ଓ ବାଙ୍ଗାଲୋରକୁ ଯଥାକ୍ରମେ ୨୦ ଓ ୭ ରନରେ ପରାସ୍ତ କରିଛି। ସେହିପରି କୋଲକାତା ବାଙ୍ଗାଲୋର ଓ ମୁମ୍ବାଇକୁ ଯଥାକ୍ରମେ ୯ ଓ ୭ ଉଇକେଟରେ ହରାଇଛି।

ଚେନ୍ନାଇ ଏ ପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୭ ବିଜୟ, ୨ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ତାଲିକା ଶୀର୍ଷରେ ରହିଛି। ଅନ୍ୟପଟେ କୋଲକାତା ୯ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୫ ପରାଜୟ ସହ


କୋଲକାତା ନାଇଟ୍ ରାଇଡର୍ସ ଦଳର ଦୀନେଶ କାର୍ତ୍ତିକ ଓ ଆନ୍ଦ୍ରେ ରସେଲ।

୮ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଚେନ୍ନାଇ ପାଇଁ ଗାଏକ୍ୱାଡ ଟପ୍ ଅର୍ଡରରେ ଭଲ ପ୍ରଦର୍ଶନ କରିଛନ୍ତି। ମୁମ୍ବାଇ ବିପକ୍ଷରେ ସେ ୫୮ ବଲରୁ ବିଜୟ ସୂଚକ ୮୮ ରନ ସଂଗ୍ରହ କରିଥିଲେ। ଏହାପରେ ଶୁକ୍ରବାର ସେ ବାଙ୍ଗାଲୋର ବିପକ୍ଷରେ ଦ୍ରୁତ ୩୮ ରନ ମଧ୍ୟ ସଂଗ୍ରହ କରିଥିଲେ। ୧୫୭ ରନ ଚେଜ୍ କରିବାରେ ଫାଫ୍ ଡୁପ୍ଲେସି ତାଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହି ଫର୍ମ ଋତୁରାଜ ବଜାୟ ରଖିବାକୁ ପ୍ରୟାସ କରିବେ। ମୁମ୍ବାଇ ବିପକ୍ଷରେ ଚେନ୍ନାଇର ଡୁପ୍ଲେସି ୩୧, ମୋଇନ ଅଲି ୨୩, ଅମ୍ବାତି ରାୟୁଡୁ ୩୨, ସୁରେଶ ରାଇନା ଅପରାଜିତ ୧୭, ଧୋନୀ ୧୧ ରନ କରି ଭଲ ଆରମ୍ଭ କରିଥିଲେ। ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁ ଚେନ୍ନାଇ ବିଜୟୀ ହୋଇଥିଲା। ବାଙ୍ଗାଲୋର ବିପକ୍ଷରେ ଡ୍ୱେନ ବ୍ରାଭୋ (୩/୨୪), ଶାର୍ଦ୍ଦୁଲ ଠାକୁର (୨/୨୯) ଓ ଦୀପକ ଚହର (୧/୩୫) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

ଅପରପକ୍ଷରେ ବାଙ୍ଗାଲୋର ଓ ମୁମ୍ବାଇକୁ ହରାଇବା ପରେ କୋଲକାତା ଏକ ସମ୍ପୂର୍ଣ୍ଣ ଭିନ୍ନ ଦଳ ଭଳି ମନେହେଉଛି। ଯୁବ ଓପନର ଭେଙ୍କଟେଶ ଆୟାର କୋଲକାତା ବିପକ୍ଷରେ ୨୭ ବଲରୁ ୪୧ ଓ ମୁମ୍ବାଇ ବିପକ୍ଷରେ ୩୦ ବଲରୁ ୫୩ ରନ ସଂଗ୍ରହ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଏହି ମ୍ୟାଚ୍‌ରେ ସେ ଦୀପକ ଚହରଙ୍କ ସୁଇଙ୍ଗକୁ ସାମ୍ନା କରିବେ ଓ ପରୀକ୍ଷାର ସମ୍ମୁଖୀନ ହେବେ। ସେହିପରି ଶୁବମନ ଗିଲ ଓ ରାହୁଲ ତ୍ରିପାଠୀ ମଧ୍ୟ ଭଲ ଫର୍ମରେ ଅଛନ୍ତି। ଅଧିନାୟକ ଇଅନ ମୋର୍ଗାନ ମଧ୍ୟ ରନ ସଂଗ୍ରହ କରିବାକୁ ବ୍ୟଗ୍ର ଥିବେ। ବୋଲିଂରେ ବରୁଣଙ୍କୁ ବାଦ୍ ଦେଲେ ଅଲରାଉଣ୍ଡର ଆନ୍ଦ୍ରେ ରସେଲ, ଲୋକି ଫର୍ଗୁସନ, ସୁନୀଲ ନାରିନ ଓ ପ୍ରସିଦ୍ଧ କ୍ରିଷ୍ଣା ଭଲ ପ୍ରଦର୍ଶନ ବଜାୟ ରଖିବାକୁ ପ୍ରୟାସ କରିବେ। ୨୦୧୪ରେ କୋଲକାତା କ୍ରମାଗତ ୯ଟି ବିଜୟ ହାସଲ କରି ଟାଇଟଲ ଜିତିଥିଲା। ଏଥର ମଧ୍ୟ କୋଲକାତା ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ରବିବାର, ୨୬ ସେପ୍ଟେମ୍ବର, ୨୦୨୧ Berhampur, Sunday, September 26/2021

# ଦିଲ୍ଲୀ କ୍ୟାପିଟାଲ୍ସ ଟେବୁଲ ଶୀର୍ଷରେ

**ଆବୁଧାବି,୨୫।୯**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦ୍ୱିତୀୟ ଫେଜ୍‌ରେ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଶୀର୍ଷକୁ ଉଠିଛି। ସ୍ଥାନୀୟ ଜଏଦ୍ କ୍ରିକେଟ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଲିଗ୍‌ର ୩୬ତମ ମ୍ୟାଚ୍‌ରେ ଦିଲ୍ଲୀ ୩୩ ରନରେ ରାଜସ୍ଥାନ ରୟାଲ୍ସକୁ ହରାଇ ପଏଣ୍ଟ ତାଲିକାର ୧ ନମ୍ବର ସ୍ଥାନରେ ରହିଛି। ଏଥିସହ ରାଜସ୍ଥାନ ରୟାଲ୍ସ ସଞ୍ଜୁ ସାମ୍‌ସନଙ୍କ ଅଧିନାୟକ ଇନିଂସ (ଅପରାଜିତ ୭୦ ରନ, ୫୩ ବଲ, ୮ ଚୌକା, ୧ ଛକା) ନିଷ୍ଫଳ ସାବ୍ୟସ୍ତ ହୋଇଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ ୬ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ରାଜସ୍ଥାନ ୬ ଉଇକେଟ ହରାଇ ୧୨୧ ରନରେ ସୀମିତ ରହି ପରାଜୟ ବରଣ କରିଛି। ୩୨ ବଲରୁ ୧ ଚୌକା, ୨ ଛକା ସହ ୪୩ ରନ ସଂଗ୍ରହ କରିଥିବା ଦିଲ୍ଲୀ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ଦିଲ୍ଲୀ ୧୦ଟି ମ୍ୟାଚ୍ ଖେଳି ୮ ବିଜୟ, ୨ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ସେହିପରି ରାଜସ୍ଥାନ ରୟାଲ୍ସ ୯ଟି ମ୍ୟାଚ୍ ଖେଳି ୪ ବିଜୟ, ୫ ପରାଜୟ ସହ ୮ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ରହିଛି।

୧୫୫ ରନ ବିଜୟ ଲକ୍ଷ୍ୟର ପିଛା କରି ରାଜସ୍ଥାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା ଓ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ଅଧିନାୟକ ସାମ୍‌ସନ ଦ୍ରୁତ ୭୦ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଅନ୍ୟମାନେ ଫେଲ୍ ମାରିଥିଲେ ଓ ତାଙ୍କୁ ସହାୟତା ପ୍ରଦାନ କରି ନ ଥିଲେ। ମହିପାଲ ଲୋମରର ୧୯ ରନ କରି ଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ନ ଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଅନ୍‌ରିଚ ନୋର୍ଜେ ୨, ଆଭେସ ଖାଁ, ରବିଚନ୍ଦ୍ରନ ଅଶ୍ୱିନ, କାଗିସୋ ରାବାଡା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୧ ରନରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ଶିଖର ଧାୱନ ୮, ପୃଥ୍ୱୀ ଶ ୧୦ ରନକରି ଆଉଟ ହେବା ପରେ ଆୟାର ଓ ପନ୍ତ ତୃତୀୟ ଉଇକେଟରେ ୪୫ ବଲରୁ ୬୨ ରନ ସଂଗ୍ରହ କରିଥିଲେ। ଦଳ ତରଫରୁ ପନ୍ତ ୨୪, ଶିମରନ ହେଟମେୟର ୨୮, ଅକ୍ଷର ୧୨ ରନକରି ଆଉଟ ହୋଇଥିବା ବେଳେ ଲଳିତ ଯାଦବ ୧୪ ରନକରି ଅପରାଜିତ ରହିଥିଲେ। ରାଜସ୍ଥାନ ତରଫରୁ ବୋଲିଂରେ ଚେତନ ସାକାରିୟା ଓ ମୁସ୍ତାଫିଜୁର ରହମାନ ୨ଟି ଲେଖାଏ, କାର୍ତ୍ତିକ ତ୍ୟାଗୀ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର :**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୪/୬ (ଆୟାର– ୪୩, ହେଟମେୟର– ୨୮, ପନ୍ତ– ୨୪, ମୁସ୍ତାଫିଜୁର– ୨/୨୨, ସାକାରିୟା– ୨/୩୩)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୨୧/୬ (ସଞ୍ଜୁ ସାମସନ– ୭୦*, ମହିପାଲ– ୧୯, ନୋର୍ଜେ– ୨/ ୧୮)।



ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ୍ ଶ୍ରେୟାସ୍ ଆୟାର

## ରବିବାର ମ୍ୟାଚ



ସୁପର କିଙ୍ଗ୍ସ
ବନାମ
ନାଇଟ ରାଇଡର୍ସ

ସ୍ଥାନ : ଆବୁଧାବି
ସମୟ : ଅପରାହ୍ନ ୩.୩୦

ରୟାଲ ଚ୍ୟାଲେଞ୍ଜର୍ସ
ବନାମ
ମୁମ୍ବାଇ ଇଣ୍ଡିଆନ୍ସ

ସ୍ଥାନ : ଦୁବାଇ
ସମୟ : ରାତି ୭.୩୦

ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୮ | ୨ | ୧୬ | +୦.୬୧୧ |
| ଚେନ୍ନାଇ ସୁପରକିଙ୍ଗ୍ସ | ୯ | ୭ | ୨ | ୧୪ | +୧.୧୮୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୫ | ୪ | ୧୦ | −୦.୭୨୦ |
| ନାଇଟ ରାଇଡର୍ସ | ୯ | ୪ | ୫ | ୮ | +୦.୩୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୪ | ୫ | ୮ | −୦.୩୧୦ |
| ରାଜସ୍ଥାନ ରୟାଲ୍ସ | ୯ | ୪ | ୫ | ୮ | −୦.୩୧୯ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | −୦.୩୪୫ |
| ସନ୍‌ରାଇଜର୍ସ | ୮ | ୧ | ୭ | ୨ | −୦.୬୮୯ |

## ହାଇଦ୍ରାବାଦର ପ୍ରଭାବୀ ବୋଲିଂ

**ଶାରଜା,୨୫।୯:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୩୭ତମ ମ୍ୟାଚ୍‌ରେ ଶନିବାର ଲୋକେଶ ରାହୁଲଙ୍କ ପଞ୍ଜାବ କିଙ୍ଗ୍ସ ଓ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ୨୦ ଓଭରରେ ୭ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଛି। ହାଇଦ୍ରାବାଦ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ପଞ୍ଜାବକୁ ବଡ଼ ସ୍କୋର କରିବାର ସୁଯୋଗ ଦେଇନାହାନ୍ତି।

ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୭ ରନରେ ଦୁଇ ଉଇକେଟ ହରାଇଥିଲା। ଅଧିନାୟକ ଲୋକେଶ ରାହୁଲ ୨୧ ଓ ମୟଙ୍କ ଅଗ୍ରୱାଲ ୫ ରନ କରି ଜାସନ ହୋଲ୍ଡରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଭିଜ୍ଞ କ୍ରିସ୍ ଗେଲ୍ ୧୪ ରନକରି ଆଉଟ ହୋଇଥିବା ବେଳେ ଦଳ ତରଫରୁ ଏଡେନ ମାରକ୍ରାମ ସର୍ବାଧିକ ୨୭ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୋଲାସ ପୁରନ ୮, ଦୀପକ ହୁଦା ୧୩, ନାଥନ ଏଲିସ୍ ୧୨ ରନ କରି ଆଉଟ ହୋଇଥିବା ବେଳେ ହରପ୍ରୀତ ବ୍ରାର ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଜାସନ ହୋଲ୍ଡର ସର୍ବାଧିକ ୩, ସନ୍ଦୀପ ଶର୍ମା, ଭୁବନେଶ୍ୱର କୁମାର, ରସିଦ ଖାଁ ଓ ଅବଦୁଲ ସମାଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଓପନ ଚେସ ଚାମ୍ପିୟନଶିପ୍: ପ୍ରିୟାନ୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୫।୯**
**(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଷ୍ଟେଟ ଚେସ୍ ଆସୋସିଏଶନ ଓ ଗଞ୍ଜାମର ସୋରଡା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓପନ ଚେସ୍ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଷ୍ଟୁଆର୍ଟ ସ୍କୁଲର ପ୍ରିୟାନ୍ସ ଦାସ ଅନ୍ତିମ ତଥା ନବମ ରାଉଣ୍ଡ ଶେଷରେ ୮ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ମହେନ୍ଦ୍ର ଜେଜା ମେକାଲା ୬.୫/୩୩ ହାସଲ କରି ଦ୍ୱିତୀୟ ଓ କେନ୍ଦ୍ରାପଡାର ବିରୂପା ସାଇନ୍ସ କଲେଜର ଅବ୍ୟୟ କୁମାର ଦାସ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ମୀନାକ୍ଷୀ ସୁନ୍ଦରମ ଲକ୍ଷ୍ମଣ ଚତୁର୍ଥ, କଟକର ରବୀନ୍ଦ୍ର କୁମାର ଓଝା ପଞ୍ଚମ, ଭୋପାଳର ଅମତାଂଶୁ ପ୍ରିୟଦର୍ଶନ ଷଷ୍ଠ, ଭୁବନେଶ୍ୱର ସଞ୍ଜୟ ନାଏକ, କେନ୍ଦୁଝରର ଶାନ୍ତନୁ କୁମାର ଦାଶ, ଯାଜପୁରର ବସନ୍ତ କୁମାର ଦାସ, କେନ୍ଦୁଝରର ଶୁଭ୍ରାଂଶୁ ଶେଖର ଦାସ, ଭୁବନେଶ୍ୱରର ସୌମ୍ୟ ରଞ୍ଜନ ମିଶ୍ର ଓ ଚେନ୍ନାଇର ଅଭିଷେକ ଜୁନିୟର ଯଥାକ୍ରମେ ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ, ଦଶମ, ଏକାଦଶ ଓ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ମହିଳା ଖେଳାଳି ଭାବେ ସ୍ନେହାଞ୍ଜଳି ପ୍ରଧାନ ଓ ଶ୍ରେଷ୍ଠ ଭେଟେରାନ ଖେଳାଳି ଭାବେ ଭୀମସେନ ପ୍ରଧାନ (୬୭ ବର୍ଷ) ପୁରସ୍କୃତ ହୋଇଛନ୍ତି। ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ ବର୍ଗ ଓ ବାଳିକା ବର୍ଗରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ